

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୦୯ ଅଗଷ୍ଟ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 09 August 2026

Vol.No. 36 ■ No.208 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା

ସାଗରିକା

(ରଥ ସଂଖ୍ୟା)

ଡିଜିଟାଲ ଫର୍ମାଟରେ

ମଧ୍ୟ ଉପଲବ୍ଧ...

ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ଦସଙ୍କାଣ୍ଡ ସାମ୍ନା, ବାଲେଶ୍ୱର

website : sagarika.in.net



# ସୀମା ପୁନଃନିର୍ଦ୍ଧାରଣକୁ ନେଇ ତାମିଲନାଡୁରେ ରାଜନୀତି: ମୁଖ୍ୟମନ୍ତ୍ରୀଙ୍କ ବୈଠକକୁ ଆସିଲେନି ୩୭ ସାଂସଦ



ନୂଆଦିଲ୍ଲୀ,୮/୮ : ପ୍ରସ୍ତାବିତ ଲୋକସଭା ସୀମା ପୁନଃନିର୍ଦ୍ଧାରଣ ପ୍ରକ୍ରିୟାକୁ ନେଇ ତାମିଲନାଡୁ ରାଜନୀତିରେ ଚର୍ଚ୍ଚା ତୀବ୍ର ହୋଇଛି । ସୀମା ପୁନଃନିର୍ଦ୍ଧାରଣ ପରେ ରାଜ୍ୟର ସଂସଦୀୟ ପ୍ରତିନିଧିତ୍ୱ ଉପରେ ସମ୍ଭାବ୍ୟ ପ୍ରଭାବକୁ ନେଇ ଆଲୋଚନା କରିବା ପାଇଁ ଅଗଷ୍ଟ ୮ରେ ମୁଖ୍ୟମନ୍ତ୍ରୀ ଏସ୍. ଜୋସେଫ୍ ବିଜୟ ରାଜ୍ୟର ସମସ୍ତ ସାଂସଦଙ୍କୁ ନେଇ ବୈଠକ ଡାକିଥିଲେ । ହେଲେ ଏହି ବୈଠକରେ ଅଧିକାଂଶ ସାଂସଦ ଯୋଗ ଦେଇନଥିଲେ । ତାମିଲନାଡୁରେ ଲୋକସଭାର ୩୯ ଏବଂ ରାଜ୍ୟସଭାର ୧୮ ଜଣଙ୍କୁ ମିଶାଇ ମୋଟ ୫୭ ଜଣ ସାଂସଦ ଅଛନ୍ତି । ତେବେ ମୁଖ୍ୟମନ୍ତ୍ରୀଙ୍କ ଡକାଇଥିବା ବୈଠକରେ ପ୍ରାୟ ୨୦ ଜଣ ସାଂସଦ ଯୋଗ ଦେଇଥିବା ବେଳେ ୩୭ ଜଣ ଅନୁପସ୍ଥିତ ରହିଥିଲେ । ଏହାକୁ ରାଜନୈତିକ ମହଲରେ ମୁଖ୍ୟମନ୍ତ୍ରୀଙ୍କ ପାଇଁ ଏକ ବଡ଼ ଝଟକା ଭାବେ ଦେଖାଯାଉଛି । ବୈଠକରେ ଯୋଗ ଦେଇଥିବା ସାଂସଦଙ୍କ ମଧ୍ୟରେ କଂଗ୍ରେସ ଏବଂ ଏହାର ସହଯୋଗୀ ଦଳର ପ୍ରତିନିଧି ଅଧିକ ଥିଲେ । କଂଗ୍ରେସର ୧୨ ଜଣ ସାଂସଦଙ୍କ ସହ ଭିସିକେ, ସିପିଆଇ ଓ ସିପିଏମ୍‌ର ୨ ଜଣ ଲେଖାଏଁ ସାଂସଦ ବୈଠକରେ ଯୋଗ ଦେଇଥିଲେ । ଏହାଛଡ଼ା ଏମଡିଏମକେ ଏବଂ ଆଇୟୁଏମଏଲ୍‌ର ଜଣେ ଲେଖାଏଁ ସାଂସଦ ମଧ୍ୟ ଉପସ୍ଥିତ ଥିଲେ । ଅନ୍ୟପକ୍ଷରେ ଡିଏମକେ ପୂର୍ବରୁ ହିଁ ବୈଠକ ବର୍ଜନ କରିବା ନେଇ ଘୋଷଣା କରିଥିଲା । ଡିଏମକେର ୩୦ ଜଣ ସାଂସଦଙ୍କ ସହ ଏଆଇଏଡିଏମକେର ୪, ପିଏମକେ, ଏମଏନଏମ ଓ ଡିଏମଡିକେର ଜଣେ ଲେଖାଏଁ ସାଂସଦ ବୈଠକରେ ଯୋଗ ଦେଇନଥିଲେ । ଡିଏମକେ ପକ୍ଷରୁ କୁହାଯାଇଛି ଯେ ସୀମା ପୁନଃନିର୍ଦ୍ଧାରଣ ଭଳି ବଡ଼ ପ୍ରସଙ୍ଗରେ ଆଲୋଚନା ପୂର୍ବରୁ ଦଳର ଶୀର୍ଷ ନେତୃତ୍ୱଙ୍କ ସହ ଆଲୋଚନା ହେବା ଆବଶ୍ୟକ ଥିଲା । କେବଳ ସାଂସଦଙ୍କୁ ଡାକି ବୈଠକ କରିବାକୁ ଦଳ ଉଚିତ ପଦକ୍ଷେପ ବୋଲି ମନେ କରୁନାହିଁ । ବୈଠକକୁ ବର୍ଜନ କରିଥିବା କିଛି ସାଂସଦଙ୍କ ଅଭିଯୋଗ ହେଉଛି, ସରକାର କାବେରୀ ଜଳ ବିବାଦ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରୁ ଲୋକଙ୍କ ଧ୍ୟାନ ହଟାଇବା ପାଇଁ ସୀମା ପୁନଃନିର୍ଦ୍ଧାରଣ ପ୍ରସଙ୍ଗକୁ ଆଗକୁ ଟଣାଯାଉଛି । କାବେରୀ ନଦୀ ଜଳ ବଣ୍ଟନକୁ ନେଇ କର୍ଣ୍ଣାଟକ ଓ ତାମିଲନାଡୁ ମଧ୍ୟରେ ଦୀର୍ଘଦିନ ଧରି ବିବାଦ ରହିଛି । କର୍ଣ୍ଣାଟକ ସରକାର ମେକେଦାଟୁ ପ୍ରକଳ୍ପ ନିର୍ମାଣ କରିବାକୁ ଚାହୁଁଥିବା ବେଳେ ତାମିଲନାଡୁ ଏହାକୁ ବିରୋଧ କରୁଛି । ଏହି ବିବାଦର ସମାଧାନ ପାଇଁ ଦୁଇ ରାଜ୍ୟ ମଧ୍ୟରେ ଆଲୋଚନାର ପ୍ରସ୍ତାବ ଦିଆଯାଇଥିବା ମଧ୍ୟ କୁହାଯାଇଛି । ସେପଟେ କଂଗ୍ରେସ ସାଂସଦ କାର୍ତ୍ତି ଚିଦମ୍ବରମ

◆◆ପୃଷ୍ଠା ୭


# ପୁଣି ଲଘୁଚାପ, ପୁଣି ବଡ଼ ବର୍ଷା: ଓଡ଼ିଶାରେ ଆସନ୍ନ ବନ୍ୟାକୁ ନେଇ ବଢ଼ିଲା ଭୟ



ଭୁବନେଶ୍ୱର, ୦୮/୮ (ନି.ପ୍ର): ପ୍ରଳୟଙ୍କାରୀ ବନ୍ୟା ବିପତ୍ତିକୁ ସପ୍ତାହେ ପୂରିନି, ପ୍ରଭାବିତ ଅଞ୍ଚଳରେ ପୁଣି ପାଣି ପାଣି ସ୍ଥିତି । ବନ୍ୟା ପ୍ରଭାବିତ ଲୋକେ, ଘରକୁ ଫେରି ଅଣ୍ଟା ସଳଖି ନାହାନ୍ତି, ପୁଣି ଡରାଇଲାଣି ଆସନ୍ନ ବନ୍ୟା । ଏ ଦୃଶ୍ୟ ଭଦ୍ରକ ବ୍ଲକ୍ ଅନ୍ନପାଳ ଓ ବିଷ୍ଣୁପୁରବିନ୍ଧା ଅଞ୍ଚଳର । ଗୋଟେପଟେ ଲଗାଣ ବର୍ଷା ଓ ଅନ୍ୟପଟେ ସାଳନ୍ଦୀ ନଦୀ ପୁଣି ଫୁଲିବାରୁ ପୁରୁଣା ଘାଇରେ ପାଣି ବୁଡାଇ ଦେଇଛି ଏ ଅଞ୍ଚଳ । ସେହିଭଳି ତିହିଡି ବ୍ଲକର ତଳଗୋପବିନ୍ଧା, ବାରୋ, ବିଲଣା, ବାରସର ଆଦି ପଞ୍ଚାୟତରେ ପଶିଛି ବନ୍ୟାଜଳ । ଫଳରେ ପୂର୍ବରୁ ଯାହା କିଛି ବଞ୍ଚିଥିଲା, ତାକୁ ସମୂଳେ ଧୋଇନେବାକୁ ବସିଛି ଦ୍ୱିତୀୟ ବନ୍ୟା । ସେହିଭଳି କାଲି ରାତିରେ ପ୍ରବଳ ବର୍ଷା ପରେ ନାଳିଆ ନଦୀରେ ପାଣି ବଢ଼ିବାରୁ ଲଞ୍ଚାତାରା ନିକଟରେ ୨୦୦ ଫୁଟର ଘାଇ ଫଳରେ ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଛି । ପୁଣି ବନ୍ୟା ଘେରକୁ ଆସିଛନ୍ତି ୧୦୦ରୁ ଅଧିକ ପରିବାର । ଏପଟେ ପୂର୍ବରୁ ବନ୍ୟା ଆଣିଥିବା ବୈତରଣୀରେ ବିପଦ ସଂକେତ ନିକଟରେ ପ୍ରବାହିତ ହେଉଛି ବନ୍ୟାଜଳ । ସେହିଭଳି ଆଖୁଆପଦାଠାରେ ବିପଦ ସଂକେତ ୧୭ ଫୁଟ ଥିବା ବେଳେ ଏବେ ୧୬ ଫୁଟରେ ଚାଲୁଛି ବନ୍ୟା ପାଣି । ସେପଟେ ବନ୍ୟାର ଭୟାନକ କୋପରୁ ଏଯାଏଁ ସଂପୂର୍ଣ୍ଣ ମୁକୁଳିନି ଯାଜପୁର ଜିଲ୍ଲା । ଦଶରଥପୁର ବ୍ଲକ ପାଟଣାଠାରେ ବୈତରଣୀର ଶାଖା କାଣୀ ନଦୀରେ ଦୁଇଟି ଘାଇ ମରାମତି ଚାଲିଥିବା ହଠାତ ଗୋଟିଏ ଘାଇ ବୁଡି ଆଜି ପୁଣି ଧସେଇ ପଶିଛି ବନ୍ୟା ଜଳ । ଫଳରେ ଦଶରଥପୁରର ତରପଦା ଓ କସପା ପଞ୍ଚାୟତକୁ ବନ୍ୟା ଆଉ ଥରେ ପ୍ରଭାବିତ କରିବାର ଆଶଙ୍କା ବଢିଛି । ଯାହାକୁ ନେଇ ଭୟଭୀତ ହୋଇଛନ୍ତି ସ୍ଥାନୀୟ ଅଞ୍ଚଳବାସୀ । ଏପଟେ କଟକ ଜିଲ୍ଲାର ଆଠଗଡ଼ରେ ବି ପୁଣି ଫେରିଛି ଜଳବନ୍ଦୀ ସ୍ଥିତି । କାଲିର ଲଗାଣ ବର୍ଷାରେ ସାପୁଆ ଓ କଣ୍ଟିଆ ନଈରେ ପାଣି ବଢିବାରୁ ଆଠଗଡ଼ ଅଞ୍ଚଳରେ ବିଭିନ୍ନ ଅଞ୍ଚଳକୁ ମାଡ଼ିଛି ବନ୍ୟା ଜଳ । ପୁରୁଣା କଟକ-ସମ୍ବଲପୁର ରାସ୍ତାର ଚମ୍ପାପୁର ନିକଟରେ ରାସ୍ତା ବୁଡ଼ିବାରୁ ଠପ୍ ହୋଇଛି ଯାତାୟାତ । ଆଉ କିଛି ସ୍ଥାନରେ ବର୍ଷାଜଳ ଠିକରେ ନିଷ୍କାସନ ହୋଇପାରୁନଥିବାରୁ, କିଛି

◆◆ପୃଷ୍ଠା ୭

# ଖରିଫ୍ ଧାନ ସଂଗ୍ରହ ପାଇଁ ଆରମ୍ଭ ହୋଇଛି ପଞ୍ଜୀକରଣ: ପ୍ରଥମରୁ ଅଡୁଆ କଲାଣି କଡ଼ା ସର୍ତ୍ତାବଳୀ



ଭୁବନେଶ୍ୱର, ୦୮/୮ (ନି.ପ୍ର): ରାଜ୍ୟରେ ଗୁରୁବାରଠାରୁ ଆରମ୍ଭ ହୋଇଛି ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜୀକରଣ । କିନ୍ତୁ ପଞ୍ଜୀକରଣ ପାଇଁ ସରକାର ରଖିଥିବା ଜଟିଳ ନିୟମ ଯୋଗୁଁ ଧନ୍ଦି ହେଉଛନ୍ତି ଚାଷୀ । ବିଶେଷକରି ପଞ୍ଜିକରଣ ପାଇଁ ସରକାର ରଖିଥିବା ସର୍ତ୍ତ ପୂରଣ କରିବାକୁ ନେଇ ଅଡୁଆରେ ପଡ଼ିଛନ୍ତି ଭାଗଚାଷୀ । ଯାହାର ପ୍ରଭାବ ଦେଖିବାକୁ ମିଳିଛି ଗ୍ରାଉଣ୍ଡଜିରୋରେ । ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ସାରାରାଜ୍ୟରେ ଆରମ୍ଭ ହୋଇଛି ଚାଷୀ ପଞ୍ଜିକରଣ । ଅଧିକାରୀମାନେ ଚାଷୀଙ୍କ ଆବାଶ୍ୟକ କାଗଜପତ୍ର ଦେଖି ପଞ୍ଜୀକରଣ କରୁଛନ୍ତି । କିନ୍ତୁ ପଞ୍ଜିକରଣ ପାଇଁ ସରକାର ଯେଉଁସବୁ କାଗଜପତ୍ର ମାଗିଛନ୍ତି ତାହା ଚାଷୀଙ୍କ ଅଡୁଆ ବଢ଼ାଇଛି । ପୂର୍ବପୁରୁଷଙ୍କ ନାଁରେ ଜମି ପଟ୍ଟା ଥିବାରୁ ବହୁ ଚାଷୀ ପଞ୍ଜୀକରଣ କରିପାରୁନାହାନ୍ତି । ସେହିପରି ଭାଗ ଚାଷୀ ବି କେମିତି ଜମି ମାଲିକଙ୍କ ଦସ୍ତଖତ ଥିବା ଲେଖା ଆଣିବେ, ବୁଦ୍ଧି ବାଟ ପାଉନାହାନ୍ତି । ଏହାର ପ୍ରତିବାଦରେ ଆଜି କଳାହାଣ୍ଡି ଗୋଲାମୁଣ୍ଡାରୁ ଧର୍ମଗଡ଼ ପର୍ଯ୍ୟନ୍ତ ପଦଯାତ୍ରା କରିଛନ୍ତି ଶତାଧିକ ଚାଷୀ । ଚାଷୀ ପଞ୍ଜିକରଣ ପ୍ରକ୍ରିୟାକୁ ସରଳ କରିବାକୁ ଦାବି ରଖିଛନ୍ତି । ଅଧିକାରୀଙ୍କ ପାଖରେ ବି ଏହାର ସଠିକ୍ ଉତ୍ତର ନାହିଁ । ଚାଷୀ ପଞ୍ଜିକରଣ ପ୍ରକ୍ରିୟାକୁ ନେଇ ସରକାରଙ୍କୁ ଘେରିଛନ୍ତି ବିରୋଧୀ । ପଞ୍ଜୀକରଣ ବିଳମ୍ବ, ଏସ୍ଏଚ୍‌ଜିଙ୍କୁ ଧାନ ଉଠା ପ୍ରକ୍ରିୟାରୁ ବାଦ୍, କ୍ଷୁଦ୍ର ଓ ନାମମାତ୍ର ଚାଷୀ ବାଦ୍ ପଡ଼ିବା, ଭାଗଚାଷୀଙ୍କ ସମସ୍ୟା ଉଠାଇ ବର୍ଷିଛନ୍ତି ବିଜେଡି ନେତା । ସେହିପରି ଜମି ମାଲିକ ହିଁ ଜମି ପଞ୍ଜିକରଣ କରିବା ନିୟମକୁ ନେଇ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି । ନୂଆ ନିୟମ ଦ୍ୱାରା ରାଜ୍ୟର ୭୦% ଚାଷୀ ପ୍ରଭାବିତ ହେବେ ବୋଲି କହିଛନ୍ତି । ଜବାବରେ ରାଜ୍ୟ ବିଜେପି ସଭାପତି କହିଛନ୍ତି, ଧାନ ପଞ୍ଜୀକରଣ କିମ୍ବା ଧାନ ସଂଗ୍ରହ ସରକାର କରୁଛନ୍ତି । ଯଦି କୌଣସି ଅଭିଯୋଗ ଅଛି ଆମକୁ ଜଣାନ୍ତୁ । ସମସ୍ତ ଚାଷୀଙ୍କଠୁ ଧାନ କିଣାଯିବ । ବିରୋଧୀ ଅଭିଯୋଗ କରିଲେ ହେବନି । ଗଠନ ମୂଳକ ପ୍ରସ୍ତାବ ଦିଅନ୍ତୁ । ପଞ୍ଜୀକରଣରେ ଯଦି ଜଟିଳ ସମସ୍ୟା ରହିଛି, ତେବେ ସରଳ କରାଯିବ ।

# ରେଭେନ୍ସା ପ୍ରାଧାପକ ଓ ବିଧାୟକ କଳି: କଟକ ସଦର ବିଧାୟକଙ୍କ କ୍ଷମା ଦାବିକଲେ ଛାତ୍ରନେତା



କଟକ, ୦୮/୮ (ନି.ପ୍ର): ରେଭେନ୍ସା ଇଷ୍ଟ୍ ହଷ୍ଟେଲରେ ଛାତ୍ର ଅଶାନ୍ତିରୁ ଆରମ୍ଭ ହୋଇଥିବା ଅଡୁଆ ୩ ଦିନ ହେଲା ତୁଟିବାର ନାଁ ଧରୁନି । ଉଭୟ ପକ୍ଷ ଦୋଷ ସ୍ୱୀକାର କରିବା କିମ୍ବା ସମାଧାନର ପନ୍ଥା ବାହାର କରିବା ପରିବର୍ତ୍ତେ, ନିଜ ନିଜ ଜିଦ୍‌ରେ ଅଟଳ ଅଛନ୍ତି । ଯାହା ଫଳରେ ବିବାଦର ଅନ୍ତ ଆଶା ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି । ଏସବୁ ଭିତରେ ତେଜିଛି ରାଜନୈତିକ ବୟାନବାଜି । ରେଭେନ୍ସା ବିବାଦରେ ତେଜିଲା ରାଜନୀତି । କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ପ୍ରାଧାପକ-ବିଧାୟକ ବିବାଦ ତୁଟୁନଥିବା ବେଳେ, ତାତି ଆହୁରି ବଢ଼ିବାରେ ଲାଗିଛି । କଟକ ସଦର ବିଧାୟକ ପ୍ରକାଶ ସେଠୀ କ୍ଷମା ମାଗନ୍ତୁ ବୋଲି ସାମ୍ବାଦିକ ସମ୍ମିଳନୀ କରି ଦାବି ରଖିଛି ଛାତ୍ର ବିଜେଡି । ଏଥିସହ ଉଚ୍ଚଶିକ୍ଷା ମନ୍ତ୍ରୀ ଓ ରାଜ୍ୟପାଳଙ୍କ ହସ୍ତକ୍ଷେପ ଦାବି କରିଛି । ଏହି ପ୍ରସଙ୍ଗରେ କଟକ ମହାନଗର ନିଗମ ମେୟର ସୁବାସ ସିଂ ବି ମୁହଁ ଖୋଲିଛନ୍ତି ।

◆◆ପୃଷ୍ଠା ୭

## ଚାଷୀଙ୍କ ଅସୁବିଧା ଦୂର କରିବୁ: ମନମୋହନ ସାମଲ

ଭୁବନେଶ୍ୱର, ୮/୮ (ନି.ପ୍ର): ବିରୋଧୀ କେବଳ ଅଭିଯୋଗ କରିଲେ ହେବନି । ସେମାନେ ଗଠନମୂଳକ ପ୍ରସ୍ତାବ ଦିଅନ୍ତୁ । ଯଦି ତାହା ଚାଷୀ ହିତରେ ଥିବ, ଆମେ ଗ୍ରହଣ କରିବୁ ବୋଲି କହିଛନ୍ତି ରାଜ୍ୟ ବିଜେପି ସଭାପତି ତଥା ସାଂସଦ ମନମୋହନ ସାମଲ । ସେ ଆହୁରି କହିଛନ୍ତି ଯେ ଚାଷୀଙ୍କ ପାଇଁ ପଞ୍ଜିକରଣରେ ଯଦି ଜଟିଳ ସମସ୍ୟା ରହିଛି ତେବେ ସରଳ କରାଯିବ । ବିଜେପି ସରକାରରେ ୨ ଥର ଲେଖାଏଁ ରବି ଓ ଖରିଫ ଧାନ ସଂଗ୍ରହ ସରିଛି । ଚାଷୀ କ୍ୱିଂଟାଲ ପିଛା ୩୧୦୦ ଟଙ୍କା ଲେଖାଏଁ ସହାୟତା ପାଇଛନ୍ତି । ଗତ ସରକାର ୫୦ ଟଙ୍କା ସହାୟତା ଦେଇପାରି ନ ଥିଲେ ।

## ରାହୁଲ ଚାହୁଁଛନ୍ତି ଗ୍ଲୋବାଲ୍ ୱାର୍ମିଂ ବଢୁ: ପରିବହନ ମନ୍ତ୍ରୀ


ଭୁବନେଶ୍ୱର, ୮/୮ (ନି.ପ୍ର): ଇଥାନଲ୍ ବ୍ୟବହାର ପ୍ରସଙ୍ଗରେ ପ୍ରତିକ୍ରିୟା ରଖି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି ଯେ ତୈଳ ସଂକଟ ଦୂର କରିବା ପାଇଁ ଇଥାନଲ୍ ବ୍ୟବହାର ହେଉଛି । ଏଥିପାଇଁ ଇଭି, ହାଇଡ୍ରୋଜେନ୍, ସିଏନଜି, ଗୋବର ଓ ବାୟୋ ଗ୍ୟାସ୍ କୁ ଗୁରୁତ୍ୱ ଦିଆଯାଉଛି । ଲୋକଙ୍କ ପାଇଁ, ଲୋକଙ୍କୁ ବୁଝାଇବା ଭଳି କାମ କରୁଛନ୍ତି ମୋଦି ସରକାର । ମାତ୍ର ରାହୁଲ ଗାନ୍ଧି ଏହା ଚାହୁଁନାହାନ୍ତି । ରାହୁଲ ଚାହୁଁଛନ୍ତି ଭାରତ ସବୁବେଳେ ଅନ୍ୟ ଦେଶ ଉପରେ ନିର୍ଭର କରୁ ।

# ଝାଡ଼ଖଣ୍ଡରେ ତୀବ୍ର ହେଉଛି ଛାତ୍ର ଆନ୍ଦୋଳନ: ବାରମ୍ବାର ବସୁଛି ବୈଠକ, ହେଲେ ବାହାରୁନି ନିଷ୍କର୍ଷ



ନୂଆଦିଲ୍ଲୀ,୮/୮ : ଦିଲ୍ଲୀରେ ନିଟ୍ ପେପର ଲିକ୍ ତାତି ଥମିବା ପରେ ଝାଡ଼ଖଣ୍ଡରେ ନିଯୁକ୍ତି ପରୀକ୍ଷାରେ ଅନିୟମିତତା ଏବଂ ପ୍ରଶ୍ନପତ୍ର ଲିକ୍ ଅଭିଯୋଗକୁ ମୁଣ୍ଡ ଟେକିଛି ଛାତ୍ର ଆନ୍ଦୋଳନ । ରାଜ୍ୟ ସରକାର ଓ ଛାତ୍ରଙ୍କ ମଧ୍ୟରେ ୩ ପର୍ଯ୍ୟାୟ ବୈଠକ ବସିସାରିଥିଲେ ବି କୌଣସି ନିଷ୍କର୍ଷ ବାହାରିପାରିନାହିଁ । ଆନ୍ଦୋଳନରତ ଛାତ୍ରଙ୍କ ଦୃଢ଼ୋକ୍ତ- ନ୍ୟାୟ ନମିଳିବା ପର୍ଯ୍ୟନ୍ତ ଅନଶନ ଜାରି ରହିବ । ଝାଡ଼ଖଣ୍ଡରେ ନିଯୁକ୍ତି ପରୀକ୍ଷାରେ ଅନିୟମିତତା ଏବଂ ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ନେଇ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ ତୀବ୍ରରୁ ତୀବ୍ରତର ହେବାରେ ଲାଗିଛି । ସରକାରଙ୍କ ସହ ଆଲୋଚନା ବିଫଳ ହେବା ପରେ ଆନ୍ଦୋଳନ ଜାରି ରହିବ ବୋଲି ଛାତ୍ର ସଂଗଠନଗୁଡ଼ିକ ଚେତାବନୀ ଦେଇଛନ୍ତି । ଝାରଖଣ୍ଡରେ ଚାକିରି ପରୀକ୍ଷାରେ ଅନିୟମିତତାକୁ ନେଇ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ ୧୫ ଦିନରେ ପହଞ୍ଚିଛି । ଛାତ୍ରଛାତ୍ରୀମାନେ ୧୪ତମ ଜେପିଏସସି ପରୀକ୍ଷାକୁ ସମ୍ପୂର୍ଣ୍ଣ ରଦ୍ଦ କରିବା ସହିତ ସମସ୍ତ ଦାବି ପୂରଣ ନହେବା ଯାଏଁ ଆନ୍ଦୋଳନରୁ ଓହରିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି । ସେପଟେ ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ପାଇଁ ରାଜ୍ୟ ସରକାର ଆଗେଇ ଆସିଛନ୍ତି । ସ୍ୱତନ୍ତ୍ର ଇ-ମେଲ୍ ଆଇଡି ଜାରି କରି ଛାତ୍ରଛାତ୍ରୀଙ୍କଠାରୁ ପରାମର୍ଶ ଲୋଡ଼ିଛନ୍ତି ସରକାର । ଅନ୍ୟପକ୍ଷରେ ଘଟଣାର ତଦନ୍ତ କରି କ୍ରାଇମବ୍ରାଞ୍ଚ, ଜେପିଏସିର ୩ ଜଣ ବର୍ତ୍ତମାନର ସଦସ୍ୟଙ୍କୁ ହାଜର ହେବା ପାଇଁ ନୋଟିସ ଜାରି କରିଛି । ଯାହା ରାଜନୈତିକ ଏବଂ ପ୍ରାଶାସନିକ ସ୍ତରରେ ହଲଚଲ ସୃଷ୍ଟି କରିଛି । ଏହି ଛାତ୍ର ଆନ୍ଦୋଳନକୁ ବଳ ଯୋଗାଇଛି ଏବିଭିପି । ଆନ୍ଦୋଳନକାରୀ ଛାତ୍ରମାନେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଅଭିମୁଖେ ଯିବା ବେଳେ ପୁଲିସ ସହ ଧସ୍ତାଧସ୍ତି ଘଟିଥିଲା ଏବଂ କିଛି ଛାତ୍ରଙ୍କୁ ପୁଲିସ ଅଟକ ରଖିଛି । ରାଜ୍ୟରେ ଏବେ ଏହି ପ୍ରସଙ୍ଗକୁ ନେଇ ରାଜନୈତିକ ଉତ୍ତେଜନା ମଧ୍ୟ ବୃଦ୍ଧି ପାଇଛି । ଗୋଟିଏ ପଟେ ଛାତ୍ର ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି, ସେପଟେ ବିଜେପି ମୁଦ୍ଦା ରୁ ଲାଭ ଉଠାଇବାକୁ ବିଧାନସଭାରେ ବିରୋଧ ପ୍ରଦର୍ଶନ କରୁଛି । ରାଜ୍ୟର ମୁଖ୍ୟମନ୍ତ୍ରୀ ତଥା ଶିକ୍ଷାମନ୍ତ୍ରୀ ହେମନ୍ତ ସୋରେନଙ୍କ ଇସ୍ତଫା ଦାବି କରୁଛି ଦଳ ।

# ଆମେରିକାର ଶହେ ପ୍ରତିଶତ ଟାରିଫ୍ ବିଲ୍ ପାସ: ‘ଭାରତକୁ ବନ୍ଧା ପକାଇଦେଲେ’, କହିଲେ କେଜ୍ରିୱାଲ




ନୂଆଦିଲ୍ଲୀ,୮/୮ : ଭାରତକୁ ନେଇ ଆମେରିକାର ଟାରିଫ୍ ବିଲ୍‌କୁ ନେଇ ତେଜ ହୋଇଛି ରାଜନୀତି । ଆମେରିକା ସିନେଟ୍ ୮୬-୧୧ ଭୋଟରେ ଏକ ରୁଷ ବିରୋଧୀ ସାଙ୍କସନ୍ ବିଲ୍‌କୁ ପାସ୍ କରିଛି । ଏହି ବିଲ୍‌ରେ ରୁଷଠାରୁ ତେଲ ଓ ଗ୍ୟାସ୍ କିଣୁଥିବା ପ୍ରମୁଖ ଦେଶଗୁଡ଼ିକ ଉପରେ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ଟାରିଫ୍ ଲଗାଇବାର କ୍ଷମତା ଆମେରିକା ରାଷ୍ଟ୍ରପତିଙ୍କୁ ଦେବାକୁ ପ୍ରସ୍ତାବ ରହିଛି । ଭାରତ ଓ ଚୀନ୍ ସମେତ ୫ଟି ଦେଶ ଏହାର ସମ୍ଭାବ୍ୟ ପ୍ରଭାବିତ ଦେଶ ମଧ୍ୟରେ ରହିଛନ୍ତି, ଯାହା ଭାରତ ପାଇଁ ଅଡୁଆ ହୋଇଛି । ଏହି ପ୍ରସଙ୍ଗକୁ ନେଇ ଏବେ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି ଆମ୍ ଆଦମୀ ପାର୍ଟି ନେତା ଅରବିନ୍ଦ କେଜ୍ରିୱାଲ । ସୋସିଆଲ୍ ମିଡିଆ ପୋଷ୍ଟ କରି କେଜ୍ରିୱାଲ୍ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିଦେଶ ନୀତି ଉପରେ ପ୍ରଶ୍ନ ଉଠାଇଛନ୍ତି । କେଜ୍ରିୱାଲ୍ ଅଭିଯୋଗ କରିଛନ୍ତି ଯେ, ‘ଦେଶକୁ ଆମେରିକାର ହାତରେ ବନ୍ଧା ପକାଇ ଦେବା ପରେ ଟ୍ରମ୍ପଙ୍କ ଗୁଲାମୀ କରିବା ପରେ ଏବଂ ଭାରତର ଅପମାନ କରାଇବା ପରେ ପ୍ରଧାନମନ୍ତ୍ରୀ ମୋଦୀ ଦେଶ ପାଇଁ ଏହା ଆଣିଛନ୍ତି ।’ ସେ ଆହୁରି କହିଛନ୍ତି, ଆଜି ଦେଶର ପ୍ରତ୍ୟେକ ଛୋଟବଡ଼ ନିଷ୍ପତ୍ତିରେ ଟ୍ରମ୍ପଙ୍କ ହସ୍ତକ୍ଷେପ ରହିଛି । କେଜ୍ରିୱାଲଙ୍କ ଅଭିଯୋଗ ଅନୁସାରେ, ପ୍ରଧାନମନ୍ତ୍ରୀ ମୋଦୀ ଟ୍ରମ୍ପଙ୍କ ପ୍ରତ୍ୟେକ କଥା ମାନୁଛନ୍ତି, ତାହା ଭୁଲ ହେଉକି ଠିକ୍ । ଅନ୍ୟପଟେ ଟ୍ରମ୍ପ ସରକାର ଭାରତ ବିରୋଧରେ ବିଭିନ୍ନ କ୍ଷେତ୍ରରେ ନିଷ୍ପତ୍ତି ନେଉଥିବା ବୋଲି ସେ ଦାବି କରିଛନ୍ତି । ତେବେ ଏହି ବିଲ୍‌ର ଉଦ୍ଦେଶ୍ୟ କେବଳ ଭାରତକୁ ଟାର୍ଗେଟ୍ କରିବା ନୁହେଁ । ରୁଷର ତେଲ ଓ ଗ୍ୟାସ୍ ବିକ୍ରିରୁ ଆସୁଥିବା ରାଜସ୍ୱକୁ କମାଇବା ଏବଂ ୟୁକ୍ରେନ୍ ଯୁଦ୍ଧ ପାଇଁ ରୁଷକୁ ମିଳୁଥିବା ଆର୍ଥିକ ସମର୍ଥନ ଉପରେ ଚାପ ସୃଷ୍ଟି କରିବା ଏହି ବିଲ୍‌ର ପ୍ରମୁଖ ଉଦ୍ଦେଶ୍ୟ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସିନେଟ୍‌ରେ ବିଲ୍

◆◆ପୃଷ୍ଠା ୭

# ଏକ୍ସିସ ବ୍ୟାଙ୍କ ଓଲଡଙ୍ଗ ଶାଖାରେ ରକ୍ତଦାନ ଶିବିର ଅନୁଷ୍ଠିତ




ନୀଳଗିରି, ୮/୮ (ନି.ପ୍ର): ନୀଳଗିରି ସ୍ଥିତ ଏକ୍ସିସ ବ୍ୟାଙ୍କ ଓଲଡଙ୍ଗ ଶାଖା ପରିସରରେ ଶନିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସୂଚନାରୁ ଜଣାଯାଇଛି, ନୀଳଗିରି ରକ୍ତକେନ୍ଦ୍ରରେ ରକ୍ତଅଭାବକୁ ଆଖିଆଗରେ ରଖି ଏକ୍ସିସ ବ୍ୟାଙ୍କ ଓଲଡଙ୍ଗ ଶାଖାରେ ଏହି ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଉକ୍ତ ରକ୍ତଦାନ ଶିବିରକୁ ନୀଳଗିରି ଏସ ଡି ଏମ ଓ ଡ଼ା.ସତ୍ୟନାରାୟଣ ନାୟକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଉକ୍ତ ଶିବିରରୁ ୨୨ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିବାଜଣାଯାଇଛି। ରକ୍ତଦାନ ଏକ ମହତ୍ ଦାନ ପାଇଁ ନୀଳଗିରି ରକ୍ତଦାତା ସଂଘର ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ରଙ୍କ ଉଦ୍ୟମରେ ଅନୁପ୍ରାଣିତ ହୋଇ ଆମ୍ଭେ ଆଜି ରକ୍ତଦାନ ଶିବିର ଅନୁଷ୍ଠିତ କରିଛୁ ବୋଲି ବ୍ରାଞ୍ଚ ମ୍ୟାନେଜର ସଂଗ୍ରାମକେଶରୀ ଦାସ ପ୍ରକାଶ କରିଥିଲେ। ଆଗାମୀ ଦିନରେ ମଧ ଅଧିକ ଶିବିର ଅନୁଷ୍ଠିତ କରିବେ ବୋଲି ଶ୍ରୀ ଦାସ କହିଛନ୍ତି। ରକ୍ତଦାତା ସଂଘର ବରିଷ୍ଠ ଉପଦେଷ୍ଟା ସାମ୍ବାଦିକ ରବି ରାଉତ,ରକ୍ତଦାତା ମାନଙ୍କୁ ଉତ୍ସାହିତ କରସହିତ ଆଗାମୀଦିନରେ କିଭଳି ଭାବେ ରକ୍ତ କେନ୍ଦ୍ରରେ ଅଧିକ ରକ୍ତସଂଗ୍ରହ ହେବ ସେଥିପାଇଁ ବକ୍ତବ୍ୟ ରଖିଥିଲେ। ଉକ୍ତ ଶିବିରରେ ଏକ୍ସିସ ବ୍ୟାଙ୍କରେ କାର୍ଯ୍ୟରତ ଅଭିଜିତ ଦାସ, ମଧୁଛନ୍ଦା ନାୟକ, ମନୀଷା ନାୟକ,ରିତିକ୍ ନାୟକ, ଅଶୋକ ଦଲେଇ, ପ୍ରପିତ ପ୍ରଧାନ, ଅଂଶୁମାନ ଜେନା, ପ୍ରଶାନ୍ତ ସେଠି, ଲକ୍ଷ୍ମୀଧର ମଲ୍ଲିକ ପ୍ରମୁଖ ସହଯୋଗ କରିଥିବା ଦେଖାଯାଇଥିଲା। ନୀଳଗିରି ରକ୍ତକେନ୍ଦ୍ରର ଅଧିକାରୀ ମନୋଜ ବାରିକଙ୍କ ସହିତ ଟେକ୍ନିସିଆନ୍ ରାଜେଶ ବେହେରା, ସଂଗ୍ରାମ ମହାପାତ୍ର, ଗତିକୃଷ୍ଣ ମହାନ୍ତି, ରାଜେନ୍ଦ୍ର ବେହେରା ଓ ମଞ୍ଜରି ବେହେରା ପ୍ରମୁଖ ରକ୍ତଦାନ ଶିବିରକୁ ପରିଚାଳନା କରିଥିଲେ।

# ରୁଷିଆ ଭିତରେ ଡ୍ରୋନ ଆକ୍ରମଣ ପାଇଁ ୟୁକ୍ରେନକୁ ଷ୍ଟାରଲିଙ୍କ ବ୍ୟବହାର କରିବାରୁ ଅଟକାଇଲେ ଏଲନ୍ ମସ୍କ

ନୂଆଦିଲ୍ଲୀ,୮/୮ : ଆମେରିକୀୟ ବ୍ୟବସାୟୀ ଏଲନ୍ ମସ୍କ ରୁଷିଆ ଭିତରେ ଗଭୀର ଡ୍ରୋନ୍ ଆକ୍ରମଣ କରିବା ପାଇଁ ୟୁକ୍ରେନକୁ ଏହାର ଷ୍ଟାରଲିଙ୍କ୍ ସାଟେଲାଇଟ୍ ଇଣ୍ଟରନେଟ୍ ସେବା ବ୍ୟବହାର କରିବାକୁ ଅନୁମତି ଦେବାକୁ ମନା କରିଦେଇଛନ୍ତି। ଏହା ୟୁକ୍ରେନର ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ମିଖାଇଲ ଫେଡୋରୋଭଙ୍କ ଦୁଇ ଘନିଷ୍ଠ ସହଯୋଗୀଙ୍କୁ ଉଦ୍ଧୃତ କରି କହିଛନ୍ତି। ରୁଷୀୟ ଆନ୍ତର୍ଜାତୀୟ ସମ୍ବାଦ ଟେଲିଭିଜନ ନେଟୱାର୍କ ରୁଷିଆ ଟୁଡେ , ଆମେରିକୀୟ ପତ୍ରିକା ଦି ଆଟ୍ଲାଣ୍ଟିକ୍ କୁ ଉଦ୍ଧୃତ କରି ରିପୋର୍ଟ କରିଛି ଯେ ଡ୍ରୋନ୍ ଯୁଦ୍ଧର ଜଣେ ପ୍ରମୁଖ ଓକିଲ ତଥା ବୈଷୟିକ ପ୍ରସଙ୍ଗରେ ବିଶେଷଜ୍ଞ ମିଖାଇଲ ଫେଡୋରୋଭଙ୍କୁ ଗତ ମାସରେ ତାଙ୍କ ପଦରୁ ହଟାଇ ଦିଆଯାଇଥିଲା। ସେବେଠାରୁ ତାଙ୍କ ସହକର୍ମୀମାନେ ଷ୍ଟାରଲିଙ୍କର ବ୍ୟବହାର ଉପରେ ନିଜର ଆଭିମୁଖ୍ୟ ପରିବର୍ତ୍ତନ କରିବାକୁ ମସ୍କଙ୍କୁ ନିବେଦନ କରିଛନ୍ତି, କିନ୍ତୁ ଏପର୍ଯ୍ୟନ୍ତ କୌଣସି ସକାରାତ୍ମକ ନିଷ୍ପତ୍ତି ନିଆଯାଇ ନାହିଁ। ଫେଡୋରୋଭଙ୍କ ଜଣେ ସହଯୋଗୀଙ୍କ ଅନୁଯାୟୀ, ମସ୍କ ଏହି ବାର୍ତ୍ତା ପ୍ରଦାନ କରିବା ଜାରି ରଖିଛନ୍ତି ଯେ ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ଏକ ଚୁକ୍ତି ହେବାର ସମୟ ଆସିଛି। ଏଥି ସହିତ, ମିଖାଇଲ ଫେଡୋରୋଭଙ୍କୁ ପଦବୀରୁ ହଟାଇବା ନିଷ୍ପତ୍ତି ମଧ ୟୁକ୍ରେନରେ ଆଲୋଚନାକୁ ତୀବ୍ର କରିଛି। ରିପୋର୍ଟ ଅନୁଯାୟୀ, ଫେଡୋରୋଭଙ୍କ ରଣନୈତିକ ପ୍ରାଥମିକତା ଏବଂ ସାମରିକ ନେତୃତ୍ୱ ମଧ୍ୟରେ ପାର୍ଥକ୍ୟ ଥିଲା। ରିପୋର୍ଟ ଅନୁଯାୟୀ, ଗତ ମାସରେ ଆମେରିକା ଗସ୍ତ ସମୟରେ ୟୁକ୍ରେନର ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ମସ୍କଙ୍କୁ ପ୍ରଭାବିତ କରିବାରେ ସାହାଯ୍ୟ ମାଗିଥିଲେ। ତେବେ ରିପୋର୍ଟ ଅନୁଯାୟୀ, ଟ୍ରମ୍ପ ଏହି ପ୍ରସଙ୍ଗରେ କୌଣସି ନିର୍ଦ୍ଦିଷ୍ଟ ଆଶ୍ୱାସନା ଦେଇନାହାଁନ୍ତି। ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବାର କିଛି ସମୟ ପରେ, ମସ୍କଙ୍କ କମ୍ପାନୀ ସ୍ପେସ୍ଏକ୍ସ ୟୁକ୍ରେନକୁ ହଜାର ହଜାର ଷ୍ଟାରଲିଙ୍କ ଟର୍ମିନାଲ ପ୍ରଦାନ କରିଥିଲା। ଯୁଦ୍ଧ ସମୟରେ ୟୁକ୍ରେନୀୟ ସାମରିକ ଏବଂ ବେସାମରିକ ଯୋଗାଯୋଗ ପାଇଁ ଏହି ସେବା ଗୁରୁତ୍ୱପୂର୍ଣ୍ଣ ରହିଥିଲା । ତେବେ, ମସ୍କ ଏବଂ ୟୁକ୍ରେନୀୟ କର୍ତ୍ତୃପକ୍ଷଙ୍କ ମଧ୍ୟରେ ମତଭେଦ ସମୟ ସହିତ ବୃଦ୍ଧି ପାଇଥିଲା। ମସ୍କ ଅନେକ ସମୟରେ ଋଷିଆ-ୟୁକ୍ରେନ୍ ବିବାଦର ଏକ ବୁଝାମଣା ସମାପ୍ତ ପାଇଁ ଓକିଲାତି କରିଛନ୍ତି ଏବଂ ଚେତାବନୀ ଦେଇଛନ୍ତି ଯେ ଯୁଦ୍ଧର ବୃଦ୍ଧି ଏକ ବ୍ୟାପକ ବିଶ୍ୱ ବିବାଦକୁ ବିପଦରେ ପକାଇପାରେ। ୨୦୨୩ ରେ, ରିପୋର୍ଟ ପ୍ରକାଶ ପାଇଥିଲା ଯେ ମସ୍କ ରୁଷ-ଅଧିକୃତ କ୍ରିମିଆ ନିକଟରେ ଋଷର କଳା ସାଗର ନୌବହର ଉପରେ ଆକ୍ରମଣ କରିବାକୁ ଷ୍ଟାରଲିଙ୍କ ବ୍ୟବହାର କରିବାକୁ ୟୁକ୍ରେନର ଅନୁରୋଧକୁ ଗ୍ରହଣ କରିନଥିଲେ। ସେହି ସମୟରେ, ମସ୍କ କହିଥିଲେ ଯେ ଏପରି କରିବା ଦ୍ୱାରା ତାଙ୍କ କମ୍ପାନୀ ସ୍ପେସ୍ଏକ୍ସ ସିଧାସଳଖ ଏପରି କାର୍ଯ୍ୟରେ ସମ୍ପୃକ୍ତ ହୋଇଥାଆନ୍ତା ଯାହା ଯୁଦ୍ଧ ଏବଂ ସଂଘର୍ଷରେ ପରିଣତ ହୋଇଥାଆନ୍ତା। ରୁଷର ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ମାରିଆ ଜାଖାରୋଭା ଗତ ମାସରେ କହିଥିଲେ ଯେ ଯଦି ମସ୍କ ପ୍ରକୃତରେ ୟୁକ୍ରେନରେ ମୃତ୍ୟୁ ବନ୍ଦ କରିବାକୁ ଚାହାଁନ୍ତି, ତେବେ ସେ ସେଠାରେ ଷ୍ଟାରଲିଙ୍କ ସେବା ସମ୍ପୂର୍ଣ୍ଣ ବନ୍ଦ କରିବା ଉଚିତ୍।

# ନୃତ୍ୟ ସଙ୍ଗୀତ କଳାମନ୍ଦିରର ନୂତନ କର୍ମକର୍ତ୍ତା ଚୟନ

## ସଭାପତି ଭାବରେ ଡ. ସୁବାସ ଚନ୍ଦ୍ର ପାତ୍ର ଓ ସଂପାଦକ ଭାବରେ ଲକ୍ଷ୍ମୀନାରାୟଣ ଘୋଷ ମନୋନୀତ



ବାଲେଶ୍ୱର, ୮/୮ (ନି.ପ୍ର): ବାଲେଶ୍ୱର ନୃତ୍ୟ ସଙ୍ଗୀତ କଳାମନ୍ଦିରର ବାର୍ଷିକ ଅଧିବେଶନ ଓ ଆସନ୍ତା ୩ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠାନର ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ରଙ୍କ ପୌରହିତ୍ୟରେ ସ୍କୁଲ ପରିସରରେ ଥିବା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସାଧାରଣ ସଂପାଦକ ଲକ୍ଷ୍ମୀନାରାୟଣ ଘୋଷ ବିବରଣୀ ପାଠ କରିଥିବାବେଳେ କୋଷାଧକ୍ଷ ହରେନ ଚନ୍ଦ୍ର ରଣା ବାର୍ଷିକ ଆୟ ବ୍ୟୟ ଅଟକଳର ବିବରଣୀ ପାଠ କରିଥିଲେ। ମୁଖ୍ୟ ଉପଦେଷ୍ଟା ଶରତ ଚନ୍ଦ୍ର ଦାଶ ଏହି ଅବସରରେ ସେଠାରେ ଉପସ୍ଥିତ ରହି ଚଳିତ ବର୍ଷ ଅନୁଷ୍ଠାନର ୭୦ବର୍ଷ ପୂର୍ତ୍ତି ଅବସରରେ ହେବାକୁ ଥିବା ରତ୍ନ ଜୟନ୍ତୀ କିପରି ପାଳନ ହେବ ସେ ସଂପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ। ପରେ ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଅଶୋକ କୁମାର ଆଶ୍ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପୂର୍ବବର୍ଷ ପରି ଚଳିତବର୍ଷ ମଧ୍ୟ ସଭାପତି ଭାବେ ଡ. ସୁବାସ ଚନ୍ଦ୍ର ପାତ୍ର, ଉପସଭାପତି ଉତ୍ପଳ ମହାନ୍ତି ଓ ସୁଜିତ ଦେବ, ସଂପାଦକ ଲକ୍ଷ୍ମୀ ନାରାୟଣ ଘୋଷ, ଯୁଗ୍ମ ସଂପାଦକ ଭାବରେ ବ୍ରହ୍ମ ନାଥ ରଥ ଓ ସୁଦିପ୍ତା ମହାନ୍ତି, କୋଷାଧକ୍ଷ ଭାବେ ହରେନ ଚନ୍ଦ୍ର ରଣା ଏବଂ ଅଶୋକ କୁମାର ଆଶ୍ ଓ ଗୌରଙ୍ଗ ପାଣିଗ୍ରାହୀଙ୍କୁ ନିମନ୍ତ୍ରିତ ସଦସ୍ୟ ଭାବରେ ଚୟନ କରାଯାଇଥିଲା। ଏତତ୍‌ବ୍ୟତୀତ କାର୍ଯ୍ୟକାରୀ ସଦସ୍ୟ ଭାବରେ ଶରତ କୁମାର ମହାପାତ୍ର, ମୁକ୍ତିକାନ୍ତ ମହାନ୍ତି, ସୌରଭ କୁମାର ବେହେରା, ବିନାୟକ ପ୍ରସାଦ ସାହୁ, ସ୍ମୃତି ଦାସ, ଗୋପାମୁଦ୍ରା ମହାପାତ୍ର, ଗୀତାଞ୍ଜଳି ସିଂହ, ମଦନ କୁମାର ବର୍ଦ୍ଧନ ଓ ବନ୍ଦିତା ସାହୁଙ୍କୁ ମନୋନୀତ କରାଯାଇଥିଲା। ଉପସ୍ଥିତମାନେ ଏହି ପ୍ରସ୍ତାବକୁ ସର୍ବସମ୍ମତି କ୍ରମେ ଗ୍ରହଣ କରିଥିଲେ। ଶେଷରେ ବରିଷ୍ଠ ସଦସ୍ୟ ହରିରାମ ମଚ୍ଛର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସେହିଭଳି ଉପଦେଷ୍ଟା ଭାବରେ ଶରତ ଚନ୍ଦ୍ର ଦାଶ ଓ ସୁବାସିନୀ ଜେନାଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ୩୫ରୁ ଉର୍ଦ୍ଧ୍ୱ ସଦସ୍ୟ/ସଦସ୍ୟା ଉପସ୍ଥିତ ଥିଲେ।

# ସାମାଜିକ କର୍ମୀ ବିପିନ ବିହାରୀ ରାୟଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି



ଭଦ୍ରକ ,୮/୮ (ନି.ପ୍ର): ଭଦ୍ରକ ସହରର ମଠସାହି ସ୍ଥିତବ ବିଜୁ ପଟ୍ଟନାୟକ ଙ୍କ କଲ୍ୟାଣ ମଣ୍ଡପ ଠାରେ ସାମାଜିକ କର୍ମୀ ବିପିନ ବିହାରୀ ରାୟଙ୍କ ଏକାଦଶାହ ଅବସରରେ ସ୍ମୃତି ଚାରଣ ସଭା ଆଜି ଶନିବାର ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତ ରାୟ ଜଣେ ମେଳାପୀ,ପରୋପକାରୀ, ଦରଦୀ, ଧାର୍ମିକ, ସଚ୍ଚୋଟ ବ୍ୟକ୍ତି ଥିଲେ ବୋଲି ବକ୍ତା ମତ ପ୍ରକାଶ କରିଥିଲେ , ମୁଖ୍ୟ ଅତିଥି ଭାବେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଅତିଥି ଭାବେ ଇଂ ଅଭୟ ସୁତାର, ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ଅଧ୍ୟକ୍ଷ ନିହାର ରଞ୍ଜନ କର, ଆନନ୍ଦପୁରର ପ୍ରାକ୍ତନ ପୌରାଧକ୍ଷ ରାମଚନ୍ଦ୍ର ସାହୁ, ବରିଷ୍ଠ ଆଇନଜୀବି ଯତିକାନ୍ତ ନାୟକ, ଧୀରେନ୍ଦ୍ର ରାୟ, ଦୁଃଶାସନ ମହାନ୍ତି, ପ୍ରାକ୍ତନ କାଉନସିଲର ପ୍ରବୀର ଜେନା, ବରିଷ୍ଠ ସାମ୍ବାଦିକ ରବିନାରାୟଣ ଖିଲାର, ସମାଜସେବୀ ହେମନ୍ତ ପଣ୍ଡା, ପ୍ରଦୀପ ବଳ, ବାବୁ ବାରିକ, କାଉନସିଲର ପିଙ୍କୁନ ମହାପାତ୍ର ସୁରେନ୍ଦ୍ର ରାୟ, ଦୀପାଳି ମିଶ୍ର,ଦୀପ୍ତି ମୟୀ ସାହୁ, ନାରୀନେତ୍ରୀ କଳ୍ପନା ଜେନା, ଅଞ୍ଜୁବାଳା ରାଉତ, ସଂଯୁକ୍ତା ଯାଦବ, ଶାନ୍ତିଲତା ବାରିକ, ଚୈତାଳି ଖିଲାର,ସାବିତ୍ରୀ ସେଠି ପ୍ରମୁଖ ଯୋଗଦେଇ ତାଙ୍କ ଫଟୋ ଚିତ୍ର ରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଶେଷରେ ପୁଅ ମନୋଜ ରାୟ ଓ ସାନ ପୁଅ ରାଜେଶ ରାୟ ଓ ଭଉଣୀ ଶିକ୍ଷୟତ୍ରୀ ମନୋରମା ରାୟ କୃତଜ୍ଞତା ଅର୍ପଣ କରିଥିଲେ କ୍ଷଅନ୍ୟମାନଙ୍କ ମଧ୍ୟରେ ଭାଇ ଲଳିତ ବିହାରୀ ରାୟ,ବିଶ୍ୱ ବିହାରୀ ରାୟ,ତ୍ରିଲୋକ ବିହାରୀ, ରୂପକ ବିହାରୀ ରାୟ, ଜଗତ ବିହାରୀ ରାୟ ଙ୍କ ସମେତ ଗ୍ରାମବାସୀ ଓ ପରିବାର ବୃନ୍ଦ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ପୌରାଂଚଳ ୧୯ ନମ୍ବର ୱାର୍ଡ଼ରେ କଂଗ୍ରେସ ପକ୍ଷରୁ ଶୁଖିଲା ଖାଦ୍ୟ ବଂଟନ



ଭଦ୍ରକ, ୮/୮ (ନି.ପ୍ର): ଲଘୁଚାପଜନୀତ ଲଗାଣ ବର୍ଷାରେ ଭଦ୍ରକ ବେହାଲ ହୋଇଛି। ଭଦ୍ରକ ସାଳନ୍ଦୀ ଜଳସେଚନ ବିଭାଗର ଅପରିଣାମଦର୍ଶିତା ଓ ହଦଗଡ଼ ଡ୍ୟାମର କୁପରିଚାଳନା ପାଇଁ ସାଳନ୍ଦୀ ନଦୀରେ କ୍ରମାଗତ ଭାବେ ବନ୍ୟା ଆସି ସାଧାରଣ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି। ଏକାଧିକ ପଂଚାୟତ ଏବେ ବନ୍ୟା ଜଳ ଘେରରେ। ଏସବୁ ପଂଚାୟତର ଲୋକଙ୍କ ଦୁର୍ଦ୍ଦଶାର ଅନ୍ତ ନାହିଁ। ଅନୁରୂପ ଭଦ୍ରକ ପୌରପାଳିକାର ଅବହେଳା ଯୋଗୁ ସୃଷ୍ଟି ହୋଇଥିବା ଜଳ ନିଷ୍କାସନ ସମସ୍ୟା ପାଇଁ ପୌରାଚଂଳର ବହୁ ୱାର୍ଡ଼ବାସିନ୍ଦା ଜଳବନ୍ଦୀ ହୋଇଛନ୍ତି। ପ୍ରଶାସନର ରିଲିଫ କାର୍ଯ୍ୟକ୍ରମ କେବଳ କାଗଜ କଲମରେ ସୀମିତ। ଏହି ପରିପ୍ରେକ୍ଷୀରେ ଜିଲ୍ଲା କଂଗ୍ରେସ କ୍ରମାଗତ ଭାବେ ବନ୍ୟା ଦୁର୍ଗତଙ୍କ ସହ ଯୋଗଯୋଗରେ ରହିଛି ଓ ଆବଶ୍ୟକ ସହାୟତା ପ୍ରଦାନ କରି ଆସୁଛି। ଶନିବାର ପୌରାଂଚଳର ୧୯ ନମ୍ବର ୱାର୍ଡ଼ରେ ଭଦ୍ରକ ଜିଲ୍ଲା କଂଗ୍ରେସ ସଭାପତି ନଳିନୀକାନ୍ତ ମହାନ୍ତିଙ୍କ ନେତୃତ୍ୱ ଓ ସ୍ଥାନୀୟ ପାରିଷଦଙ୍କ ପ୍ରତିନିଧି ଏନାମୁଲ ହକ୍‌ଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଜଳବନ୍ଦୀ ପୀଡ଼ିତଙ୍କୁ ଶୁଖିଲା ଖାଦ୍ୟ ବଂଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଦଳିତ ନେତା ରାଜେନ୍ଦ୍ର ପ୍ରସାଦ ଯେନା, ପାରିଷଦ ରୁକ୍‌ସାନା ଖାତୁନ, ଯୁବନେତା ବଳରାମ ରାଉତ୍, ତନଭୀର ଖାନ, ମନୋଜ ମଲ୍ଲିକ, ଇଲ୍‌ଇୟାସ ଅଲ୍ଲୀ ଖାନ, ସେକ୍ ଲୋକମାନ ଖାନ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ୱାର୍ଡ଼ବାସୀଙ୍କ ସମସ୍ୟା ସମ୍ପର୍କରେ ସେ ନୂତନ ଜିଲ୍ଲାପାଳଙ୍କ ସହ ଆଲୋଚନା କରି ସ୍ଥାୟୀ ସମାଧାନ ନିମନ୍ତେ ଆଲୋଚନା କରିବେ ବୋଲି ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ମହାନ୍ତି ୱାର୍ଡ଼ବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

# ସାମ୍ବାଦିକଙ୍କ ପିତୃ ବିୟୋଗ



ବାରିପଦା, ୮/୮ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକର ଜଣେ ଆଦର୍ଶ ଶିକ୍ଷକ ତଥା ସାମ୍ବାଦିକ ନୀଳାଦ୍ରି ବିହାରୀ ଦଣ୍ଡପାଟଙ୍କ ପିତା ବରେନ ଚନ୍ଦ୍ର ଦଣ୍ଡପାଟ(୮୩)ଙ୍କର ପରଲୋକ ଘଟିଛି । ନିଜ ବାସଭବନ ସିଂହଟିଆରେ ଶୁକ୍ରବାର ସକାଳ ୬ଟା ୪୦ ମିନିଟ ସମୟରେ ସେ ଇହଲିଳା ସମ୍ବରଣ କରିଛନ୍ତି । ଚାକିରୀ ଜୀବନରେ ସେ ଆମ୍ବଡାଳି, ଗଜଡିହୀ, ଛେଳିଆ, ତାଳପଦା, ଚକ୍ରଧରପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରିଥିବା ବେଳେ ଧାନପୋତା ସ୍କୁଲରୁ ଅବସର ଗ୍ରହଣ କରିଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ବଡପୁଅ ଭବାନୀ, ବଡବୋହୁ ସଞ୍ଜୁଲତା, ସାନପୁଅ ନୀଳାଦ୍ରି, ସାନବୋହୁ ଇତିଶ୍ରୀ, ଝିଅ ଗୀତାଞ୍ଜଳୀ, ଜ୍ୱାଇଁ ପ୍ରଦୀପ, ନାତି ସ୍ନେହାଶିଷ ଓ ଆୟୁଷ୍ମାନ, ନାତୁଣୀ ପଲ୍ଲବୀ ଓ କ୍ରିଷ୍ଣା ଉପସ୍ଥିତ ଥିଲେ । ସ୍ୱର୍ଗତ ଶିକ୍ଷକଙ୍କ ସାନପୁଅ ନୀଳାଦ୍ରି ପ୍ରମୁଖ ଦୈନିକ ଓଡିଆ ଖବରକାଗଜର ମୟୂରଭଞ୍ଜ ଜିଲ୍ଲା ପ୍ରତିନିଧି ଅଟନ୍ତି । ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବଡ଼ସାହି ବ୍ଲକ ଉପାଧ୍ୟକ୍ଷ କାଞ୍ଚନ ପ୍ରଧାନ, ଭଞ୍ଜସେନା ଅଧ୍ୟକ୍ଷ ସଞ୍ଜିବ ରାଉତ, କଂଗ୍ରେସର ପୂର୍ବତନ ଜିଲ୍ଲା ଉପସଭାପତି ପ୍ରକାଶ କରମହାପାତ୍ର, ବଡ଼ସାହି ବ୍ଲକ ପୂର୍ବତନ ଅଧ୍ୟକ୍ଷ ମନୋରଞ୍ଜନ ବଳ, ପୂର୍ବତନ ରାଜ୍ୟ କୃଷିନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ପୂର୍ବତନ ବାରିପଦା ଉପନଗରପାଳ ଜିତେନ୍ଦ୍ର ମହାନ୍ତି, ଛାତ୍ର ବିଜେଡି ସଭାପତି ସୁନୀଲ ନାୟକ, ବଡ଼ସାହି ବ୍ଲକ ବିଜେଡି ସଭାପତି ତପନ ପତି, ବାରିପଦା ବ୍ଲକ ବିଜେଡି ସଭାପତି ସୁଜିତ ମହାନ୍ତି, ବଳଭଦ୍ରପୁର ସରପଞ୍ଚ ଅନ୍ନପୂର୍ଣ୍ଣା ଖଣ୍ଡେଇଙ୍କ ସମେତ ବହୁ ମାନ୍ୟଗଣ୍ୟ ଅତିଥି ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି । ପୂର୍ବତନ ସାଂସଦ ତଥାଗତ ଶତପଥି ଶୋକ ବ୍ୟକ୍ତ ପ୍ରକାଶ କରି ଅମର ଆତ୍ମାର ଶାନ୍ତି କାମନା କରିଛନ୍ତି । ମରଶରୀରକୁ ଶୋଭାଯାତ୍ରାରେ ଗାଁ ଶ୍ମଶାନକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ବଡପୁଅ ମୁଗାଗ୍ନି ଦେଇଛନ୍ତି ।

## ଦାରାଙ୍କ ମୁକ୍ତ ନେଇ ଦାରା ସେନା ପକ୍ଷରୁ ପ୍ରସ୍ତୁତି

ଭୁବନେଶ୍ୱର, ୮/୮ (ନି.ପ୍ର): ୨୬ ବର୍ଷ ପରେ ୧୫ ଅଗଷ୍ଟରେ ଜେଲରୁ ମୁକୁଳି ପରନ୍ତି ଦାରା ସିଂ । ଦାରା ସେନା ପକ୍ଷରୁ ୧୫ ଅଗଷ୍ଟରେ କେଉଁଝର ଜିଲ୍ଲା ଜେଲ ବାହାରେ ଉପସ୍ଥିତ ରହିବାକୁ ନିବେଦନ କରାଯାଇଛି । ଏନେଇ ଦାରା ସେନା ମୁଖ୍ୟ ମୁକେଶ ଜୈନ ସୂଚନା ଦେଇଛନ୍ତି । ଦାରା ସିଂ ଯଦି ଜେଲରୁ ମୁକ୍ତ ହେବେ ତେବେ ଏହା ପରେ ଏକ ଶୋଭାଯାତ୍ରା ମା ତାରିଣୀ ଦେବୀଙ୍କୁ ଦର୍ଶନ ପାଇଁ ନିଆଯିବାର ଯୋଜନା ରହିଛି ବୋଲି ସେ କହିଛନ୍ତି । ମୁକେଶ ଜୈନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହିନ୍ଦୁ ସଂଗଠନର ବୈଠକରେ ଲୋକମାନେ ସନ୍ତୋଷ ପ୍ରକାଶ କରିଛନ୍ତି ଯେ ୧୫ ଅଗଷ୍ଟରେ ଓଡ଼ିଶା ସରକାର ୨୬ ବର୍ଷ ଧରି ଜେଲରେ ଥିବା ଧାର୍ମିକ ରକ୍ଷକ ଦାରା ସିଂହଙ୍କୁ ମୁକ୍ତ କରିପାରନ୍ତି । କେଉଁଝର ଏବଂ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ଦାରା ସେନା କର୍ମୀ ଏବଂ ହିନ୍ଦୁ ସଂଗଠନଗୁଡ଼ିକୁ ସକାଳ ୧୦ ଟାରେ ବହୁ ସଂଖ୍ୟାରେ କେଉଁଝର ଜିଲ୍ଲା ଜେଲରେ ପହଞ୍ଚିବା ପାଇଁ ସେ ଅନୁରୋଧ କରିଥିବା କହିଛନ୍ତି ।

# ରିମୁଳି ବାଇପାସ ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା: ଦୁଇ ଗୁରୁତର, ଜିଲ୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର

ଚମ୍ପୁଆ, ୮/୮ (ନି.ପ୍ର): ଚମ୍ପୁଆ ଥାନା ଅନ୍ତର୍ଗତ ରିମୁଳି ବାଇପାସ୍ ନିକଟରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ଦୁଇଟି ମୋଟରସାଇକଲ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଦୁଇ ଜଣ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ ପ୍ରଥମେ ସ୍ଥାନୀୟ ଚିକିତ୍ସାଳୟ ଓ ପରେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ମିଳିଥିବା ସୂଚନା ମୁତାବକ, ରିମୁଳି-ପର୍ଶଳା ମଧ୍ୟରେ ଥିବା ୫୨୦ ନମ୍ବର ଜାତୀୟ ରାଜପଥ ବାଇପାସ ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ଝୁମ୍ପୁରା ବ୍ଲକ ପାଟବିଲା ଗ୍ରାମର ରାଜେଶ ମହାନ୍ତ ନିଜ ଅଫିସ କାମରେ ଚମ୍ପୁଆ ଅଭିମୁଖେ ଆସୁଥିଲେ। ଅପରପକ୍ଷରେ, ମଧୁପୁର ଗ୍ରାମର ନରସିଂହ ମହାନ୍ତ ନିଜ ବ୍ୟବସାୟ ପାଇଁ ଜିନିଷପତ୍ର କିଣିବାକୁ ଆସୁଥିବାବେଳେ ଦୁଇ ବାଇକ୍ ମଧ୍ୟରେ ସାମ୍ନାସାମ୍ନି ଧକ୍କା ହୋଇଥିଲା। ଦୁର୍ଘଟଣାରେ ଉଭୟ ବାଇକ୍ ଚାଳକ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ଘଟଣାସ୍ଥଳରେ ପହଂଚି ଆହତମାନଙ୍କୁ ଉଦ୍ଧାର କରିଥିଲେ ଏବଂ ଆମ୍ବୁଲାନ୍ସ ଯୋଗେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ସୂଚନା ଅନୁଯାୟୀ, ଦୁର୍ଘଟଣାରେ ରାଜେଶ ମହାନ୍ତଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାବେଳେ ନରସିଂହ ମହାନ୍ତଙ୍କ ବାମ ଗୋଡ଼ ଭାଙ୍ଗିଯାଇଛି।

# ଖରାପ ପାଗ ଯୋଗୁଁ ଜମ୍ମୁରୁ ଅମରନାଥ ଯାତ୍ରା ସ୍ଥଗିତ

ନୂଆଦିଲ୍ଲୀ,୮/୮ : ଜାମ୍ମୁ-ଶ୍ରୀନଗର ଜାତୀୟ ରାଜପଥ ଏବଂ ଯାତ୍ରାର ଅନ୍ୟାନ୍ୟ ମାର୍ଗରେ ବର୍ଷା ଏବଂ ଭୂସ୍ଖଳନ, ପଥର ଫିଙ୍ଗିବା ଏବଂ ଅନ୍ୟାନ୍ୟ ପ୍ରତିବନ୍ଧକକୁ ଦୃଷ୍ଟିରେ ରଖି ସୁରକ୍ଷା ପଦକ୍ଷେପ ଭାବରେ ଶ୍ରୀ ଅମରନାଥ ଯାତ୍ରା ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଧିକାରୀମାନେ କହିଛନ୍ତି ଯେ ରାମବନ ଜିଲ୍ଲା ଏବଂ କାଶ୍ମୀରର କିଛି ଅଂଶରେ ବର୍ଷା ଏବଂ ଖରାପ ପାଗ ହେତୁ ଶନିବାର ଦିନ ଜାମ୍ମୁରୁ ଶ୍ରୀ ଅମରନାଥ ଯାତ୍ରା ସ୍ଥଗିତ ରଖାଯାଇଥିଲା। ବର୍ତ୍ତମାନର ପାଣିପାଗ ଏବଂ ସଡ଼କ ପରିସ୍ଥିତିକୁ ଦୃଷ୍ଟିରେ ରଖି ସତର୍କତାମୂଳକ ପଦକ୍ଷେପ ଭାବରେ ଶନିବାର ଦିନ ଜାମ୍ମୁର ଭଗବତୀ ନଗର ବେସ୍ କ୍ୟାମ୍ପରୁ ଯାତ୍ରାର କୌଣସି ନୂତନ ବ୍ୟାଚକୁ ଯିବାକୁ ଅନୁମତି ଦିଆଯାଇ ନଥିଲା। ଏଥି ସହିତ, ପବିତ୍ର ଗୁମ୍ଫା ପରିଦର୍ଶନ କରିବା ପରେ ବାଲଟାଲ ବେସ୍ କ୍ୟାମ୍ପରେ ଅଟକିଥିବା ତୀର୍ଥଯାତ୍ରୀଙ୍କ ୨୮ ତମ ବ୍ୟାଚକୁ ୪୪ ଟି ଗାଡ଼ିରେ ଜାମ୍ମୁ ଆସିବାକୁ ଅନୁମତି ଦିଆଯାଇଥିଲା। ଫେରୁଥିବା ତୀର୍ଥଯାତ୍ରୀଙ୍କ ମଧ୍ୟରେ ୮୬୭ ଜଣ ପୁରୁଷ, ୨୫୧ ଜଣ ମହିଳା, ଜଣେ ଶିଶୁ, ୭୯ ଜଣ ସାଧୁ ଏବଂ ଚାରି ଜଣ ସାଧ୍ୱୀ ଅଛନ୍ତି। ଜାମ୍ମୁରୁ ତୀର୍ଥଯାତ୍ରୀଙ୍କ ଯାତାୟାତକୁ ଅନୁମତି ଦେବା ପୂର୍ବରୁ କର୍ତ୍ତୃପକ୍ଷ ପାଣିପାଗ ଏବଂ ସଡ଼କ ଅବସ୍ଥା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି।

# ବସ୍ତା ଅବକାରୀ ବିଭାଗର ଚଢ଼ାଉ: ବିପୁଳ ମଦ ଓ ସ୍କୁଟି ଜବତ, ୪ ଜଣ ଗିରଫ



ବସ୍ତା , ୮/୮ (ନି.ପ୍ର): ବସ୍ତା ଅଞ୍ଚଳରେ ଚୋରା ମଦ କାରବାର ବିରୋଧରେ ଅବକାରୀ ବିଭାଗ ପକ୍ଷରୁ ଏକ ବଡ଼ ଧରଣର କାର୍ଯ୍ୟା ନୁଷ୍ଠାନ ଗ୍ରହଣ କରାଯାଇଛି। ବସ୍ତା ଅବକାରୀ ବିଭାଗର ଏକ ସ୍ୱତନ୍ତ୍ର ଟିମ ବିଭିନ୍ନ ସନ୍ଦିଗ୍ଧ ସ୍ଥାନରେ ଚଢ଼ାଉ କରି ବିପୁଳ ପରିମାଣ ର ବେଆଇନ ମଦ ଜବତ କରିବା ସହ ମୋଟ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ମିଳିଥିବା ସୂଚନା ଅନୁଯାୟୀ,ଅବକାରୀ ଅଧିକାରୀ ମାନେ ଗୁପ୍ତ ସୂଚନା ଆଧାରରେ ବସ୍ତା ଓ ଏହାର ଆଖପାଖ ଅଞ୍ଚଳ ରେ ଚଢ଼ାଉ ଅଭିଯାନ ଚଲାଇଥିଲେ। ଏହି ସମୟରେ ବେଆଇନ ଭାବେ ମଦ କାରବାର ଓ ଚାଲାଣ ହେଉଥିବା ଜଣାପଡ଼ିଥିଲା। ଅବକାରୀ ଟିମ ଘଟଣା ସ୍ଥଳରୁ ବହୁ ପରିମାଣର ଦେଶୀ ଓ ବିଦେଶୀ ମଦ ଜବତ କରିବା ସହ ମଦ ଚାଲାଣରେ ବ୍ୟବହୃତ ହେଉଥିବା ଏକ ସ୍କୁଟିକୁ ମଧ ଜବତ କରିଛନ୍ତି।ଏହି ସଂକ୍ରାନ୍ତରେ ଗିରଫ ହୋଇଥିବା ୪ ଜଣ ଅଭିଯୁକ୍ତଙ୍କ ବିରୋଧରେ ଅବକାରୀ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ପୋଲିସ ଓ ଅବ କାରୀ ବିଭାଗ ପକ୍ଷରୁ ସେମାନଙ୍କୁ କୋର୍ଟ ଚାଲାଣ କରାଯିବା ସହ ଏହି ଚୋରା କାରବାର ପଛରେ ଅନ୍ୟ କାହାର ସମ୍ପୃକ୍ତି ରହିଛି କି ନାହିଁ,ସେ ନେଇ ଅଧିକ ତଦନ୍ତ ଜାରି ରହିଛି। ଅବକାରୀ ବିଭାଗର ଏହି ଚଢ଼ାଉ ପରେ ଅଞ୍ଚଳର ବେଆଇନ ମଦ ବ୍ୟବସାୟୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

ରବିବାର, ୦୯ ଅଗଷ୍ଟ ୨୦୨୬

email : rabibarachayan2015@gmail.com


# ର ବି ବା ର ଚ ୟ ନ



......ସୁଚୟନ ସୁଚୟନ ସୁଚୟନ......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର



## ବୁଦ୍ଧ କାହାଣୀ



ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଳୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ '**ବୁଦ୍ଧ କାହାଣୀ**' ଶୀର୍ଷକରେ ଅନୁବାଦ କରିଛନ୍ତି

**ଡ. ସାରଙ୍ଗଧର ତ୍ରିପାଠୀ**

### ୪୨ ରାକ୍ଷସ ଅଲାଭାକା (ନରଭକ୍ଷୀର ରୂପାନ୍ତରଣ) (କ)


ଅଲାଭି ସହର ନିକଟରେ ରହୁଥିବା ଅଲାଭାକା ମଣିଷ ମାଂସ ଖାଉଥିଲା। ସେ ଏତେ କ୍ରୂର, ଶକ୍ତିଶାଳୀ ଏବଂ ଧୂର୍ତ୍ତ ଥିଲା ଯେ ସେ 'ରାକ୍ଷସ' ଭାବରେ ପରିଚିତ ଥିଲା।

ଦିନେ ଅଲାଭିର ରାଜା ଜଙ୍ଗଲକୁ ମୃଗ ଶିକାର କରିବାକୁ ଯାଇଥିଲେ। ସେତେବେଳେ ଅଲାଭାକା ତାଙ୍କୁ ଧରିନେଲା। ରାଜା ତାଙ୍କୁ ମୁକ୍ତି ନିମନ୍ତେ ପ୍ରାର୍ଥନା କଲେ; ମାତ୍ର ତାଙ୍କର ମୁକ୍ତିର ପ୍ରତିବଦଳରେ ପ୍ରତିଦିନ ଜଣେ ବ୍ୟକ୍ତିଙ୍କୁ ଅଲାଭାକା ପାଇଁ ଭେଟି ସ୍ୱରୂପ ଜଙ୍ଗଲକୁ ପଠାଇବାକୁ ପଡ଼ିଲା।

ପ୍ରତିଦିନ ଜଣେ କଏଦୀକୁ ଭାତଥାଳି ସହିତ ଜଙ୍ଗଲକୁ ପଠାଯାଉଥିଲା। ତାଙ୍କୁ କୁହାଯାଉଥିଲା ଯେ ତାଙ୍କର ମୁକ୍ତି ପାଇବା ପାଇଁ ତାଙ୍କୁ ଏକ ନିର୍ଦ୍ଦିଷ୍ଟ ଗଛ ପାଖକୁ ଯିବାକୁ ପଡ଼ିବ। ଥାଳିଟି ସେଠାରେ ରଖିଦେଲେ ସେ ମୁକ୍ତ ହୋଇପାରିବେ। ପ୍ରଥମେ ପ୍ରଥମେ କେତେଜଣ କଏଦୀ ସେହି 'ସରଳ' ଯୋଜନାରେ ସାମିଲ ହେବା ପାଇଁ ସ୍ୱେଚ୍ଛାକୃତ ଭାବରେ ଆଗମନ କରିଥିଲେ। ମାତ୍ର ଦିନ ପରେ ଦିନ ବିତିବା ପରେ ଅନ୍ୟ କଏଦୀମାନଙ୍କୁ କ'ଣ ଘଟୁଛି ତାହା କହିବା ପାଇଁ କେହି ଫେରି ନଥିଲେ। କଏଦୀମାନଙ୍କୁ ପ୍ରତିଦିନ ଜଙ୍ଗଲକୁ ଯିବାକୁ ବାଧ କରାଯାଉଥିଲା।

ଖୁବ୍ ଶୀଘ୍ର କାରାଗାର ଖାଲି ହୋଇଗଲା। ଦୈନିକ ଜଣେ ବ୍ୟକ୍ତିଙ୍କୁ ପଠାଇବା ନିମନ୍ତେ ରାଜା ରାକ୍ଷସକୁ ଦେଇଥିବା ପ୍ରତିଶ୍ରୁତି ଏବେ କିପରି ପୂରଣ କରିବେ? ମନ୍ତ୍ରୀମାନେ ରାସ୍ତାରେ ସୁନାଥଳି ପଠାଇବାକୁ ରାଜାଙ୍କୁ ପରାମର୍ଶ ଦେଇଥିଲେ। ଯେଉଁମାନେ ଥଳି ଉଠାଇବେ, ସେମାନଙ୍କୁ ଚୋର ଭାବରେ ଧରାଯାଇ ଅଲାଭାକା ନିକଟକୁ ପଠାଯିବ। ଯେତେବେଳେ ଏହି ଖବର ଚାରିଆଡ଼େ ପ୍ରଚାରିତ ହେଲା। କେହି ସୁନାଥଳି ଉଠାଇବାକୁ ସାହସ କଲେ ନାହିଁ। ଶେଷ ଉପାୟ ଭାବରେ, ରାଜା ରାକ୍ଷସକୁ ଉପହାର ଦେବାପାଇଁ ପିଲାମାନଙ୍କୁ ଧରିବା ଆରମ୍ଭ କଲେ। ଭୟଭୀତ ପ୍ରଜାମାନେ ନଗରୀଟିକୁ ଏକ ମରୁଭୂମି ପରି କରିଦେଇ ସବୁ ଛାଡ଼ି ଚାଲିଗଲେ। ଆଉ କେବଳ ଗୋଟିଏ ପିଲା ବାକି ଥିଲା ଏବଂ ସେ ହେଲା ରାଜାଙ୍କ ପୁଅ। ବହୁତ ଅନିଚ୍ଛା ସତ୍ତ୍ୱେ ରାଜା ଆଦେଶ ଦେଲେ ଯେ ରାଜକୁମାରଙ୍କୁ ଆସନ୍ତାକାଲି ସକାଳେ ଅଲାଭାକା ନିକଟକୁ ପଠାଯାଉ।

ଘଟଣାକ୍ରମେ ସେହିଦିନ ବୁଦ୍ଧ ଉକ୍ତ ସହର



ନିକଟରେ ଅବସ୍ଥାନ କରୁଥିଲେ। ସେହି ସକାଳେ ଯେତେବେଳେ ସେ ନିଜର ଦିବ୍ୟଚକ୍ଷୁରେ ବିଶ୍ୱ ଅବଲୋକନ କଲେ, ତାଙ୍କୁ ଆସୁଥିବା ଘଟଣା ବିଷୟରେ ସୂଚନା ମିଳିଲା। ରାଜା, ରାଜକୁମାର ଏବଂ ଅଲାଭାକାଙ୍କ ପ୍ରତି କରୁଣାବଶ ବୁଦ୍ଧ ସାରାଦିନ ରାକ୍ଷସର ଗୁମ୍ଫା ଉଦ୍ଦେଶ୍ୟରେ ଯାତ୍ରା କଲେ ଏବଂ ସନ୍ଧ୍ୟାରେ ସେ ଗୁମ୍ଫାର ପ୍ରବେଶଦ୍ୱାର ନିକଟରେ ପହଞ୍ଚିଲେ।

ରାକ୍ଷସ ସେତେବେଳେ ପାହାଡ଼ ଠାରୁ ଦୂରରେ ଥିଲା। ବୁଦ୍ଧ ଦ୍ୱାରପାଳକୁ ପଚାରିଲେ ଯେ ସେ ଗୁମ୍ଫା ମଧ୍ୟରେ ଗୋଟିଏ ରାତି ବିତାଇ ପାରିବେ କି? ଯେତେବେଳେ ଦ୍ୱାରପାଳ ଏହି ବିଷୟରେ ତା'ର ପ୍ରଭୁଙ୍କୁ ଜଣାଇବା ନିମନ୍ତେ ଚାଲିଗଲେ, ବୁଦ୍ଧ ଗୁମ୍ଫା ଭିତରକୁ ଯାଇ ରାକ୍ଷସର ଆସନରେ ବସିଗଲେ ଓ ତା'ର ପତ୍ନୀମାନଙ୍କୁ ଧର୍ମ ଉପଦେଶ ପ୍ରଦାନ କଲେ।

ଯେତେବେଳେ ରାକ୍ଷସ ତା'ର ସେବକ ଠାରୁ ଏହି ଘଟଣା ବିଷୟରେ ଶୁଣିଲା, ସେ ବହୁତ କ୍ରୋଧିତ ହୋଇ ଯଥାଶିଘ୍ର ଘରକୁ ଫେରିଆସିଲା। ନିଜର ଅସାଧାରଣ ଶକ୍ତିରେ ସେ ଏକ ଭୟାନକ ତୋଫାନ ସୃଷ୍ଟିକଲେ; ଯାହା ଘଡ଼ଘଡ଼ି, ବିଜୁଳି, ପବନ ଓ ବର୍ଷା ସହିତ ଜଙ୍ଗଲକୁ ଥରାଇ ଦେଲା ଏବଂ ଆଲୋକିତ ହୋଇଗଲା।


ଏହା ପରେ ଅଲାଭାକା ନିଜର ବର୍ଚ୍ଛା ଓ ଗଦା ଫୋପାଡ଼ି ଆକ୍ରମଣ କଲା। ମାତ୍ର ଅସ୍ତ୍ରଗୁଡ଼ିକ ତାଙ୍କୁ ସ୍ପର୍ଶ କରିବା ପୂର୍ବରୁ ହିଁ ତାଙ୍କ ପାଦ ନିକଟରେ ପଡ଼ିଗଲା।

ବୁଦ୍ଧଙ୍କୁ ଭୟଭୀତ କରିବାରେ ଅସମର୍ଥ ହୋଇ ଅଲାଭାକା ପଚାରିଲେ, "ଘରର ମାଲିକ ଅନୁପସ୍ଥିତ ଥିବା ସମୟରେ ଆପଣ, ଜଣେ ପବିତ୍ର ବ୍ୟକ୍ତି, ତାଙ୍କ ପତ୍ନୀମାନଙ୍କ ଗହଣରେ ପ୍ରବେଶ କରି ବସିବା କ'ଣ ଠିକ୍?" ଏହା ଶୁଣି ବୁଦ୍ଧ ଗୁମ୍ଫାତ୍ୟାଗ କରିବା ପାଇଁ ଉଠିବସିଲେ। (କ୍ରମଶଃ)


♥ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ, 'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର, ବାଲିଆ, ବାଲେଶ୍ୱର

ମୋ: ୯୪୩୭୩୭୧୯୬୮


## ମିନିଗଳ୍ପ-୧୭



### ମାମଲା (ଥ)

**ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟ**

ଶାମା ଭୋଇ। ଠୁରା କଳାକାହ୍ନୁ। ଡଗଡଗ ଚାଲି। ଗାରପକା ଲୁଙ୍ଗି ଦୋଓଡ। ଦେହ ମୁକୁଳା। କାନ୍ଧରେ ମଳିଛିଆ ନାଲିଗାମୁଛା। ଡାହାଣ ହାତରେ ହଟୁଣେ ଖସି ପଡୁଥିବା ଗାମୁଛାକୁ ଠୋ ଠୋ କରି ଝାଡି ପିଠିରୁ ଝାଳ ପୋଛି ପକାଏ। କଥାଗୁଡାକ ଟାଉଟାଉ। ବୟସ ପଚାଶ ଛୁଇଁଲା। ଓଥରା। ଝିଅ ଦବ କିଏ? ବାପା ମା' ନାହାନ୍ତି। ବରଡା ଚାଳିଆଘର ବଖୁରେ। ଚୂଲିଚାଳ ନାହିଁ ଅଘୋର ବାସ। ମାଠିଆ ବଜେଇ ଶିଖିଥିଲା ହାତବାଦ୍ୟ। ଗୁରୁ ନାହିଁ ତା'ର। ହରିପା ପାର୍ଟିରେ ପିଟୁଥିଲା ଢୋଲକ। ଗେଡା ଗେଡା ପିଟୁଣି ଆଙ୍ଗୁଠିରେ ନାଦି ଦେଉଥିଲା ଦାଦରା, କହରବା। ଡିଗି ତାବଲାରେ ଉଛନ୍ନ କରୁଥିଲା। ମଞ୍ଚ ଦୁଲୁକେଇ କଡତାକ ଦଧିଗନ ଧା। ସେତେବେଳେ ଶାମାର ଦେଖ ତାଉ। ହଲୁଥବ। ଦାନ୍ତକୁ ଓଠରେ ଚାପି, ମଥାକୁ ଗ୍ରୀବାରୁ ଦୋଳେଇ ହଜି ଯାଇଥବ ଓଡିଶୀରେ, ନହେଲେ ତାଡକାବଧରେ। ଶାମା ଭୋଇ ସେତେବେଳେ ବନିଯାଏ ଶାମସାର୍। ନାଚପାର୍ଟି ଭାଙ୍ଗିଲା ପରେ ଶାମା ଭରସିଲା ଗାଁ' ଡ୍ରାମା ଆଖଡାକୁ। ଗାଁ' କନିଆ ସିଂଘାଣିନାକି। ଯାହା ଫଳେ ପୁଷ୍ଟେ ମିଳିଲା ସେତକ ଦେଇଦବ ପଡିଶା ଘରେ ଶାମା। ଭୋଜନ ଦ'ଦିନ ପକେଇବ। ଦେହର ଭୋକ ମେଣ୍ଟେଇବାକୁ ମଧ ଅଜାଡି ଦେବ ବାକିତକ। ଦି'ଦିନରେ ଶାମା ଫକଡରାମ। ପଡିଶା ଘରେ ନାକେଇଲେ ବି ମିଳେନା କିଛି। ବିକଳିଆ ହୋଇ ଅନେଇବ ଗୋସାଇଁ ଘର ପଣସଗଛକୁ। ଡଗଡଗ ଚଢି ଯାଇ କୁଣ୍ଢେଇ ନେଇ ଆସିବ। ଫୁଟକାଢି କେଡେ ତୃପ୍ତିରେ ଖାଇ ଯାଉଥିବ ଚାରିଦିନ ଭୋକିଲା ପରି। ନଡିଆଗଛ ଚଢିଯିବ। ମାଲିକଠଉଁ ଗଛକୁ ଦି'ଟା ନଡିଆ ଆଣି ଦବ ଆରଘରେ। କହିବ : ମୋତେ ଗଣ୍ଡେ ଖାଇବାକୁ ଦିଅ। ଗେହ୍ଲେଇକି କହିବ, ତମ ଝିଅକୁ ତବଲା ଶିଖେଇ ଦେବି। ମତେ ଗଣ୍ଡେ ଖାଇବାକୁ ଦବ। ପଡିଶାଘର ଜିଭ କାମୁଡିବେ। ତାକୁ କେତେଥର ଗଛରେ ବନ୍ଧା ହୋଇ ନିର୍ଧୁମ ଛେଚା ଖାଇବାର ସମସ୍ତେ ଦେଖିଚନ୍ତି। ଅବଶ୍ୟ ଏ କେଶ୍‌ରେ ମନଇଚ୍ଛା ଗାଳି ଦେଇ ପିଟି ଚାଲିଥିବା ଲୋକଟି ମଧ ଦିନେ ମାଇସଂଜରେ ସେ ଘରୁ ଚୋର ଭଳି ତଳକୁ ମୁହଁ ପୋତି ଯିବାର ଅନେକ ଠଉରେଇଛନ୍ତି।

ଥରେ ସାନଗୋସେଇଁଙ୍କ ନଡିଆବାଡିରୁ ଦୁଲଦୁଲ ଶୁଭିଲା। କିଏରେ କିଏରେ ହୋଇ ଧାଇଁଲେ ଗୋସେଇଁ। ଶାମା ସଟକିନା ଖସି ଧାଇଁଲା ଗାଣ୍ଡିଆଦଳ ଗହୀରେ ଗହୀରେ। ଧଇଲେ ତାକୁ:କେଡେ ସାହସ। ଦିନ ଦିପହରରେ ଆଖିରେ ଆଙ୍ଗୁଳି ଗେଞ୍ଜି ଦଉଚୁ। ରହ। ତତେ ଥାନାରେ ଦଉଚି ରହ।

ଶାମା କାକୁତିମିନତି ହେଲା। କାଦୁଅ ବିଲରେ ସାଷ୍ଟାଙ୍ଗ ପେଟେଇଗଲା। ଉଠିକି କହିଲା, ଭୁଲ ହେଇଚି ଗୋସେଇଁ। ଭୋକ କରୁଚି। କଣ କରିବି କହିଲ? ଗୋସାଇଁ ନଡିଆ ଦେଇ ତାକୁ ଛାଡିଦେଲେ। କହିଲେ: ଆଉ ଭୁଲରେ କାହା ବାରିରେ ପଶିବୁନୁ।

ତା'ପରଦିନ ଏମିତି ଏକ ନଡିଆଚୋରୀ କେଶରେ ଥାନାକୁ ଘୋଷାରି ନେଇଗଲେ ଦାରୋଗା। ମାଡ ଖାଇଲା। ଦାନ୍ତ ଦେଖାଇଲା। କହିଲା ଭଲକଲେ ହଜୁର। ମୁଁ ଏଇଆ ଚାହୁଁଥିଲି। ସବୁଦିନ ରଖି ଦିଅନ୍ତନି। ଭୋଜନ ଗଣ୍ଡେ ଗଣ୍ଡେ ତ ମିଳିଯାନ୍ତା।

ଦି'ଦିନ ଅଟେଇରେ ପଶିଲା ଶାମା। ଜାମିନଦାର କେହି ନାହାନ୍ତି। ଥାନାକୁ ଆସିଲେ ଜଣେ ନୂଆ ଇନସିପେକ୍ଟର। ଶାମାକୁ ଦେଖି ପଚାରିଲେ: ଶାମ ମାଷ୍ଟ୍ରେ?

ଶାମା ଦାନ୍ତ କିଲେଇ କହିଲା: ତେମେ ଏଇଠି ଥାନାବାବୁ? ଛୁଆବାବୁ, ତମର ଡିଗିତାବଲା ରଖିଚ ଟି।

ଶାମାକୁ ସାଲୁଟ କରି ଫେରେଇ ଦିଆଗଲା। ଗଲାବେଳେ ଇନସିପେକ୍ଟର ତା ହାତରେ ଟଙ୍କା ଶହେଟି ଗୁଞ୍ଜି ଦେଉଥିଲେ। ଶାମା ଚିଲେଇକି କହିଲା: ମାଗେଣା ନେବିନି। ମୁଁ ରୋଜ ଏଇ ଥାନାକୁ ଆସବି। ତମକୁ ତାବଲା ଶିଖେଇବି।

ମାମଲା ଖଲାସ।


♥ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ, ପୁରୀ

(ମୋ) ୯୭୭୬୫୪୬୧୩୦


## ପାଉଁଜିର ପାଣ୍ଡୁଲିପି-୨୮

**ବିପିନ ମହାନ୍ତି**

### ତୁମ ଗାଆଁ ବର୍ଷା



ଏବେ ବି ଭୁଲିନି ତୁମ ଗାଆଁ ବର୍ଷା ଭିଜିଥିଲେ ଆମେ କେବେ
ତୁମେ ଫେରୁଥିଲ ଓଦାଲୁଗା ପିନ୍ଧି ଗାଧୁଆ ତୁଠରୁ ସେବେ
ଜଡ଼ି ସାରିଥିଲା ତୁମ ଦେହସାରା ହାଲକା ରେଶମୀ ଶାଢ଼ି
ବାରି ପଡୁଥିଲା ତୁମ ଗାଁ ଭୂଗୋଳ ମାରୁଥିଲା ଘଡ଼ଘଡ଼ି।

କେଜାଣି କାହିଁକି ତୁମ ଗାଆଁ ବର୍ଷା ମୋ' ସାଥେ କରଇ ବାଦ
ଯେବେ ମୁଁ ଯାଇଛି ସେବେ ବି ଭିଜିଛି ରଖି ତୁମ ଅନୁରୋଧ
ମେଞ୍ଚାମେଞ୍ଚା ସ୍ମୃତି କାଗଜଡଙ୍ଗାରେ ଭସେଇଛି ନାଆ କରି
କେବେ ବା ଫେରିଛି ସୁନା ବୋଇତରେ ତୁମ ସ୍ମୃତି ସବୁ ଧରି।

ଝିପିଝିପି ତୁମ ଗାଆଁ ବରଷାରେ ଯେତେ ତୁମ ଅଭିମାନ
ଭିଜିଗଲେ ଥରେ ହୋଇଯାଏ ପୁଣି ଆମ ପ୍ରୀତି ଆୟୁଷ୍ମାନ
ଭାରି ଗୁମ୍‌ସୁମ୍ ତୁମ ଗାଆଁ ବର୍ଷା ଠିକ୍ ତୁମ ପ୍ରେମ ପରି
ନାହିଁନାହିଁ କରି ବରଷିଯାଏ ସେ' ଥମିଯାଏ ଓଦାକରି।

ତୁମ ଗାଆଁ ବର୍ଷାରେ ଭିଜିଭିଜି ମୋତେ ଘାରିଛି ଭିଜିବା ନିଶା
ହେଲେ ଆଜିକାଲି ତୁମ ଗାଆଁ ବର୍ଷା ଫେରେ ହୋଇ ଲୋକହସା।


♥ ୩୩, ଗଡମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨

(ମୋ) ୯୮୬୧୧୪୪୯୯୧


## କବିତା



### କାହା ପାଇଁ ଲେଖୁଛ କବିତା

**ପିୟୁଷ ପଟ୍ଟନାୟକ**

ପଚାରିଲେ କହିବକି, କାହା ପାଇଁ ଲେଖୁଛ କବିତା
କାହା ପାଶେ ରଖିବାକୁ କିଛି ବ୍ୟଥା ଆଉ କିଛି କଥା
ରାତି ରାତି ଉଜାଗର ମଗ୍ନ ମନ, ଏକାକୀ ନୀରବ
କାହାପାଇଁ ରଚିଯାଅ ଅନୁରାଗେ ଶବ୍ଦର ବିଭବ।

ଆଲେଖ୍ୟ କି ସେ କବିତା? ମୁକ୍ତ ପ୍ରଶାନ୍ତିର ଆକାଶର
ଗ୍ରହ ତାରା ଛୁଇଁବାର ଅନାହତ ଆଶା ଆକାଂକ୍ଷାର
ସେ କବିତା ନୀଳ ନୀଳ ହୃଦୟର, ମନର ବିହଙ୍ଗ
ଦିଗନ୍ତର ସବୁଜିମା ମିଠା ମିଠା ସ୍ୱପ୍ନିଳ ତରଙ୍ଗ।

ଲେଖକି..କବିତା ତୁମେ ଯାହାପାଇଁ.. ସେକି ଆଜି ନାହିଁ?
ଛପି କି ଯାଇଛି କାହିଁ ଦୁରନ୍ତର ଗ୍ରହ ତାରା ଡେଇଁ
ହୃଦୟର ନୀଳୟରେ, ଅଳିନ୍ଦରେ ତଥାପି ବି ସିଏ
ଆଜିବି ସ୍ମୃତିର ପତ୍ର ସବୁଦିନ ଓଲଟାଇ ଯାଏ।

ସେ ସ୍ମୃତିରୁ ଭାସି ଆସେ ଯାତି ଯାତି ଅସଂଖ୍ୟ କବିତା
ସ୍ୱପ୍ନ ଦେଖେ ସିଏ କେବେ ପଢି ବାକୁ ଫେରିକି ଆସନ୍ତା!
ଲୋଡ଼ନାହିଁ ଉତ୍ତର ତ ସବୁ ପ୍ରଶ୍ନ ରହୁ କବିତାରେ
ଅମର ଲେଖନୀ ତୁମ ବାନ୍ଧି ରଖୁ ଶବ୍ଦର ଜାଲରେ।

ଅନୁସରି ସେ ଶବ୍ଦର ଅନାବିଳ ମନ୍ତ୍ରିତ ଗୁଞ୍ଜନ
ଦିନେତ ଫେରିବ ସିଏ ତେଜି ଜନ୍ମ ମୃତ୍ୟୁର ବନ୍ଧନ।


♥ ଭୁବନେଶ୍ୱର (ମୋ) ୭୫୦୬୧୮୯୦୩୦


### ମେଘ

**ସୁଶୀଲ କୁମାର ପାଣିଗ୍ରାହୀ**



ମେଘ ଆସେ
ଜୀବନ ଖୋଜେ
ଜୀବନରେ ଖାଲି ଜାଗାକୁ
ଭରିଦେବା ପାଇଁ

ବୀଜ ଭିତରକୁ ଯାଏ
ତା ଭିତରେ ଭରିଦିଏ
ଏ ଧରା ପ୍ରତି ଆହୁରି ପ୍ରେମ
ମାଟିର ସ୍ୱପ୍ନର ଛବିରେ
ବାକି ରଂଗ ଦେଇ
କରିଦିଏ ଜୀବନ୍ତ

କିଛି ଲୋଡ଼ା ଥିବା
ପ୍ରଶ୍ୱାସ ଦେଇ ମେଘ
ଆମ ଭିତରକୁ ଯାଏ
ବିଶ୍ୱାସରୁ ସମସ୍ତ ଧୂସରତାକୁ
ଧୋଇଦିଏ
ଗଜା ହୁଏ
ପୁରୁଣା ବିହନ ହେଇ
ପଡିଥିବା ଇଚ୍ଛା

ମେଘ ଆସେ
ପତରକୁ ଛୁଇଁଲା ପରି
ଛୁଏଁ ପ୍ରତିଟି ରକ୍ତ ବୁନ୍ଦାକୁ

ଇନ୍ଦ୍ରଧନୁ ସାକାର ହୁଏ
ଜୀବନର ଆକାଶରେ।


♥ କଲ୍ୟାଣୀ ରେସିଡେନ୍ସି, ଜଲାନ ଗଳି
ଫ୍ଲାଟ୍ -୨୦୩, ସମ୍ବଲପୁର -୨
(ମୋ):୯୪୩୭୮୦୫୯୬୧


### ମୁଁ'ତ ସବୁକିଛି

**ଖଗେଶ୍ୱର ମହତାବ**



ମୁଁ'ତ ସବୁକିଛି
କହିଲ କେଉଁଠି କିଏ 'ମୁଁ'କୁ ଛାଡି
ଜୀବନ ଜୀଇଁଛି! ଜୀଉଁଛି?
କିଏ କହିଲ ମୁଁ'ର ମାୟା ଶିକୁଳିରୁ
ନିଜକୁ ମୁକାଳି ପାରିଛି?

ମୁଁ'କୁ ଛାଡି କେଉଁଠି କିଏ
ଜିତିଛି ନା ହାରିଛି
କିଏ କିଛି ପାଇଛି ନା କାହାକୁ
କିଛି ହାତ ଟେକି ଦେଇଛି?

ମୁଁ'କୁ ମଣିଷ ନିଜ ଛାତିରେ
ସାଇତି, ସମ୍ଭାଳି ଜୀବନ
ଜୀବିକା, ସମ୍ପର୍କକୁ ଜାବୁଡ଼ି ଧରିଛି।

ମୁଁ ଫୁଲବନରୁ ମହୁ ସାଉଁଟିଛି
କେବେ ପାଲଟିଛି ଭଅଁର
କେବେ ପ୍ରଜାପତି
ପାରିବା ପଣର ପଗଡି ପିନ୍ଧିଛି
କପାଳରେ ତିଳକ ନାଇଛି।

ମୁଁ ଜୀବନ ଯୁଦ୍ଧରେ ଲଢିଛି
ପ୍ରାଣମୂର୍ଚ୍ଛା ନାଚିଛି, କୁଦିଛି
ସଫଳତାର ସୋପାନ ପରେ
ସୋପାନ ଚଢିଛି
ଆକାଶ ଛୁଇଁଛି
ନିଜକୁ ସବୁଠି, ସବୁ ସମୟରେ
ସାବ୍ୟସ୍ତ କରିଛି।

ମୁଁ କୁ କ'ଣ ଛାଡି ହୁଏ ସହଜରେ
ମୁଁ'କୁ ଛାଡି କେଉଁଠି ଜୀବନ
ନା ସ୍ୱପ୍ନ, ନା ଭଲପାଇବା
ନା ପରିଚୟ।


♥ ନିଳୀମା ନିଳୟ
ପ୍ଲଟ ନମ୍ବର-୭୫୬/୧୭୫୬
ଗଜାନନ ହୋମସ୍, ଯୋହଳ
ପାହାଳ, ଭୁବନେଶ୍ୱର
(ମୋ) -୯୯୩୭୭୦୮୦୪୨


### କହି ହେଇନାହିଁ ଯାହା...(୧୧)

**ସୈରିନ୍ଧ୍ରୀ ସାହୁ**



ମନେନାହିଁ କେବେ ଚିଠି ଲେଖିଥିଲି
ତମ ଘର ଠିକଣାରେ
ମନେନାହିଁ କେବେ ତମ ଚିଠି ପାଇ
ପଢିଥିଲି ଗୋପନରେ।
ମନେଅଛି ଖାଲି ଚିଠିର ଇତିରେ
'ତମର ମୁଁ' ଲେଖୁଥିଲି
ଫେରନ୍ତା ଡାକର ବାଟକୁ ଅନେଇ
ସପନରେ ହଜୁଥିଲି।_♥

### ଟୁନା ବାବୁ ତମେ କେମିତି ଅଛ?

**ପ୍ରଭାତୀ ମାଝୀ**



ଅନ୍ଧ ଯେତେବେଳେ ଦେଖିବା ଆରମ୍ଭ କରେ
ସେ ପ୍ରଥମେ ଫିଙ୍ଗେ ଆଶାବାଡ଼ି
ନଈକୁ କଥା ଦେଇ ଯାଇଥିବା ଢେଉ
ଫେରେନି ପଠାରୁ
ପଥର ମୂର୍ତ୍ତି ପାଖକୁ ଯାଇଥିବା ଫୁଲ
ମନେ ପକାଏନି ପାଣି ଦେବା ଲୋକକୁ
ଉଡ଼ାଣ ଶିଖିଲା ପରେ ଚଢ଼େଇ ଫେରେନି
ମା' ପାଖକୁ।

ବେଳେ ବେଳେ ମତଲବ ମାନେ ବି
ପ୍ରେମ ହେଇଥାଏ
ତମେ ମୋତେ କ'ଣ ଦେଇଛ ବୋଲି
କୋଉ ପ୍ରେମିକା ପଚାରେନି ପ୍ରେମିକକୁ
କୋଉ ସ୍ୱାମୀ ମନର ଏକାନ୍ତ କୋଠରୀରେ
ଅନ୍ୟ ନାରୀକୁ ଉଲଗ୍ନ କରିନି କୁହତ?

ବାପା ମଶାଣି ଯିବା ବାଟରେ
ଦୀର୍ଘଶ୍ୱାସ ଛଡ଼ା କଅଣ ବା ନିଅନ୍ତି ସାଂଗରେ
ମା'ତ ମାଟି ହେଇଥାଏ
ପାଦମାନେ ଯାଆନ୍ତି ଲକ୍ଷ୍ୟସ୍ଥଳ
ସମାଜ ଗଢୁଥିବା ଲୋକଙ୍କୁ
ବେଳେବେଳେ ସମାଜ ବି ଫିଙ୍ଗିଥାଏ ଦୂରକୁ।

ମାଟି ଶସ ଦିଏ ଚେରକୁ
ଚେର ଶସ ଦିଏ ଶ୍ରୀଫଳକୁ
ଶ୍ରୀଫଳ ନିଜ ଚରମ କ୍ଷଣରେ
ଆଘାତ ଦିଏ ମାଟିକୁ।

ଜୀବନ ତ ଅନେକ ଲୋକଙ୍କୁ
ପାରି କରିଥିବା ସଞ୍ଜ ଘାଟର ନାଉରିଆ
ଏକା ଏକା ଫେରେ ଘରକୁ
ଦୁଃଖର ଦର୍ପଣରେ କେବଳ
ନିଜର ପ୍ରତିବିମ୍ବ ଥାଏ
ଏବେ ଗୋଟେ ଅନୁଚ୍ଚାରିତ ପ୍ରଶ୍ନ
"ଟୁନା ବାବୁ ତମେ କେମିତି ଅଛ"?

ତମେ ବୁଝି ବି ବୁଝିପାରିନାହଁ
ତମ ସଫଳତା ଗୁଡ଼ାକ ନିର୍ବୋଧତା ଥିଲା
କେତେ କାମ୍ୟ ଥିଲା ତମ ପରାଜୟ ସବୁ
ଦୁନିଆଁରେ ଭାରି ସହଜ
ବାପର ଭଗାରିମାନେ ପୁଅର ବନ୍ଧୁ ହେବା।

ଫଳ ଥିଲେ ତୋଳିବା ଲୋକ ଥାଆନ୍ତି
ଯାହାକୁ ତମେ ସଂସାର କୁହ
ବୁଝି ହେଇ ନ ଥିବା ପ୍ରଶ୍ନକୁ
ତମେ ଜୀବନ କୁହ
ପାତ୍ରରେ ପାଣି ନ ଥିବା ଯାଏ
ତମେ ତାକୁ ସୁଖ କୁହ।

ଲକ୍ଷ୍ୟସ୍ଥଳ ଛୁଇଁବା ଆଗରୁ
ଯେଉଁ ତୀର ସବୁ ହାରିଯାଇଥିଲେ
ଏବେ ତମେ ତାକୁ ଭୁଲିଯାଅ।

ମୁଁ ଖାଲି ଜାଣିବାକୁ ଚାହେଁ
ଆୟୁଷ ଓ ମରଣ ମଝିରେ
ତମେ ଗୋଟିଏ ପ୍ରଶ୍ନ ନା ଉତର
ତଥାପି ଜାଣିବାକୁ ଚାହିଁବି
ଟୁନା ବାବୁ ତମେ କେମିତି ଅଛ?


♥ ସମ୍ପାଦିକା 'ମେଘ ମହ୍ଲାର'
ଭାବ ଭବନ, ଗୋପିଆକୁଦ
କୁଜଙ୍ଗ, ଜଗତ୍‌ସିଂହପୁର
(ମୋ) :୯୭୭୬୪୫୯୪୬୩


### ସନେଟ୍:

#### ସୁବର୍ଣ୍ଣ ପଞ୍ଜୁରି

**ଯୋଗେଶ ଦାସ**



ପଡିଥାଉ ଶୂନ୍ୟ ଏଠି ସୁବର୍ଣ୍ଣ ପଞ୍ଜୁରି
ମୁକ୍ତିର ଗୀତଗାଇ ଆକାଶର ପଥେ,
ଉଡିଯା'ରେ ପକ୍ଷଝାଡି ତୃଷିତ ଚଢେଇ
ଦୂରେ ଫିଙ୍ଗି ଅନବନା ସ୍ମୃତି ତୋର ଯେତେ!

ଚାଲରେ ସିଦ୍ଧାର୍ଥ ଚାଲ ନିରଞ୍ଜନା ତଟେ
ଉଛୁରହେଉଛି ବେଳ, ରାତ୍ର ଯିବ ପାହି,
ପ୍ରିୟତମା ଯଶୋଧାରା ତନ୍ଦ୍ରା ଯିବ ଭାଜି
ବୋଧିଦ୍ରୁମ, ଉରୁବେଳ ଥିବେ ପଥ ଚାହିଁ!

ଏଠି ଯାହା ବର୍ଣ୍ଣମୟ : ଛବିଳ ଅନ୍ଧାର
ଯୌବନର ରଙ୍ଗଶାଳା ଉଚ୍ଛୁଳା ମହକ,
କାମନାର ପଦ୍ମବନ ଯେତେ କମନୀୟ
ନାଗ'ର ଦଂଶନ ଭୟ ତା'ଠାରୁ ଅଧିକ!

କି'ବା ପ୍ରୟୋଜନ ତେବେ ଅଗ୍ନି ପାରାବାର
ସନ୍ତରିବା କେଉଁ ସୁଖେ, ଶୂନ୍ୟ ହାହାକାର!!


♥ ଶୂନ୍ୟନୀଡ଼, ସୋର
ବାଲେଶ୍ୱର
ମୋ: ୮୨୬୦୬୯୭୮୭୮


# ସର୍ଜନା ପାଇଁ ସବୁବେଳେ ପ୍ରେରଣାର ଆବଶ୍ୟକତା ନଥାଏ, ଏହା ଏକ ଅନ୍ତର୍ନିହିତ ସ୍ୱତଃସ୍ଫୁର୍ତ୍ତ ପ୍ରକ୍ରିୟା : ଡ. ବିନୋଦିନୀ ପାତ୍ର

**ଡ. ବିନୋଦିନୀ ପାତ୍ର** ଓଡିଆ ସାହିତ୍ୟ ଜଗତରେ ଗୋଟେ ଶ୍ରଦ୍ଧାଶୀଳ ଉଚ୍ଚାରଣ । ସେ ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରି ପ୍ରତିପାଦିତ କରିଛନ୍ତି ନିଜକୁ । କବିତା, ଗଳ୍ପ, ଶିଶୁ ସାହିତ୍ୟ, ଉପନ୍ୟାସ ସମେତ ଅନୁବାଦ ସାହିତ୍ୟର ମଧ୍ୟ ସେ ଜଣେ ପ୍ରବୀଣ ସ୍ରଷ୍ଟା । ଅନୁଭୂତି, ଅନୁଭବ ସହ ଉପସ୍ଥାପନାରେ ନିଆରା ଶୈଳୀ ହିଁ ତାଙ୍କୁ ଦେଇଛି ଅନନ୍ୟ ପରିଚୟ । କେବଳ ଜଣେ ଲେଖକ ଭାବରେ ନୁହେଁ, ବରଂ ଜଣେ ସ୍ନେହ ଛଳଛଳ ମଣିଷ ଭାବେ ସେ ଅନେକଙ୍କର ଆପଣାର । "ଓଡିଆ ଭାଷାର ମାନ କିଛି କମ୍ ନୁହେଁ। ଅଭାବ କେବଳ ଆମ ଓଡିଆରେ ଲିଖିତ ବହିର ପ୍ରସାର, ପ୍ରଚାର ଓ ବହୁଳ ଅନୁବାଦ" ବୋଲି କହୁଥିବା ବରିଷ୍ଠ ଲେଖିକାଙ୍କ ସହ ଏଥରର ଆଳାପ...

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



## ■ ଅକ୍ଷରେ ଡ. ବିନୋଦିନୀ ପାତ୍ର



ଜନ୍ମ ତାରିଖ - ୬ ନଭେମ୍ବର ୧୯୫୧
ପିତା - ପଣ୍ଡିତ କୁବେର ଚନ୍ଦ୍ର ପାତ୍ର
ମାତା - ଶ୍ରୀମତୀ ସୁରବାଳା ପାତ୍ର
ସ୍ୱାମୀ- ଡ. ମନ୍ମଥ କୁଣ୍ଡୁ
ଜନ୍ମସ୍ଥାନ - ବାଲିଆପାଳ, ବାଲେଶ୍ୱର
ବର୍ତ୍ତମାନର ଠିକଣା-
ପ୍ଲଟ ନଂ- ୨/୧୧, ଶ୍ରୀ ଟାୱାରର୍ସ, ବିଜେବି ନଗର, ଭୁବନେଶ୍ୱର-୧୪
ମୋ: ୯୯୩୭୧୯୮୯୩୫

### ପ୍ରକାଶିତ ପୁସ୍ତକ

**(କବିତା ସଂକଳନ)**

୧- ତୁମ ପ୍ରତୀକ୍ଷାରେ ନିଶିଦିନ
୨- ଅନ୍ତରୁ ଆରମ୍ଭ
୩- ଦୀପ ଓ ଅନ୍ୟାନ୍ୟ କବିତା
୪- ବନ୍ଧୁ
୫- ମହାରାଣୀ

**(ଗଳ୍ପ ସଂକଳନ)**

୧- ଉଦାସୀନ ଅପରାହ୍ନ
୨- ପୁନଶ୍ଚ ଗୌତମୀ
୩- ଦେବୀ ଦର୍ଶନ
୪- ମାଆଙ୍କ ବୈକୁଣ୍ଠପୁର

**(ଶିଶୁ ସଂକଳନ)**

୧- କୁନା ପାଇଁ ଗୀତ
୨- କଥାକୁ କଥା
୩- ପିଲାଙ୍କ ପାଇଁ ଆଦିବାସୀ ଲୋକକଥା-୧
୪- ପିଲାଙ୍କ ପାଇଁ ଆଦିବାସୀ ଲୋକକଥା-୨

**(ଅନୁବାଦ ଉପନ୍ୟାସ)**

୧- ବିକ୍ଷତ ବିହଗ
୨- ଇଣ୍ଡିଆନ୍ ଲିଙ୍କ୍
୩- ମୋର ଦିନମାନ
୪- ମାଲଗୁଡ଼ିର ମହାବଳ
୫- ମଝିଲୋକ
୬- କସକ୍‌ର କିମ୍ବଦନ୍ତୀ
୭- ଗାଁର ପୁଅ ଓ ଅନ୍ୟାନ୍ୟ କାହାଣୀ
୮- ଚେକଭଙ୍କ ନିର୍ବାଚିତ ଗଳ୍ପ
୯- ମୋପାସାଙ୍କ ନିର୍ବଚିତ ଗଳ୍ପ (ଯନ୍ତ୍ରସ୍ଥ)

■ **କବିତା କାହିଁକି ? କେମିତି ହେଇଥିଲା ଆପଣଙ୍କର ସୃଜନର ଆଦ୍ୟ ସ୍ପନ୍ଦନ ?**

■■ ଏ ସୃଷ୍ଟିର ଆଦ୍ୟ ସୃଜନ ହେଉଛି ସ୍ୱରଝଙ୍କାର। ଆଦିମାନବର ଆବେଗାତ୍ମକ ସୁସୁରୀରୁ କବିତାର ସ୍ୱର ନିସୃତ ହେଇଥିଲା। ବିଶ୍ୱର ପ୍ରଥମ ରଚନା ହେଉଛି କବିତା। ବାଲ୍ମିକୀଙ୍କ କଣ୍ଠର 'ମା' ନିଶାଦ'ରୁ ଆରମ୍ଭ ହେଇ ଏଯାବତ କବିତା ହିଁ ପାଠକକୁ ପ୍ରଥମେ ଆକର୍ଷିତ କରିଛି। ପ୍ରତ୍ୟେକ ଲେଖକ ପ୍ରାୟତଃ କବିତା ଲେଖାରୁ ଲେଖକୀୟ ଜୀବନ ଆରମ୍ଭ କରିଛନ୍ତି। ଅବଶ୍ୟ ପରବର୍ତ୍ତୀ କାଳରେ ସେମାନେ ଗପ, ଉପନ୍ୟାସ, ନାଟକ, ଶିଶୁସାହିତ୍ୟ ବା ଅନୁବାଦ ଆଡକୁ ଆଗେଇ ଯାଇଛନ୍ତି। ମୋ ଲେଖକୀୟ ଜୀବନର ଆଦ୍ୟ ଅଭିବ୍ୟକ୍ତି ହିଁ କବିତାରେ ସ୍ପନ୍ଦିତ ହେଇଥିଲା। ତାହା ପ୍ରାକୃତିକ, ସ୍ୱତଃସ୍ଫୁରିତ।

ମୋର ବାପା ଜଣେ ଲେଖକ ଥିଲେ। ଆମ ବାଲିଆପାଳ, ସୁବର୍ଣ୍ଣରେଖା ହାଇସ୍କୁଲରେ ସେ ଏକ ସୁନ୍ଦର ପରମ୍ପରା ଆରମ୍ଭ କରିଥିଲେ। ପ୍ରତି ବର୍ଷ ଗଣେଶ ଓ ସରସ୍ୱତୀ ପୂଜା ରାତ୍ରୀରେ ଆମ ପିଲାଙ୍କ ଦ୍ୱାରା ଓ ଶିକ୍ଷକମାନଙ୍କ ନିର୍ଦ୍ଦେଶନାରେ ଭଲଭଲ ନାଟକ ଅଭିନୀତ ହେଉଥିଲା। ଏହାର ଉଦ୍ଦେଶ୍ୟ ଥିଲା ଛାତ୍ରଛାତ୍ରୀ ମାନଙ୍କର କଳାତ୍ମକତା,ସାଂସ୍କୃତିକ ଓ ସାମଗ୍ରିକ ପ୍ରତିଭାର ବିକାଶ ସାଧନ। ମୁଁ ମଧ୍ୟ ସେହି ନାଟକରେ ନୃତ୍ୟ, ଗୀତ ଓ ଅଭିନୟରେ ଭାଗ ନେଉଥିଲି। ତେଣୁ ଗୀତରେ ନାଟକ ରଚନା କରିବାର ଆଗ୍ରହ ସେଇଠୁ ମୋର ସୃଷ୍ଟି ହେଇଥାଇ ପାରେ। ସାନବେଳେ ମୋ ସାଙ୍ଗମାନଙ୍କୁ ଧରି ମୋ ରଚିତ ମିନି ନାଟକ ମାନଙ୍କୁ ନେଇ ଆମେ ଖେଳରେ ଖେଳରେ ଅଭିନୟ କରୁଥିଲୁ। ସେଇଠୁ ହୁଏତ ଲେଖିବାର ଲିପ୍ସା ମୋ ମନରେ ସୃଷ୍ଟି ହେଇଥିଲା। ଅଷ୍ଟମ ଶ୍ରେଣୀରେ ପଢିବା ବେଳେ ମୋର ପ୍ରଥମ କବିତା ଆମ ସ୍କୁଲ ମାଗାଜିନ୍ 'ସୁବର୍ଣ୍ଣରେଖା'ରେ ପ୍ରକାଶିତ ହେବାର ଦେଖି ଖୁସି ହେଇଥିଲି। ତାହା ପରଠାରୁ ମୁଁ କିଛି ଲେଖେଁ ଓ ମୋ ବାପାଙ୍କୁ ଦେଖାଏଁ। ସେ ଖୁସି ହେଇ କୁହନ୍ତି ଏମିତି ଭାଷା ତୁ କେଉଁଠୁ ଶିଖିଲୁ ? ମୁଁ ସାନବେଳୁ ଆମ ସ୍କୁଲ ଲାଇବ୍ରେରୀରୁ ଗପ ବହି ସବୁ ଆଣି ପଢୁଥିଲି। ସେଇ ପଢିବା ଅଭ୍ୟାସ ମୋର ଏବେ ଯାଏ ରହିଛି। ମାଟ୍ରିକ୍ ପରେ ମୁଁ ବିଧିବଦ୍ଧ ଭାବେ ଲେଖିଲି। ପ୍ରଜାତନ୍ତ୍ରର ସାହିତ୍ୟ ପୃଷ୍ଠା ମୋତେ କବି ପରିଚିତି ଦେବାରେ ସାହାଯ୍ୟ କରିଛି। ଅବଶ୍ୟ ମୋର ଜୀବନର ପ୍ରଥମ ପୁରସ୍କାରଟି ମୁଁ ଗପ ପାଇଁ ପ୍ରଜାତନ୍ତ୍ର ତରଫରୁ ପାଇଥିଲି। ସେତେବେଳେ ମୁଁ ୟୁନିଭରସିଟିର ଛାତ୍ରୀଟିଏ ଥିଲି।

■ **ଆପଣଙ୍କର ସାରସ୍ୱତ ପ୍ରେରଣା କିଏ ? ଆପଣଙ୍କର ସାରସ୍ୱତ ଆଦ୍ୟଗୁରୁ ଭାବେ କାହାକୁ ସ୍ମରଣ କରିବେ ?**

■■ ସର୍ଜନା ପାଇଁ ସବୁବେଳେ ପ୍ରେରଣାର ଆବଶ୍ୟକତା ନ ଥାଏ, ଏହା ଏକ ଅନ୍ତର୍ନିହିତ ସ୍ୱତଃସ୍ଫୁର୍ତ୍ତ ପ୍ରକ୍ରିୟା । ଅବଶ୍ୟ ପିତାମାତା ଓ କେଉଁ ପୂର୍ବ ପୁରୁଷର ଗୁଣସୂତ୍ର ବି ଅନେକ ସମୟରେ ପରବର୍ତ୍ତୀ ପିଢି ଭିତରେ କାର୍ଯ୍ୟ କରିଥାଏ। ମୋ ବାପା ଜଣେ ଲେଖକ ଥିଲେ। ତାଙ୍କୁ ଜଣେ ଆଶୁ ଲେଖକ ଥିଲେ କହିଲେ ଠିକ୍ ହେବ। ଯେ କୌଣସି ବିଷୟରେ ସେ କବିତାଟିଏ କି ଭାଷଣଟିଏ ସଂଗେ ସଂଗେ ଉଚ୍ଚାରି ଦେବେ ଓ ଲେଖି ବି ଦେବେ। ମୋ ପୁଅମାନେ ସେ ଗୁଣସୂତ୍ରରୁ କିଛି ଆଣିଥିଲେ। ହେଲେ ତାର ବିକାଶର ଦିଗ ବୁଲି ଗଲା। ଲେଖାଲେଖିରେ ପ୍ରତିଷ୍ଠିତ ହେବାକୁ ହେଲେ ଯେଉଁ ସାଧନା ବା ତତ୍ପରତା ଲୋଡା ତାହା ମୋ ବାପାଙ୍କର ବି ସେତେ ନ ଥିଲା। ତାଙ୍କର ଅଜସ୍ର ଲେଖା ସମୟ ସହ ଉଡି ଯାଇଛି। ମାତ୍ର କେତେଖଣ୍ଡ ବହି ଭିତରେ ସେ ସୀମିତ ଥିଲେ । ମୋର ବି ସେ ଦିଗରେ ଏତେ ଯତ୍ନ ନାହିଁ। ବହୁ ସାନବେଳୁ ଲେଖୁଥିଲେ ବି ମୋର ପ୍ରଥମ ପୁସ୍ତକ ନବେ ଦଶକରେ ପ୍ରକାଶିତ ହେଲା, ତାହା ବି ମୋର ସାରସ୍ୱତ ବନ୍ଧୁମାନଙ୍କ ଉତ୍ସୁକ ସହାୟତାରୁ। ବହୁଲେଖା ମୋର ଅଯତ୍ନରୁ ସମୟ ସୁଅରେ ଭାସି ହଜି ଯାଇଛି।

ସାହିତ୍ୟର ପ୍ରବାହ ପ୍ରଥମେ ଲେଖକର ଅନ୍ତରରୁ ସୃଷ୍ଟି ହୁଏ। ଗୁରୁ, ଉପଦେଷ୍ଟା ଓ ଶୁଭେଚ୍ଛୁମାନଙ୍କ ସହାୟତାରେ ତାହା ତ୍ୱରାନ୍ୱିତ ହୁଏ। ଲେଖକଟିଏର ବହୁଳ ପଠନ ଦ୍ୱାରା ତାର ସାରସ୍ୱତ ସର୍ଜନାର ବିକାଶ ହୁଏ, ଲେଖା ପରିମାର୍ଜିତ ହୁଏ। ମାଟ୍ରିକପଢିବା ବେଳେ ମୁଁ ବହୁତ ବହି ଆମ ଲାଇବ୍ରେରୀରୁ ନେଇ ପଢୁଥିଲି। ଉପନ୍ୟାସମାନଙ୍କର ବୟସ୍କ ବିଭାବ ବି ସେତେବେଳେ ଟିକେ ଟିକେ ଅବୁଝା ରହୁଥିଲା ମୋ ପାଇଁ। ତଥାପି ପଢୁଥିଲି। ଏ ଯାବତ୍ ସେ ପଠନର ଧାରା ମୋ ପାଇଁ ଅବ୍ୟାହତ ରହିଛି। ଯେତେ ମୁଁ ଲେଖେନା ତାଠୁଁ ଅନେକଗୁଣ ଅଧିକ ପଢେ। କିଛି ନ ପଢିଲେ ବା ନଲେଖିଲେ ସେ ଦିନଟା ମୋର ବ୍ୟର୍ଥ ହେଲା ବୋଲି ଭାବେ। ପ୍ରାଥମିକ ଅବସ୍ଥାରେ ମୁଁ କଣ୍ଟୁରିଚରଣ ଦାସ, ବୀରକିଶୋର ରାୟ, କାହ୍ନୁ ଚରଣ ମହାନ୍ତି ଓ ପରବର୍ତ୍ତୀ ସମୟରେ ବିଭୁତି ପଟ୍ଟନାୟକ, ବାମାଚରଣ ମିତ୍ର ପ୍ରତିଭା ରାୟ ଓ ଆହୁରି ଅନେକ ଲେଖକ ଲେଖିକାଙ୍କର ପ୍ରାୟ ସମସ୍ତ ବହି ପଢି ସାରିଥିଲି। ଅବଶ୍ୟ ଗୋପୀନାଥ ମହାନ୍ତି, ଚନ୍ଦ୍ରଶେଖର ରଥ, ସୁରେନ୍ଦ୍ର ମହାନ୍ତି ଓ ଶାନ୍ତନୁ ଆଚାର୍ଯ୍ୟଙ୍କୁ କଲେଜ ବେଳରେ ପଢିଲି। ମନୋଜ ଦାସଙ୍କୁ ବହୁ ପରେ ପଢିଲି ଓ ତାଙ୍କର ଅବର୍ଣ୍ଣନୀୟ କଥାଶିଳ୍ପରେ ଅଭିଭୂତ ହେଇ ଯାଉଥିଲି।

ବହୁତ ପ୍ରତିଷ୍ଠିତ କବିଙ୍କୁ ବି ପଢି ନ ଥିଲି। ପ୍ରତିଭା ଶତପଥୀ, ରମାକାନ୍ତ ରଥ ଓ ସୀତାକାନ୍ତ ମହାପାତ୍ର, ହର ପ୍ରସାଦ ଦାସ ଓ ମୋର ଶିକ୍ଷା ଗୁରୁ ସୌଭାଗ୍ୟ ମିଶ୍ରଙ୍କୁ ବହୁପରେ ପଢିଛି। ସଚ୍ଚି ରାଉତରାୟ ମୋର ପ୍ରିୟ କବି ଓ ମୋର ଦ୍ରୋଣ ଗୁରୁ। ରମାକାନ୍ତ ଓ ସଚ୍ଚିଦାନନ୍ଦ ମୋର କବି ପ୍ରତିଭାକୁ ପ୍ରଶଂସା କରିବା ସହ ମୋର ଲେଖନୀକୁ ମାର୍ଜିତ କରିଥିଲେ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ମୁଁ ୟୁନିଭରସିଟିରେ ପଢିବାବେଳେ ଦିବ୍ୟସ୍ରଷ୍ଟା ମନୋଜ ଦାସ ପ୍ରଜାତନ୍ତ୍ରର ପୃଷ୍ଠାରୁ ଆବିଷ୍କାର କରି ମୋତେ ଏନ୍ ବି ଟି କର୍ତ୍ତୃକ ତାଙ୍କ ଦ୍ୱାରା ସମ୍ପାଦିତ ସ୍ୱାଧୀନତାତୋତ୍ତର କବିତା ସଂକଳନରେ ସ୍ଥାନିତ କରି ଜାତୀୟ ସ୍ତରରେ ପରିଚିତି ଦେଇଥିଲେ।

■ **କେମିତି ଥିଲା ସାହିତ୍ୟରେ ଆପଣଙ୍କ ପ୍ରବେଶର ପ୍ରଥମ ଅନୁଭୂତି ? ବ ?ତ୍ତି ଓ ପ୍ରବୃତ୍ତି କେମିତି ପ୍ରୋତ୍ସାହିତ କରନ୍ତି ଆପଣଙ୍କ ସାରସ୍ୱତ ଜୀବନକୁ ?**

■■ ସାରସ୍ୱତ ଜଗତକୁ ବିଧିବଦ୍ଧ ଭାବେ ପ୍ରବେଶ କରିବାର ବାଟ ମୋତେ ଦେଖାଇ ଥିଲା ହରେକୃଷ୍ଣ ମହାତାବଙ୍କ ଦ୍ୱାରା ପ୍ରତିଷ୍ଠିତ ଖବର କାଗଜ ପ୍ରଜାତନ୍ତ୍ର। ମୁଁ ସେତେବେଳେ ବି.ଏ ପ୍ରଥମ ବର୍ଷର ଇଂରାଜୀ ଅନର୍ସର ଛାତ୍ରୀ। ମୋର ବଡଭାଇ ପ୍ରଫେସର କୀର୍ତ୍ତନଚନ୍ଦ୍ରଙ୍କ ପାଖରେ ରହି ବାରିପଦା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟରେ ପଢୁଥାଏଁ। ସେ ଇଂରାଜୀ କାଗଜଟିଏ ସହ ପ୍ରଜାତନ୍ତ୍ର ବି ମଗାଉଥିଲେ। ମୁଁ ସ୍ୱଭାବତଃ ସ୍ୱଳ୍ପଭାଷୀ ଓ ଲାଜକୁଳୀ ଥିଲି। ପ୍ରଜାତନ୍ତ୍ରର ସାହିତ୍ୟ ପୃଷ୍ଠା ପଢି ମୁଁ ସେଠାକୁ କବିତାଟିଏ ପଠାଇ ଦେଇଥିଲି। ପ୍ରକାଶିତ ହେବ କି ନ ହେବ, ସେ ବିଷୟରେ ସନ୍ଦିହାନ ଥିଲି ବୋଲି କାହାକୁ କିଛି କହି ନ ଥିଲି। ପର ସପ୍ତାହରେ ମୋତେ ଆଶ୍ଚର୍ଯ୍ୟ କରି ତାହା ପ୍ରକାଶିତ ହେଲା। ସାହିତ୍ୟ ପୃଷ୍ଠାରେ ମୋର ସେ କବିତା ପଢି ବଡଭାଇ ଖୁସି ହେଇ ମୋତେ କାଗଜଟି ବଢାଇ ଦେଇଥିଲେ। ତାପରେ ମୁଁ ପ୍ରତି ସପ୍ତାହରେ କବିତା ଗପ ଓ ରମ୍ୟ ରଚନାମାନ ଲେଖି ପ୍ରଜାତନ୍ତ୍ରକୁ ପଠାଇଲି। ମୋର ଭାଗ୍ୟ ଯେ ସେ ସବୁଗୁଡିକ ଶୀଘ୍ର ଶୀଘ୍ର ପ୍ରକାଶିତ ହେଲା, ଯାହା ମୋତେ ନିୟମିତ ଲେଖିବାକୁ ପ୍ରଚୋଦିତ କଲା। କଲେଜରେ ସାର୍‌ମାନେ ମୋତେ ପ୍ରଶଂସା କରି କହୁଥିଲେ ତୁ ନିଶ୍ଚୟ ପ୍ରଜାତନ୍ତ୍ର ପୁରସ୍କାର ପାଇବୁ। ସାହିତ୍ୟ ପାଇଁ ପୁରସ୍କାର ମିଳେ ବୋଲି ମୋର ଧାରଣା ନ ଥିଲା। ବିଜ୍ଞାନ ସାହିତ୍ୟ ଲେଖକ ଡ. ସୂର୍ଯ୍ୟମଣି ବେହେରା ସେମାନଙ୍କ ମଧ୍ୟରୁ ଜଣେ ଯିଏ ମୋତେ ବହୁଭାବରେ ଉତ୍ସାହିତ କରିଥିଲେ। ମୋର ସେ ଶୁଭେଚ୍ଛୁ ଗୁରୁମାନଙ୍କ ଆଶୀର୍ବାଦ ଫଳିଲା। ପିଜି କରିବା ସମୟରେ ମୁଁ ପ୍ରଜାତନ୍ତ୍ରର ସୁଲେଖା ପୁରସ୍କାର ପାଇଲି। ବୃତ୍ତି ଜୀବନ ମୋତେ ବହୁଧା ବିଭକ୍ତ କରି ଦେଇଥିଲା। ଚାକିରୀ, ଛୁଆପିଲା ଓ ପରିବାରର ସମସ୍ତଙ୍କ ଦାୟିତ୍ୱ ମୋତେ ଆକ୍ରାମାକ୍ରା କରୁଥିଲେ ବି ରାତିରେ ସବୁକାମ ସାରି ମୁଁ ଲେଖୁଥିଲି। ମୋର ଏଣେତେଣେ ବିଛୁରି ହଜିଯାଇଥିବା କିଛି ଲେଖା ସ୍ୱାମୀଙ୍କ ହାତରେ ପଡିଲେ ସେ ତାହା ଆଣି ମୋତେ ଦେଉଥିଲେ। ମୋତେ ଲେଖା ପଠାଇବାରେ ବି ସହାୟତା କରୁଥିଲେ।

■ **ଓଡିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ ଆପଣ କେତେ ଆଶାବାଦୀ ? କଣ କଲେ ଏହା ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରିବ ?**

■■ ମୁଁ ଇଂରାଜୀ ଅଧ୍ୟାପିକା ଥିଲି। ଇଂରାଜୀ ସାହିତ୍ୟ ସହ ବହୁ ହିନ୍ଦୀ ଓ ବଂଗଳା ସାହିତ୍ୟ ବି ପଢିଛି। ବହୁ ଅନୁଦିତ ସାହିତ୍ୟ ପଢିଛି। ନିଜେ ବିଭିନ୍ନଭାଷାର ମୌଳିକ ବହି ଓ ଇଂରାଜୀ ଅନୁବାଦରୁ ଓଡିଆକୁ ଅନୁବାଦ ମଧ୍ୟ କରିଛି। କିଛି କିଛି ଇଂରାଜୀ ଗପ, କବିତା ଲେଖେଁ। ଅନୁବାଦ ବି କରେ । ଏହିସବୁ ସାରସ୍ୱତ କର୍ମ କଲାବେଳେ ମୁଁ ସବୁ ଭାଷାକୁ ଏକ ତୁଳନାତ୍ମକ ଦୃଷ୍ଟିଭଂଗୀରେ ଦେଖେ । ତେଣୁ ମୁଁ କହିବି ଓଡିଆ ଭାଷାର ମାନ କିଛି କମ୍ ନୁହେଁ। ଅଭାବ କେବଳ ଆମ ଓଡିଆରେ ଲିଖିତ ବହିର ପ୍ରସାର, ପ୍ରଚାର ଓ ବହୁଳ ଅନୁବାଦ। ଯେଉଁ ପ୍ରକାଶକମାନେ ସେ ବହିସବୁକୁ ଛାପୁଛନ୍ତି, ଛପା ସରିଲେ ତାଙ୍କର ଦାୟିତ୍ୱ ସରିଲା ବୋଲି ଭାବୁଛନ୍ତି। ଅବଶ୍ୟ ସେମାନେ ବହି ବିକ୍ରୟ ବି କରୁଛନ୍ତି। କିଂତୁ ବହିର ବହୁଳ ବିଜ୍ଞାପନ ନ ହେଲେ ତାହା ଲୋକଙ୍କ ଦୃଷ୍ଟିକୁ ଆସିବ କିପରି ? ସିନେମାଟିଏ ରିଲିଜ ପୂର୍ବରୁ କେଉଁ ଭଳି ପ୍ରଭୂତଭାବେ ବିଜ୍ଞପିତ ହୁଏ ତାହା ସମସ୍ତେ ଜାଣିଛନ୍ତି। ସେହିପରି ବହିର ବହୁଳ ବିଜ୍ଞାପନ ହେବା ଜରୁରୀ। ଆର.କେ ନାରାୟଣଙ୍କ ବହିର ବିଦେଶୀ ପ୍ରକାଶକ ମାନେ ତାଙ୍କର ବହିକୁ ବିଜ୍ଞାପିତ କରି ତାଙ୍କୁ ବିଦେଶରେ ଏମିତି ପରିଚିତି ଦେଇଥିଲେ ଯେ ବିଦେଶୀମାନେ ଭାରତକୁ ଆସି ନାରାୟଣଙ୍କୁ ଖୋଜିଲେ, ଯେଉଁଠିକି କତିପୟ ପାଠକ ତାଙ୍କୁ ଚିହ୍ନି ଥିଲେ। ସେକଥା ସେ ତାଙ୍କ ଆତ୍ମଜୀବନୀରେ ଲେଖିଛନ୍ତି। ଆମ ପ୍ରକାଶକ ଓ ବିତରକମାନେ ଯଦି ବହିର ବହୁଳ ବିଜ୍ଞାପନ କରନ୍ତେ ତେବେ ତାହା ପାଠକଙ୍କୁ ଆକର୍ଷିତ କରନ୍ତା । ସାହିତ୍ୟ ଜନାଭିମୁଖୀ ହୁଅନ୍ତା। ଦ୍ୱିତୀୟ କଥାଟି ସାହିତ୍ୟ ସାଧାରଣ ମଣିଷର ଭାଷାରେ ମଣିଷର କଥା କହିଲେ ହିଁ ଲୋକଙ୍କୁ ତାହା ନିଜର ଲାଗିବ ଓ ପାଠକେ ସେ ପ୍ରତି ଆଗ୍ରହୀ ହେବେ। ପରୀକ୍ଷା ନିରୀକ୍ଷା କରୁଥିବା ସାହିତ୍ୟ ସବୁବେଳେ ପାଠକଙ୍କୁ ଆକୃଷ୍ଟ କରିପାରେ ନାହିଁ। କାରଣ ଅବୋଧତା ପଠନର ଆନନ୍ଦ ଆଣିପାରେ ନାହିଁ। ତଥ୍ୟ ଭିତ୍ତିକ ସାହିତ୍ୟର ପାଠକ ଗୋଷ୍ଠୀଙ୍କ ସଂଖ୍ୟା କତିପୟ। ସାଧାରଣ ଲୋକେ ସେ ସାହିତ୍ୟ ପ୍ରାୟତଃ ପଢନ୍ତି ନାହିଁ। ସାହିତ୍ୟ ସବୁବେଳେ ଜନାଭିମୁଖୀ ହେବା ଉଚିତ।

■ **କୁହାଯାଉଛି ଯେ ଆମ ମାତୃଭାଷା ଆଜି ସଂକଟରେ। ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବକି ?**

■■ ଏ ସଂକଟ ଖାଲି ଆମ ଓଡିଆ ଭାଷା ପାଇଁ ନୁହେଁ, ସମଗ୍ର ଭାରତବର୍ଷରେ ଏ ସଂକଟ ଦେଖାଯାଉଛି। ବହୁଳ ଭାବେ ଇଂରାଜୀ ମିଡିୟମ୍ ସ୍କୁଲ ଶିକ୍ଷାର ଏହା ଏକ କୁପ୍ରଭାବ। ଆମର ଭାଷା ସଚେତନତା ଓ ଅସ୍ମିତାର ସଂରକ୍ଷଣ ଏହି ଆଶଂକାକୁ କିଛିଟା ଦୂର କରିପାରିବ। ପୃଥିବୀର ଅନେକ ଭାଷା ବ୍ୟବହାର ଅଭାବରୁ ମରିଯାଇଛି। ଦକ୍ଷିଣ ରାଜ୍ୟମାନେ ତାଙ୍କ ଭାଷା ପ୍ରତି ଖୁବ୍ ସଚେତନ। ଏପରିକି ବଂଗାଳୀମାନେ ମଧ୍ୟ ସେ ଦିଗରେ ଆଗୁଆ। ଆମେ ଯଦି ଘରେ ବାହାରେ ସବୁଠାରେ ଆମ ଭାଷାରେ କହନ୍ତେ ଓ ଲେଖନ୍ତେ, ତେବେ କିଛିଟା ମାତୃଭାଷାର ଉନ୍ନତି ହୁଅନ୍ତା। ଦୁର୍ଭାଗ୍ୟର ବିଷୟ ଆମ ପିତାମାତାମାନେ ତାଙ୍କ ପିଲାଙ୍କୁ ଘରେ ମଧ୍ୟ ଇଂରାଜୀରେ ଓ ହିନ୍ଦୀରେ କଥା ହେବାକୁ ଉତ୍ସାହିତ କରନ୍ତି। ଇଂରାଜୀ ମିଡିୟମ୍ ସ୍କୁଲ ଓ ଟିଭି ସେକଥାର ଦାୟିତ୍ୱ ସ୍ୱୟଂ ନେଇ ଯାଇଛନ୍ତି। ବହୁଳ ହିନ୍ଦୀ ସିରିଏଲ୍ ଓ ଚାନେଲ୍ ଦେଖି ହିନ୍ଦୀ ଓ ଇଂରାଜୀ ମିଡିୟମ୍ ସ୍କୁଲରେ ପଢି ଆମ ପିଲାଏ ଓଡିଆକୁ ଗୁରୁତ୍ୱ ଦେଉ ନାହାନ୍ତି। ଭାଷା ଆମର ପରିଚୟ। ଅନ୍ୟ ଭାଷାରେ କଥାହେଲେ ଆମକୁ କଣ ସେହି ଭାଷାର ଲୋକ ପରି ଅଧିକ ସମ୍ମାନ ମିଳିବକି ? ଖୁସ୍ୱନ୍ତ ସିଂ ନିଜ ଭାଷା ସପକ୍ଷରେ ଏକ ସୁନ୍ଦର ପ୍ରଭାବଶାଳୀ ଗପଟିଏ ଲେଖିଥିଲେ । ଇଂରାଜୀ ଭାଷାପ୍ରିୟ ଶିକ୍ଷିତ ଲୋକଟିଏ କିପରି ଇଂରାଜୀରେ କଥା କହିବାରୁ ଇଂରେଜଙ୍କଠାରେ ଅପଦସ୍ତ ହେଇଥିଲା, ତାହାକୁ ଦର୍ଶାଇଥିଲେ ସେ ଗପଟିରେ। ନୀଳବର୍ଣ୍ଣ ଶୃଗାଳ ଏହାର ଏକ ସୁନ୍ଦର ଉଦାହରଣ। ଆମ ଓଡିଆ ଏକ ପ୍ରାଚୀନ ଭାଷା, ଉନ୍ନତ ଭାଷା। ଏହା ପାଇଁ ଆମ ମନରେ ଗର୍ବ ଅନୁଭବ ରହିବା ଉଚିତ। ନିଜ ଭାଷାକୁ ଭଲ ପାଇଲେ ତାର ବିଲୟ ଅସମ୍ଭବ। ଆମ ଭାଷା ପ୍ରତି ପିଲାଙ୍କ ମନରେ ସମ୍ମାନ ଓ ଭଲପାଇବା ରଖିବାକୁ ଗୁରୁ ଓ ପିତାମାତା ତତ୍ପର ହେବା ଉଚିତ। ତାହାହେଲେ ନବପିଢି ଓଡିଆ ସାହିତ୍ୟାଭିମୁଖୀ ହେବେ। ଜଗତୀକରଣର ପ୍ରଭାବ ବା ନୂତନପ୍ରଯୁକ୍ତି ବିଦ୍ୟା ଆମ ଭାଷାର ବାଧକ ନୁହନ୍ତି ବରଂ ତାଦ୍ୱାରା ଆମ ଭାଷା ସାହିତ୍ୟ ବିକଶିତ ଓ ଲୋକପ୍ରିୟ ହେବ ଓ ଭାଷା ସୁରକ୍ଷିତ ନିଶ୍ଚୟ ରହିବ।

■ **ଭଲ କବିତାର ସଂଜ୍ଞା କଣ ? ସାହିତ୍ୟ ମାଧ୍ୟମରେ ମଣିଷର ମାନସିକତାକୁ ବଦଳେଇବା ସମ୍ଭବ କି ?**

■■ ଭଲକବିତା ବା ମନ୍ଦ କବିତାର ସୀମାରେଖା କିଛି ନାହିଁ। ଯେଉଁ କବିତା ସମସ୍ତଙ୍କ ମନକୁ ଛୁଏଁ ତାହାହିଁ ଭଲ କବିତା ବୋଲି ମୁଁ କହିବି। ତାହା ଛନ୍ଦମୟ କବିତା ହେଉ ବା ଗଦ୍ୟ କବିତା ହେଉ। ଯେଉଁ କବିତା ପଢିଲେ ପାଠକ କିଛି ସମୟ ନିଜ ଭିତରେ ହଜିଯାଏ, ସେ କବିତାର ପଦକୁ ଗୁଣଗୁଣାଏ, ତାହାହିଁ ସୁନ୍ଦର କବିତା। ଆଜିକାଲି ବୌଦ୍ଧିକ ଓ କ୍ଲିଷ୍ଟ ଶୈଳୀରେ ଲିଖିତ କବିତାକୁ କେତେକ ଉଚ୍ଚମାନର କବିତା ବୋଲି ଅଭିହିତ କରୁଛନ୍ତି। କିନ୍ତୁ ସେସବୁ କେତେଜଣଙ୍କୁ ଆକର୍ଷିତ କରୁଛି ? ମଣିଷର ଅନ୍ତରଙ୍ଗ ଭାବକୁ ଯେଉଁ କବିତା ନାନ୍ଦନିକ କରି ଉପସ୍ଥାପିତ କରିପାରେ ତାହା ମୋ ମତରେ ଭଲ କବିତା।

କବିତା କାହାର ମାନସିକତାକୁ ସିଧାସଳଖ ଭାବେ ବଦଳାଇ ପାରେନା। ମାତ୍ର କବିତା ନିଶ୍ଚିତ ଭାବେ ମଣିଷର ଆବେଗକୁ ଅନୁରଣିତ କରିପାରେ। ରାମାୟଣ, ମହାଭାରତ, ଗୀତା ଓ ଭାଗବତର କଥାମାନ କେତେ ସତ୍ୟ ତାହା ଆମକୁ ଜଣା ନ ଥିଲେ ବି ବହୁଳ ଭାବେ ଆମ ଜନଜୀବନକୁ କାଳକାଳ ଧରି ପ୍ରଭାବିତ କରି ଆସୁଛି। ମୋ ନିଜ ଅନୁଭବରୁ କହୁଛି ଟଲଷ୍ଟୟଙ୍କର ଏକ ଗଳ୍ପ ମୋର ଦ୍ୱିତୀୟ ସନ୍ତାନ ଜନ୍ମବେଳର ମୃତ୍ୟୁ ଭୟକୁ ଦୂରେଇ ଦେଇଥିଲା। ସାହିତ୍ୟର ପଠନ ମଣିଷର ମନକୁ ପ୍ରଭାବିତ କରି ବଦଳେଇବାରେ ନିଶ୍ଚିତ ଭାବେ ସାହାଯ୍ୟ କରେ।

■ **ଓଡିଆ ଭାଷା ସାହିତ୍ୟକୁ ନେଇ ଆପଣ କେତେ ଆଶାବାଦୀ ?**

■■ ଓଡିଆ ଭାଷାକୁ ନେଇ ନୈରାଶ୍ୟର ପ୍ରଶ୍ନ ହିଁ ନାହିଁ। ଯେ ପର୍ଯ୍ୟନ୍ତ ଓଡିଆ ମଣିଷ ବଂଚିଛି, ଓଡିଆଭାଷା ରହିଥିବ। ପ୍ରାଚୀନ ପ୍ରସ୍ତର ଖୋଦେଇମାନଙ୍କରେ ଓଡିଆ ଭାଷା ରହିଛି। ଆମେ ଆମ ଶାସ୍ତ୍ରୀୟ ଭାଷାକୁ ନେଇ ଗର୍ବିତ ହେବାର ଅଛି। ନବପିଢି ମଧ୍ୟ ସାହିତ୍ୟ ରଚନାରେ ପ୍ରବୃତ୍ତ ହେଲେଣି। ସେମାନଙ୍କ ସାହିତ୍ୟର କାନଭାସ ବହୁ ବିସ୍ତାରିତ। ସେମାନଙ୍କର ପୃଥିବୀ ବୈଚିତ୍ର୍ୟମୟ। ଖୁବ୍ ନିର୍ଭୀକ ଭାବେ ନୂତନ ଶୈଳୀରେ ସେମାନେ ଲେଖୁଛନ୍ତି। ମୁଁ ସେମାନଙ୍କ ଲେଖା ପଢେ ଓ ଖୁସି ହୁଏଁ ଯେ ଓଡିଆ ସାହିତ୍ୟ ଆଗକୁ ଯାଉଛି। ଆଶା କରିବି ଯେ ଆହୁରି ବେଶିବେଶି ଓଡିଆ ବହି ପ୍ରକାଶିତ ହେଉ ଓ ପୁସ୍ତକ ମେଳାରେ ପାଠକକ୍ରେତାଙ୍କ ଗହଳି ବଢୁ।

■ **ଲେଖକର ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?**

■■ କେହି ଲେଖକ ପୁରସ୍କାର ଲୋଭରେ ଲେଖେ ବୋଲି ମୁଁ ଭାବେ ନାହିଁ। ଲେଖିବା ଏକ ଅନ୍ତର୍ନିହିତ ଆବେଗ ଯାହା ଉପଯୁକ୍ତ ସମୟ ଓ ପରିବେଶରେ ଶବ୍ଦାୟିତ ହୁଏ। ପୁରସ୍କାର ପ୍ରାପ୍ତି ଲେଖକଙ୍କୁ ପ୍ରଭାବିତ କରେ ବୋଲି ମୁଁ ଭାବେନି। ଅତୀତରେ ଅନେକ ବରିଷ୍ଠ ଉଚ୍ଚମାନର ସାହିତ୍ୟିକ କିଛି ପୁରସ୍କାର ପାଇ ନ ଥିବାର ନଜିର ରହିଛି। । ହଁ, ଯଦି ଏବର ଏ ପୁରସ୍କାର ପ୍ରଭାବିତ କରେ ତ ଅନେକ ସମୟରେ ନକାରାତ୍ମକ ଭାବରେ। ଅବଶ୍ୟ ପୁରସ୍କାର ଲେଖକଙ୍କୁ ଏକ ଉଚ୍ଚ ପରିଚିତି ଦିଏ। କିନ୍ତୁ ତା ଦ୍ୱାରା ଲେଖକୀୟ କର୍ମ ପ୍ରଭାବିତ ହୁଏ ନାହିଁ। କେବଳ କିଛିଦିନର ଆନନ୍ଦ ଓ ଅହଂକାର ଛଡା ଲେଖକ ପୁରସ୍କାର ପାଇ ଅଧିକ କିଛି ହେବାର ଦେଖା ଯାଇନି। ବରଂ ସେଇ ଅହଂରେ କେତେକ ଲେଖକ ଅଦୃଶ୍ୟ ଓ ଅଥର୍ବ ହେଇଯିବାର ବି ଲକ୍ଷ୍ୟ କରାଯାଏ । ଏବେ ଏ ନିଶା ଲୋକଙ୍କୁ ଏତେ ଘାରିଛି ଯେ ସେଥିଲାଗି ଲଜ୍ୟାକର ଘଟଣାମାନ ଘଟିବାର ଶୁଣା ଯାଉଛି । ମୋ ମତରେ ଲେଖକଟିଏ ସାହିତ୍ୟ ରଚନା ମାଧ୍ୟମରେ ସମାଜର ସୁଖ, ଶାନ୍ତି, ପ୍ରୀତି, ସହଯୋଗୀତା ଓ ଆପଣାପଣର ବାର୍ତ୍ତା ପ୍ରଚାର କରିବା ହିଁ ଶ୍ରେୟଃତର ହେଉ।

♥♥



ସ୍ମୃତି ଅପାଶୋରା : ସ୍ୱାମୀ ମନ୍ମଥ କୁଣ୍ଡୁଙ୍କ ସହ ଲେଖିକା ଡ. ବିନୋଦିନୀ ପାତ୍ର ...



ସମ୍ବର୍ଦ୍ଧିତ ହେବାର ମହାର୍ଘ ମୁହୂର୍ତ୍ତ...

## ଧାରାବାହିକ ଉପନ୍ୟାସ

# ଭିନ୍ନ ଏକ ବିଦେଶିନୀ

ଡ.ରତିକାନ୍ତ ବେହେରା

### ଭାଗ-୩୩



**ଜୀବନ ଯେ ଜହର ନୁହଁ, ଅମୃତର ଗନ୍ତାଘର, ସକଳ ପ୍ରତିକୂଳତାକୁ ସମ୍ମୁଖୀନ ହୋଇ ଆତ୍ମପ୍ରତ୍ୟୟ ଆଧାରରେ ବଞ୍ଚିବାକୁ ପଡ଼େ, ଏହି ବାସ୍ତବତାକୁ ଜେନି ଚରିତ୍ର ମଧ୍ୟରେ ପ୍ରସ୍ଫୁଟିତ କରାଇଛନ୍ତି ଔପନ୍ୟାସିକ। ଧର୍ମ ଓ ଈଶ୍ୱରଙ୍କୁ ନେଇ ଏଠାରେ ଯେଉଁ ଅହରହ ସଂଘର୍ଷ ତାହାକୁ ପରିସମାପ୍ତି ପାଇଁ ସୂକ୍ଷ୍ମ ବିଚ୍ଛରଟିଏ ଏହି ଉପନ୍ୟାସରୁ ପରିଦୃଷ୍ଟ ହୁଏ । ଅବଧୂତ ବାବାଙ୍କ ଭଳି ତ୍ୟାଗୀ ଫକୀର ଚରିତ୍ରଟିଏ ଖଞ୍ଜି ଦେଇ ତାଙ୍କ ଦ୍ୱାରା ଜେନିର ଚିନ୍ତାରାଜ୍ୟରେ ପରିବର୍ତ୍ତନ ଆଣି ଗୋସେବା, ପଶୁଜଗତରେ ଈଶ୍ୱରୀୟ ସତ୍ତାର ଉପଲବ୍ଧିକୁ ଦେଖାଇଛନ୍ତି ଔପନ୍ୟାସିକ ।**

**ଡ. ବେହେରାଙ୍କର 'ଭିନ୍ନ ଏକ ବିଦେଶିନୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ଚତୁଃପାର୍ଶ୍ୱକୁ ଥରେ ଆଖି ପକେଇ ଆଣିଲା ଜେନି। ତା' ବାମ ପାର୍ଶ୍ୱରେ ଦୁଇଜଣ ଯୁବତୀ ଜଣେ ଯୁବକ ସହିତ ହସ ଖୁସି ଓ ଆଳାପରେ ମଜ୍ଜି ଯାଇଛନ୍ତି। ଡାହାଣ ପାର୍ଶ୍ୱରେ ଏକ ଦମ୍ପତି ସେମାନଙ୍କ ଛ'ସାତ ବର୍ଷର କନ୍ୟାକୁ କୋଳରେ ବସେଇ ସମୁଦ୍ର ଆଡୁ ବୋହି ଆସୁଥିବା ଶୀତଳ ପବନ ସେବନ କରୁଛନ୍ତି। ଦୁଇଜଣଙ୍କ ଭିତରେ କୌଣସି ଆବେଗିକ ପ୍ରସଂଗରେ ବାର୍ତ୍ତାଳାପ ହେଉଛି । ସେମାନଙ୍କର କଥାବାର୍ତ୍ତା ବୋଧହୁଏ ବେଶ ଜମିଛି। କନ୍ୟାଟି ମା' କୋଳ ଛାଡ଼ି ଉଠିଗଲା ଏବଂ ଓଦା ବାଲିରେ ବାଲିକୁ ଲଦି ମନ୍ଦିର ଅଥବା ରଥାକୃତିର ରୂପ ଦେବାରେ ମଜ୍ଜିଗଲା।

ଜେନିର ପଛପାଖ ଦେଇ ଜଣେ ଖର୍ବକାୟ ମଣିଷ ଅଥବା ବାମନ ନିଜକୁ ଏକ ସର୍କସ୍ ଦଳର ଜୋକର୍ ଭଳି ସଜେଇ ହୋଇ ଅତିକ୍ରମ କରିଗଲା। ଉତ୍ସୁକତାରେ କେହି କେହି ତାକୁ ଚାହିଁ ଆମୋଦିତ ହେଲେ। ବାମନ ପୁଣି ଜୋକର୍! ଜନମାନସରେ କୌତୁହଳ ସୃଷ୍ଟିକାରୀ ଜଣେ ଖର୍ବକାୟ ମଣିଷ।

ଜେନି ଜୋକର୍‌ଟି ଉପରୁ ଦୃଷ୍ଟି ଫେରେଇ ଆଣି ଚାହିଁଲା ସମୁଦ୍ରକୁ ଏବଂ ତା' ଆଖି ସ୍ଥିର ରହିଲା ସମୁଦ୍ରର ବିଶାଳ ଜଳରାଶି ଉପରେ।

ଢେଉ ପରେ ଢେଉ, ତାପରେ ଢେଉ, ନିଶ୍ୱାସର ଗତି ପରି ଅବିରତ ଏ କ୍ରିୟା। ସ୍ୱୟଂ ଚାଳିତ। ଜନ୍ମଠାରୁ ମୃତ୍ୟୁଯାକେ ଏବଂ ସୃଷ୍ଟିଠୁଁ ବିଲୟ ପର୍ଯ୍ୟନ୍ତ ଏହାର ପ୍ରକ୍ରିୟା ଲାଗି ରହିଛି। ସମୁଦ୍ରର ଗଭୀର ଜଳରାଶି ଉପରୁ ଟାଣି ହୋଇଆସେ କୂଳ ପର୍ଯ୍ୟନ୍ତ ଏବଂ ପୁଣି ଫେରିଯାଏ, ଲୀନ ହୋଇଯାଏ ଜଳରାଶି ଭିତରେ ପ୍ରାଣୀର ଶ୍ୱାସ ପ୍ରଶ୍ୱାସ ପ୍ରକ୍ରିୟା ପରି। ଢେଉ କ'ଣ ସମୁଦ୍ରର ନିଃଶ୍ୱାସ ଓ ପ୍ରଶ୍ୱାସ? ଆସେ ଏବଂ ଯାଏ, ଯେହେତୁ ସେ ଜୀବନ୍ତ ବୋଲି ନିଜକୁ ପ୍ରମାଣ ଦିଏ। ଜୀଇଁଛି ସୃଷ୍ଟିର ଆରମ୍ଭରୁ। ଈଶ୍ୱରଙ୍କର ଏକ ପ୍ରମାଣ ସିଦ୍ଧ ଜୀବନ୍ତ ସତ୍ତା । ତେବେ ସମୁଦ୍ର ଈଶ୍ୱରଙ୍କୁ ସୃଷ୍ଟି କରିଛନ୍ତି ନା ଈଶ୍ୱର ସମୁଦ୍ର ସୃଷ୍ଟି କରିଛନ୍ତି ? ହୁଏତ ଈଶ୍ୱର ସୃଷ୍ଟିକରିଛନ୍ତି ସମୁଦ୍ରକୁ। ସମୁଦ୍ର ଏବଂ ଈଶ୍ୱର ଏକ ଏବଂ ଅଭିନ୍ନ । ସୁତରାଂ ସମୁଦ୍ର ପରି ସେ ବି ତାଙ୍କର ଏକ ଅଂଶ ବିଶେଷ । ସମୁଦ୍ର ଓ ତା' ଭିତରେ ଆଦୌ କିଛି ଫରକ ନାହିଁ ଯେମିତି। ସେ ସମୁଦ୍ର ଓ ସମୁଦ୍ର ହିଁ ସେ ।

ସାନ ଝିଅଟି ଏକ ଲୟରେ ସମୁଦ୍ର ବାଲିକୁ ନେଇ ଖେଳ ଖେଳୁଛି। ଗଢୁଛି ମନ୍ଦିର ଅଥବା ରଥ । ରଥ ବି ମନ୍ଦିର ପରି ଦିଶେ । ଯାହା ଥିବ ପିଲାଟିର ଚେତନା ଭିତରେ, ତାହାହିଁ ରୂପ ନେବ ବାଲିରେ । ଆଞ୍ଜୁଳା ଆଞ୍ଜୁଳା ଓଦା ବାଲିକୁ ବାଲି ଉପରେ ଲଦି ଥାପି ଦେଉଛି । ଗମ୍ବୁଜର ଆକୃତି ଦେଉଛି। ମଜ୍ଜି ଯାଇଛି ମହାରଣାମାନଙ୍କ ପରି ବାଲୁକା ଶିଳ୍ପରେ। କେଉଁ ଆଡ଼କୁ ନଜର ନାହିଁ।

ମଝିରେ ମଝିରେ କେତେବେଳେ ଝିଅଟିର ଅଲକ୍ଷ୍ୟରେ ବଡ଼ ଢେଉଟିଏ ଆସି ତା' ପାଦ ଛୁଇଁ ଦେଇ ଯାଉଛି, ତା' ସହିତ ନିଶ୍ଚିହ୍ନ ହୋଇଯାଉଛି ତା' ବାଲିର ଗମ୍ବୁଜ, ଯାହା ମନ୍ଦିର ଅଥବା ରଥ ଆକୃତିର ରୂପ ନେଉଥିଲା। ପୁଣି ଝିଅଟି ଆଞ୍ଜୁଳା ଆଞ୍ଜୁଳା କରି ବାଲି ଲଦି ନୂଆ କରି ତିଆରି କରୁଛି। ଢେଉ ଆସି ଭାଙ୍ଗି ଦେଇଗଲା ବୋଲି ମନେ ମନେ ଚିଡ଼ି ଉଠୁଛି ସମୁଦ୍ର ଉପରେ। ମନକୁ ମନ ବିଡ୍ ବିଡ୍ ହେଉଛି। ହୁଏତ ଗାଳି କରୁଛି ସମୁଦ୍ରକୁ। ପିତାମାତା ତା'ର ଗପ ସପରେ ମାତିଛନ୍ତି। ସଂପର୍କର ସୂତାଖିଅ କେଉଁଠି କଟିଗଲା, କେଉଁଠି ଯୋଡ଼ିଗଲା, କିଏ ନେଇଗଲା, କିଏ ଖାଇଗଲା, ତା' ସହିତ ଗୋଟେ ସୁନେଲୀ ଭବିଷ୍ୟତ ତିଆରି ହେଉଛି ସେମାନଙ୍କ ଚେତନାରେ, କଥାରେ। ମଝିରେ ମଝିରେ କେବଳ ମା' ତାର ଚାହିଁ ଦେଉଛି ଝିଅକୁ। ଝିଅଟି ଖେଳୁଛି ସମୁଦ୍ର ବାଲିରେ। ଗଢ଼ିବାରେ ଲାଗିଛି ମନ୍ଦିର ଅଥବା ରଥ।

ସମୁଦ୍ର ଆଡୁ ଦୃଷ୍ଟି ଫେରେଇ ନିବିଷ୍ଟ ଚିତ୍ତରେ ଜେନି ଦେଖୁଚି ପିଲାଟିର ଖେଳ। ଗଭୀର ସହାନୁଭୂତି ଜାଗି ଉଠୁଛି ଝିଅଟି ପ୍ରତି ତା' ହୃଦୟରେ। ଜୀବନର ସବୁ ପାହାଚ୍ରେ ସବୁଠିଁ ମର୍ଯ୍ୟାଦା ପୂରି ରହିଛି। ଯେହେତୁ ଈଶ୍ୱର ସର୍ବଶ୍ରେଷ୍ଠ ମର୍ଯ୍ୟାଦାରେ ପରିପୂର୍ଣ୍ଣ ବୋଲି। ଧୂଳି ଖେଳରେ, ଯୌବନରେ, ପ୍ରେମରେ, ପାପରେ, ପୂଣ୍ୟରେ, ସଂସାରରେ, ଜନ୍ମ ଓ ମୃତ୍ୟୁରେ, ଦୁଃଖ ଓ ଶୋକରେ, ସର୍ବତ୍ର ମର୍ଯ୍ୟାଦା ପୂରି ରହିଛି ସମାନ ଭାବରେ। ଜୀବନର ଅସଲ ଐଶ୍ୱର୍ଯ୍ୟ ପ୍ରତିଫଳିତ ହେଉଛି ସର୍ବତ୍ର, ସବୁ ପର୍ଯ୍ୟାୟରେ।

ଝିଅଟି ପ୍ରତି ଗଭୀର ଭଲ ପାଇବା ଉତୁରି ଆସୁଚି ଜେନିର ହୃଦୟରୁ। ମନେପଡୁଛି ତା' ପିଲାବେଳ, ଆନ୍ଦୋଳିତ କରୁଚି ମା'ର ସ୍ମୃତି ତା' ହୃଦୟକୁ, ତା' ଛାତିକୁ।

କିନ୍ତୁ ତା' ଜୀବନଟା ଆଦୌ ସୁଖର କି ମର୍ଯ୍ୟାଦାର କାରଣ ନୁହେଁ, ବରଂ ପାପର ଓ ଦୁଃଖର । ଜୀବନର ଏଇ ପର୍ଯ୍ୟାୟରେ ଛିଡ଼ା ହୋଇ ଏ ନିବିଡ଼ ସତ୍ୟକୁ ଆଜି ଯେମିତି ଉପଲବ୍ଧି କରୁଛି ଜେନି। ଖୁବ୍ ନୀରବ ଏବଂ ନିବିଡ଼ ଭାବେ ସେ ଲକ୍ଷ୍ୟ କରୁଛି ଝିଅଟିକୁ। ଏକାକାର ହୋଇଯାଉଛି ସେ ସାନ ଝିଅଟି ସହିତ। ଲାଗୁଛି ଝିଅଟି ନୁହେଁ, ବରଂ ସେ ନିଜେ ସମୁଦ୍ରର ଓଦାବାଲିକୁ ନେଇ ତିଆରି କରୁଛି ଶ୍ରୀମନ୍ଦିର, ତିଆରି କରୁଚି ବାଲିରଥ ପ୍ରଭୁଙ୍କ ପାଇଁ। ପ୍ରଭୁ ବିଜେ ହେବେ ମନ୍ଦିରରେ କିମ୍ବା ରଥାରୁଢ଼ ହୋଇ ବୁଲିଯିବେ ମାଉସୀଘର।

ଜେନିର ମୁଖ ହାସ୍ୟୋଜ୍ଜଳ ହୋଇ ଉଠିଲା। ପ୍ରଭୁ ବିଜେ କରିବେ ତା' ହାତ ତିଆରି ମନ୍ଦିରରେ, ରଥଚଢ଼ି ବୁଲିଯିବେ ମାଉସୀଘର।

ସମୁଦ୍ର, ଢେଉ, ବାଲିସ୍ତୁପ ଆଉ ଝିଅଟି ଭିତରେ ଲାଗିଛି ଏ ଅଭିନବ ଖେଳ। ଏଥରକ ଆଉ ଏକ ବଡ଼ ଢେଉ ଆସି ଭାଙ୍ଗି ଦେଇଗଲା ଝିଅଟିର ବାଲି ଗମ୍ବୁଜକୁ। ଝିଅଟି ରୁଷ୍ଟ ହୋଇଗଲା ସମୁଦ୍ର ଉପରେ। ରାଗରେ ମୁଠା ମୁଠା କରି ବାଲି ଫୋପାଡ଼ିଲା ସମୁଦ୍ରକୁ। ଆଉପାଦେ ଆଗେଇ ଯାଇ ଆଉ ମୁଠାଏ ବାଲିଧରି ଫୋପାଡ଼ିଲା ବେଳକୁ ଢେଉଟିଏ ଆସି ଜୋର ଆଘାତ କଲା ଝିଅଟିର ଗୋଡ଼ରେ। ପଡ଼ିଗଲା ଝିଅଟି ମୁହଁମାଡ଼ି। ତା' ଉପର ଦେଇ ମାଡ଼ିଗଲା ଏକ ବଡ଼ ଢେଉ।

ଆଖିପିଛୁଳାକେ କ୍ଷିପ୍ର ଏକ ଲମ୍ଫ ପ୍ରଦାନ କଲା ଜେନି ପିଲାଟିକୁ ଲକ୍ଷ୍ୟକରି ଏବଂ ସଜୋରେ ଧରି ପକେଇଲା ତାକୁ ଦୁଇବାହୁରେ। ପରେପରେ ଝିଅଟିର ପିତାମାତା କୁଦି ପଡ଼ିଲେ। ପଲକମାତ୍ର ଆଗ ପଛ ହୋଇ ତିନୋଟି ନାରୀ ପୁରୁଷ କୁଦିଥିଲେ କୁନି ଝିଅଟି ଉପରକୁ।

ଦୁଇହାତରେ ଝିଅଟିକୁ ଟେକି ଆଣି ତା'ର ପିତାମାତାଙ୍କ ହାତକୁ ସମର୍ପ ଦେଲାବେଳକୁ ଆଉ ଗୋଟିଏ ଶକ୍ତ ଢେଉ ଆସି ବାଡ଼େଇ ହୋଇଗଲା ଜେନି ଗୋଡ଼ରେ। ଭାରସାମ୍ୟ ହରେଇ ଜେନିର ପତନ ହେଲା ତତ୍କ୍ଷଣାତ୍।

ଦୁଇ ପିତାମାତାଙ୍କର ଧ୍ୟାନ ନିବିଷ୍ଟ ଥିଲା ସେମାନଙ୍କ ଆଦରର ଏକମାତ୍ର କନ୍ୟାଟି ଉପରେ। ଉଭୟେ ଜାବୋଡ଼ିଧରି ଉପରକୁ ଉଠିବାକୁ ଉଦ୍ୟତ ହେଲାବେଳକୁ ଜେନି ପଡ଼ିଯାଇଥିଲା ସମୁଦ୍ର ଶଯ୍ୟାରେ ଏବଂ ଅନ୍ତର୍ବାହୀ ସ୍ରୋତରେ ଆଖିର ପଲକମାତ୍ରେ ଅଦୃଶ୍ୟ ହୋଇଯାଇଥିଲା । ଦେଖଣାହାରୀଙ୍କ ମଧ୍ୟରୁ ଏକକାଳୀନ ଆର୍ତ୍ତଚିତ୍କାର ଶୁଣାଗଲା "ଆହା ହା, ବିଦେଶିନୀ ଭାସିଗଲା, ବିଦେଶିନୀ ଭାସିଗଲା।"

ଲାଇଫ୍ ଜ୍ୟାକେଟ୍ ପରିହିତ କେତେଜଣ ନୋଳିଆ ଖପଖାପ୍ ଡେଇଁ ପଡ଼ିଲେ ସମୁଦ୍ର ଭିତରକୁ।

ସେତେବେଳକୁ ସମୁଦ୍ରର ସୀମାନ୍ତରୁ ଅନ୍ଧକାରର କଳା ପରଦାଟି ଲମ୍ବି ଆସୁଥିଲା କୂଳ ପର୍ଯ୍ୟନ୍ତ। ଷ୍ଟ୍ରିଟ୍‌ଲାଇଟ୍ ସବୁ ଦପ୍ ଦପ୍ କରି ଜଳି ଉଠିଲେ ସମୁଦ୍ରତଟ ସଂଲଗ୍ନ ରାସ୍ତାରେ। ଅନେକକ୍ଷଣ ଧରି ନୋଳିଆମାନଙ୍କର ଅକ୍ଳାନ୍ତ ପରିଶ୍ରମ ସତ୍ତ୍ୱେ ବି କେହି ଉଦ୍ଧାର କରିପାରି ନ ଥିଲେ ଜେନିକୁ।

ଶେଷ ବେଳକୁ କେବଳ ଏତିକି ଶୁଣାଯାଉଥିଲା "ଆହା ବିଚାରୀ ବିଦେଶିନୀ! ସାନ ଝିଅଟିକୁ ବଞ୍ଚେଇବାକୁ ଯାଇ ନିଜେ ମହୋଦଧିରେ ଲୀନ ହୋଇଗଲା? ଆହା ବିଚାରୀ!"

ଦୁଇଦିନ ପରେ, ରଥଯାତ୍ରା ଦିନ ସକାଳେ ଜେନିର ଶବ ଗଭୀର ସମୁଦ୍ର ଭିତରୁ ଢେଉର ତାଡ଼ନାରେ ଭାସିଆସି ଲାଗିଥିଲା ବାଙ୍କି ମୁହାଣ ନିକଟରେ ଖଣ୍ଡିଆ ଖାବରା ହୋଇ, ଅବଶିଷ୍ଟାଂଶ ବିଲୁଆ କୁକୁରଙ୍କର ଆହାର ହେବାପାଇଁ।

(ସମାପ୍ତ)

♥ କୃଷ୍ଣନଗର, ଅଙ୍ଗାରଗଡ଼ିଆ,
ବାଲେଶ୍ୱର - ୭୫୬୦୦୧
(ମୋ): ୯୪୩୯୪୪୨୯୪୨

# ଶବ୍ଦର ଗରିମା ହଜିଗଲେ ରାଷ୍ଟ୍ରର ଆତ୍ମା ହଜିଯାଏ

ଗୋପାଳ ମହାପାତ୍ର



ଗୋଟିଏ ରାଷ୍ଟ୍ରର ଶକ୍ତି ତାର ଆର୍ଥିକ ବୃଦ୍ଧି, ସୈନ୍ୟ ଶକ୍ତି ବା ଟେକନିକ ଉପଲବ୍ଧିରୁ ମପାଯାଏ ନାହିଁ। ମାପିବାର ମାନକ ହେଉଛି ସେହି ରାଷ୍ଟ୍ରର ଲୋକମାନେ ପରସ୍ପର ସହ କେମିତି ବାର୍ତ୍ତାଳାପ କରନ୍ତି ବା କଥା ହୁଅନ୍ତି, ସେ ଦେଶର ଲୋକେ ବରିଷ୍ଠ, ଶିକ୍ଷକ ଏବଂ ସଂସ୍ଥା ମାନଙ୍କ ପ୍ରତି କେମିତି ସମ୍ମାନ ପ୍ରଦର୍ଶନ କରନ୍ତି ଏପରିକି ମତଭେଦକୁ କେମିତି ମର୍ଯ୍ୟାଦା ପୂର୍ଣ୍ଣ ଭାବେ ସମ୍ଭାଳିଥାନ୍ତି। କୌଣସି ସମାଜର ଭାଷା ସେହି ସମାଜର ସଂସ୍କୃତିର ଦର୍ପଣ ଅଟେ। ଯେତେବେଳେ ଭାଷା ଅପମାନ ଜନକ ଏବଂ ଆକ୍ରାମକ ହୋଇଯାଏ ସେତେବେଳେ କେବଳ ଯେ ଶିଷ୍ଟାଚାର ଲୋପ ପାଇଯାଏ ତାହା ନୁହେଁ ବରଂ ସମାଜ ଭିତରେ କିଛି ବଦଳୁଛି ବୋଲି ସଙ୍କେତ ଦେଇଥାଏ। ଭାରତ ସବୁବେଳେ ଜ୍ଞାନ, ଆଧ୍ୟାତ୍ମିକତା ଏବଂ ସହିଷ୍ଣୁତାର ଭୂମି ଭାବେ ଜଣାଶୁଣା। ପ୍ରାଚୀନ ପରମ୍ପରା ଆମକୁ ଶିକ୍ଷା ଦେଇଥାଏ ଯେ ଶବ୍ଦ ହେଉଛି ବ୍ରହ୍ମ ଏବଂ ପବିତ୍ର। ସାଧୁ ସନ୍ଥ, ବିଦ୍ୱାନ ଏବଂ ଦାର୍ଶନିକ ମାନଙ୍କ ମତରେ ବାଣୀ ବା ଶବ୍ଦରେ ସମ୍ପର୍କ ସୃଷ୍ଟି, ସଂଘର୍ଷ ରୋକିବା ଏବଂ ପିଢୀଙ୍କୁ ପ୍ରେରିତ କରିବାର ଶକ୍ତି ରହିଛି। ଆଲୋଚନା, ବିମର୍ଷ ବେଳେ ମଧ୍ୟ ଜ୍ଞାନ ଏବଂ ତର୍କ ମଧ୍ୟରେ ସମ୍ମାନବୋଧ ରହିଥାଏ। କିନ୍ତୁ ଦୁର୍ଭାଗ୍ୟ ଯେ ଭାରତର ଏହି ପରମ୍ପରା ଧିରେ ଧିରେ ଦୁର୍ବଳ ହେବାରେ ଲାଗିଛି।

ଆଜିକାଲି ଅପମାନ ଜନକ ଭାଷା ପ୍ରୟୋଗ ଲୋକଙ୍କ ଜୀବନରେ ଏକ ସ୍ୱୀକୃତ ଅଂଶ ପାଲଟିଯାଇଛି। ବଜାର, ଲୋକଙ୍କ ଭିଡ଼, ଏପରିକି ସ୍କୁଲ କଲେଜ ବାହାରେ ଏଭଳି ଶବ୍ଦ ସବୁ ଶୁଣିବାକୁ ମିଳୁଛି ଯାହା ଏକ ସମୟରେ ସମାଜରେ ଘୃଣ୍ୟ ଥିଲା। ଅପଶବ୍ଦର ପ୍ରୟୋଗ ବେଖାତିର ଭାବେ କରାଯାଉଛି। ଅନେକଙ୍କ ମତରେ ଏଭଳି ଶବ୍ଦର ପ୍ରୟୋଗ ଆଧୁନିକତାର ନିଦର୍ଶନ। ବାସ୍ତବରେ ଏଭଳି ଶବ୍ଦ ବା ଅପଶବ୍ଦର ପ୍ରୟୋଗ ନା ଆତ୍ମବିଶ୍ୱାସକୁ ଦର୍ଶାଇ ଥାଏ ଅଥବା ଶକ୍ତିକୁ ଦର୍ଶାଇଥାଏ। ଏହା ଅଧିରତା, ହତାଶା ଏବଂ ମୂଲ୍ୟର କ୍ଷରଣକୁ ଦର୍ଶାଇଥାଏ। ଚିନ୍ତାର କାରଣ ହେଉଛି ବୟସ୍କମାନେ ଯେ କେବଳ ଅପଶବ୍ଦ ପ୍ରୟୋଗ କରୁଛନ୍ତି ବରଂ ଚିନ୍ତାର କାରଣ ଯେ ଏହି ଶବ୍ଦ ସବୁ ଆମ ପିଲାମାନେ ଶୁଣୁଛନ୍ତି। ପରାମର୍ଶରୁ ପିଲାମାନେ ଯେତିକି ନ ଶିଖନ୍ତି ତା ଠାରୁ ଅଧିକ ଶିଖନ୍ତି ବ୍ୟବହାରରୁ। ଯଦି ଅସହମତିକୁ କ୍ରୋଧ ବା ରାଗ ପରିବର୍ତ୍ତେ ଧୈର୍ଯ୍ୟର ସହ ସମ୍ଭାଳାଯାଏ ତେବେ ପିଲାମାନେ ଭାବନାତ୍ମକ ଦୃଢ଼ତା ମଧ୍ୟ ଶିଖିଥାନ୍ତି। ଚରିତ୍ର ବିନା ସଫଳତା ମୂଲ୍ୟହୀନ ଏବଂ ମୂଲ୍ୟ ବିନା ଜ୍ଞାନ ବିପଦଜନକ ଅଟେ।

ସମ୍ମାନ ଜନକ ଭାଷାର ବ୍ୟବହାର କମିବା ଘଟଣା କେବଳ ରାସ୍ତାରେ କି ବଜାରରେ ନୁହେଁ ବରଂ ଅନେକ ସମୟରେ ଭାରତର ସର୍ବୋଚ୍ଚ ଗଣତାନ୍ତ୍ରିକ ସଂସ୍ଥା ସଂସଦରେ ମଧ୍ୟ ଦେଖିବାକୁ ମିଳୁଛି। ଗଣତନ୍ତ୍ରରେ ଆଲୋଚନାର ଆବଶ୍ୟକତା ଅଧିକ। ଗଣତନ୍ତ୍ର ସରକାରଙ୍କ ତଦନ୍ତ, ମଜଭୁତ ବିରୋଧିଦଳ, କଠିନ ପ୍ରଶ୍ନ ଏବଂ ଦାୟୀତ୍ୱବାନ ଆଲୋଚନା ମଧ୍ୟ ଆଶା କରିଥାଏ। ଏସବୁ ବିନା ଗଣତନ୍ତ୍ର ସ୍ୱୟଂ ସଂପୂର୍ଣ୍ଣ ନୁହେଁ। ଗଣତନ୍ତ୍ର ମଧ୍ୟ ଅନୁଶାସନ କଥା କହିଥାଏ। ଆଲୋଚନା ହେଉ, ତର୍କ ଶୁଣାଯାଉ ଏବଂ ସଂସଦ କାର୍ଯ୍ୟ ଚାଲୁ। କିନ୍ତୁ ଅନେକ ସମୟରେ ହୋହାଲ୍ଲା, ବାରମ୍ବାର ସଂସଦକୁ ସ୍ଥଗିତ ରଖିବା ଏବଂ ଶାସକ- ବିପକ୍ଷଙ୍କ ମଧ୍ୟରେ ଆରୋପ ପ୍ରତ୍ୟାରୋପ କାରଣରୁ ସଂସଦରେ ସାର୍ଥକ ଚର୍ଚ୍ଚା ହୋଇପାରୁ ନାହିଁ। ତର୍କପୂର୍ଣ୍ଣ ଆଲୋଚନା ପରିବର୍ତ୍ତେ ଟଣାଓଟରା, ତାମସାଚାଲେ। ଦରଦାମ ବୃଦ୍ଧି, ବେରୋଜଗାରୀ, ଶିକ୍ଷା, ସ୍ୱାସ୍ଥ୍ୟସେବା, ରାଷ୍ଟ୍ରୀୟ ସୁରକ୍ଷା ଅଥବା କୃଷକଙ୍କ କଲ୍ୟାଣ ପ୍ରସଙ୍ଗରେ ଚର୍ଚ୍ଚା କରାଯିବା ପରିବର୍ତ୍ତେ ସଂସଦର ସମୟ ହୋ ହାଲ୍ଲା ଓ ପରସ୍ପର ପ୍ରତି ଦୋଷାରୋପରେ ବରବାଦ ହୋଇଥାଏ। ଲୋକଙ୍କ ସମସ୍ୟା ଅଣଦେଖା ହୋଇଯାଏ। ପୀଠାସିନ ଅଧିକାରୀଙ୍କ ମର୍ଯ୍ୟଦା ରାଜନୀତିର ଊର୍ଦ୍ଧ୍ୱରେ ରହିବା ଉଚିତ୍। ଭାରତୀୟ ସଂସଦର ଇତିହାସକୁ ଦେଖିଲେ ସ୍ପଷ୍ଟ ଯେ ସଂସଦରେ ଅନେକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ଭିନ୍ନ ଭିନ୍ନ ରାଜନୈତିକ ଦଳର ନେତା ମାନେ ଅସହମତି ପ୍ରକାଶ କରିଛନ୍ତି ଓ ଅନେକ ନେତା ସଂସଦୀୟ ପରମ୍ପରା ପାଇଁ ଉଲ୍ଲେଖନୀୟ ଶିଷ୍ଟାଚାର ଏବଂ ସମ୍ମାନ ପ୍ରଦର୍ଶନ କରିଛନ୍ତି।

ସାର୍ବଜନୀକ ବିମର୍ଷ କମିବା ଘଟଣା ପାଇଁ ଗୋଟିଏ ବର୍ଗକୁ ଦୋଷ ଦେଇହେବ ନାହିଁ। ଏହା ସାମୁହିକ ଆତ୍ମନିରୀକ୍ଷଣର କଥା। ପରିବାରରେ ମାତା-ପିତା ନିଜ ଆଚରଣରେ ସମ୍ମାନ ଶିଖାଇବା ଉଚିତ୍। ଶିକ୍ଷକ ମାନେ ଉତ୍କୃଷ୍ଟ ଶିକ୍ଷାଦାନ ସହ ଚରିତ୍ର ଗଠନ ବାବଦରେ ଶିକ୍ଷାଦେବା ଉଚିତ। ନେତା ମାନେ ଜନତାଙ୍କୁ ଉତ୍ତମ ନାଗରିକ ହେବା ପାଇଁ ପ୍ରେରଣା ଦେବା ଉଚିତ୍। ଗଣମାଧ୍ୟମ ମଧ୍ୟ ଏକତରଫା ସମ୍ବାଦ ପରିବେଷଣ ପରିବର୍ତ୍ତେ ବିଚାରଶୀଳ ସମ୍ବାଦ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ସେହିପରି ରାଜନୈତିକ ଦଳମାନେ ଦଳୀୟ ବିଚାର ଧାରାରୁ ଉର୍ଦ୍ଧ୍ୱରେ ରହି ଦଳର ପ୍ରତିନିଧି ମାନଙ୍କୁ ସଂସଦୀୟ ବ୍ୟବହାରର ଉଚ୍ଚତମ ମାନଦଣ୍ଡକୁ ବଜାୟ ରଖିବା ପାଇଁ ପ୍ରୋତ୍ସାହିତ କରିବାର ଆବଶ୍ୟକତା ରହିଛି। ସାର୍ବଜନୀକ ଜୀବନରେ ଥିବା ବିଶିଷ୍ଟ ବ୍ୟକ୍ତିମାନେ ଜାଣିବା ଉଚିତ୍ ଯେ ତାଙ୍କୁ ଲକ୍ଷ ଲକ୍ଷ ଲୋକ ଦେଖୁଛନ୍ତି ଏଣୁ ସେମାନେ ଏ ଦିଗରେ ଅଧିକ ଯତ୍ନବାନ ହେବା ଉଚିତ୍। ସର୍ବୋପରି ପ୍ରତିଟି ନାଗରିକ କିଛି କହିବା ପୂର୍ବରୁ ଭାବିବା ଉଚିତ୍, "ଯେ ମୁଁ ବ୍ୟବହାର କରୁଥିବା ଶବ୍ଦ ସମସ୍ୟାର ସମାଧାନ କରିବ ନା ସମସ୍ୟାକୁ ଅଧିକ ବଢ଼ାଇବ"। ଭବିଷ୍ୟତ ପିଢ଼ୀଙ୍କ ପାଇଁ ଯଦି ଆମେ ଏକ ମଜଭୁତ ରାଷ୍ଟ୍ରର କଥା ଭାବିବା ତେବେ ଆମକୁ ଆମ ଭାଷାରେ ମର୍ଯ୍ୟଦା ଏବଂ ସାର୍ବଜନୀକ ଜୀବନରେ ସମ୍ମାନ ଅକ୍ଷୁର୍ଣ୍ଣ ରଖିବା ପାଇଁ ଉଦ୍ୟମ କରିବାକୁ ପଡିବ। ଯେଉଁ ସମାଜ ବିନମ୍ରତା ରକ୍ଷା କରିଥାଏ ସେହି ସମାଜ ସ୍ପଷ୍ଟ କଥା ହିଁ ଚିନ୍ତା କରିଥାଏ। ସଂସଦରେ ଅନୁଶାସନ ସହ ଆଲୋଚନା ହେଲେ ପ୍ରଭାବୀ ଢଙ୍ଗରେ ଲୋକଙ୍କର ଅଧିକ କଲ୍ୟାଣ ହୋଇପାରିବ। ଯେଉଁ ରାଷ୍ଟ୍ରର ଲୋକମାନେ ସଂସ୍ଥାନ ମାନଙ୍କୁ ସମ୍ମାନ କରନ୍ତି ସେ ଦେଶର ଗଣତନ୍ତ୍ର ଅଧିକ ମଜଭୁତ ହୋଇଥାଏ ଆଇନ୍, ନୀତି ବା ନିର୍ବାଚନ ସମାନତା ଏବଂ "ଏକ ଭାରତ- ଶ୍ରେଷ୍ଠ ଭାରତ"ର ଧେୟ ମଜଭୁତ କରିବା ଆମ ସମସ୍ତଙ୍କର ସଂକଳ୍ପ ହେବା ଆବଶ୍ୟକ। ଏ ଦିଗରେ ମଧ୍ୟ ପ୍ରୟାସ କରାଯିବା ଜରୁରୀ। ଯେତେବେଳେ ଆମର ଶବ୍ଦରୁ କ୍ରୋଧ ଓ ଘୃଣାଭାବ ଦୁରେଇଯିବ ଯେତେବେଳେ ଆମର ଆଚରଣ ବିଭାଜନର ଉର୍ଦ୍ଧ୍ୱରେ ରହିବ। ସେତେବେଳେ ଭାରତ କେବଳ ଯେ ଏକ ମଜଭୁତ ଗଣତନ୍ତ୍ରରେ ପରିଣତ ହେବ ତାହା ନୁହେଁ ଭାରତ ଏକ ଉତ୍ତମ ସଭ୍ୟତାରେ ପରିଣତ ହୋଇ ପାରିବ।

♥ ରାମଚନ୍ଦ୍ରପୁର, ରଣପୁର
ମୋ:୯୪୩୮୪୮୫୦୯୪

# ଦିନରେ ବସନ୍ତ ଆମେ...

ଅର୍ଜ୍ଜୁନ ଘଡେଇ



ଶୀର୍ଷକଟି ଏକ ଲୋକପ୍ରିୟ ପଦ୍ୟାଂଶର ଭାବପୂର୍ଣ୍ଣ ବାର୍ତ୍ତା ଭାବେ ଗ୍ରହଣୀୟ ହୋଇଥାଏ। ଆଲେଖ୍ୟଟିର ଅନ୍ତର୍ଦୃଷ୍ଟିରେ ଭିନ୍ନତା ପରିପ୍ରକାଶ ପାଇଛି। କୌଣସି ନିର୍ଦ୍ଧିଷ୍ଟ ଗୋଷ୍ଠୀକୁ ଅଂଗୁଳି ନିର୍ଦ୍ଦେଶ କରିବା ଲେଖକର ଉଦ୍ଦେଶ୍ୟ ନୁହେଁ। ଆମେ ରୂପ,ରଂଗ, ଆଚାର-ବ୍ୟବହାର ରେ ଯେପରି ଦେଖାଯାଉ, ପ୍ରକୃତରେ ଆମ ଅନ୍ତଃ ଚରିତ୍ର ସେପରି ନୁହେଁ। ସ୍ୱାର୍ଥ ସିଦ୍ଧି, ଆତ୍ମରକ୍ଷା, ପ୍ରବଞ୍ଚନା ଆଦିର ଆବଶ୍ୟକତା ପାଇଁ ଆମେ ରୂପ, ରଙ୍ଗର ପରିବର୍ତ୍ତନ କରୁ। ସେଥିପାଇଁ ଦିନ କିମ୍ବା ରାତିରେ ସୁଯୋଗକୁ ଅପେକ୍ଷା ନକରି ପରିସ୍ଥିତି ଅନୁଯାୟୀ ଆମେ ବେଶଭୂଷା, ଆଚ୍ଛର-ବ୍ୟବହାରରେ ମୁହୂର୍ମୂହୁ ପରିବର୍ତ୍ତନ କରିଥାଉ। ଏକ ସଭ୍ୟ ସମାଜରେ ମଣିଷ ପରି ଏକ ବିଚ୍ଛର, ବିବେକବନ୍ତ ପ୍ରାଣୀର ଏହି ପରିବର୍ତ୍ତନ ସାମାଜିକ ବ୍ୟବସ୍ଥାକୁ କେବଳ କ୍ଷତାକ୍ତ କରେନି, ସଂପର୍କ ଭିତରେ ସନ୍ଦେହର ପ୍ରାଚୀର ସୃଷ୍ଟିକରେ, ବିଶ୍ୱାସ ଭିତରେ ଅବିଶ୍ୱାସର ପାହାଡ ଛିଡା କରାଏ। ଯେଉଁଥି ପାଇଁ ଆଜିର ସମାଜରେ କେହି କାହାର ବିଶ୍ୱସ୍ତ ବା ବିଶ୍ୱାସ ଯୋଗ୍ୟ ହୋଇପାରୁନାହାଁନ୍ତି। ଶାନ୍ତି, ସଂହତି ବାଧା ପ୍ରାପ୍ତ ହେବା ସହ ଅଶାନ୍ତ ଅନଳରେ ଦଗ୍ଧୀଭୂତ ହେଉଛି ପାରିବାରିକ ଓ ସାମାଜିକ ଜୀବନ।

ଈଶ୍ୱରଙ୍କ ସୃଷ୍ଟିରେ ଜୀବ,ଜନ୍ତୁ,ବୃକ୍ଷ ଲତା, କୀଟ,ପତଙ୍ଗ ଅନେକ ଅଛନ୍ତି ଯେଉଁମାନେ ସେମାନଙ୍କର ଆତ୍ମରକ୍ଷା ପରି ଆବଶ୍ୟକତା କିମ୍ବା ଅନ୍ୟାନ୍ୟ କାରଣରୁ ରୂପ,ରଙ୍ଗର ପରିବର୍ତ୍ତନ କରିଥାନ୍ତି। 'ବାରମାସୀ ଏଣ୍ଡୁଅ' 'ଲାଜକୁଳି' ଲତା 'ତେଲୁଣି ପୋକ' ର ପାରିପାର୍ଶ୍ୱିକ ଅବସ୍ଥାର ପରିବର୍ତ୍ତନ ଆମେ ଅନୁଭବ କରିଛେ। ସେମାନେ ବୃକ୍ଷ, ଲତା ବା କ୍ଷୁଦ୍ର ଜୀବ ହୋଇ ମଧ୍ୟ ଆବଶ୍ୟକତା ଅନୁଭବ କରି ରୂପ ପରିବର୍ତ୍ତନ କରିଥାନ୍ତି। କିନ୍ତୁ ବିବେକ-ଜ୍ଞାନ-ଚିନ୍ତନରେ ସେମାନେ ମନୁଷ୍ୟଠାରୁ ବହୁତ ଦୂରରେ। ଈଶ୍ୱର ସୃଷ୍ଟିରେ 'ଅମୃତ ସନ୍ତାନ' ମଣିଷ ସମସ୍ତ ଶୁଦ୍ଧ ଶକ୍ତିରେ ବଳୀୟାନ ହୋଇ ମାନବୋଚିତ କର୍ମ ପାଇଁ ଈଶ୍ୱରଙ୍କ ପ୍ରିୟ ପ୍ରାଣୀ ଭାବେ ସଂସାରକୁ ପ୍ରେରିତ ହୋଇଥିବା ବେଳେ ତାର ଆଚରଣ-ବ୍ୟବହାର ରେ ମାତ୍ରାଧିକ ପରିବର୍ତ୍ତନ ସାମାଜିକ ଦୃଷ୍ଟିରୁ ଆଦୌ ଯୁକ୍ତି ସଂଗତ, ଗ୍ରହଣୀୟ ହୋଇନପାରେ। ପ୍ରବୃତ୍ତି ମାର୍ଗରେ ମୋହ ବଶତଃ କରୁଥିବା ସକଳ କର୍ମର ସାକ୍ଷୀ ସେ ଅନ୍ତର୍ଯ୍ୟାମୀ ନାରାୟଣ ଏହାକୁ ଦେଖି ପାରୁନାହାଁନ୍ତି ଭାବିବା ଆମର ଯେତିକି ମୂର୍ଖାମୀ ସେତିକି ଆଶ୍ଚର୍ଯ୍ୟ ଯେ ଆମେ ଆମ ସଂସ୍କାର ବଳରେ ଏସବୁର ପରିବର୍ତ୍ତନ କରିପାରୁନାହେଁ।

ଅନେକ ଯୁକ୍ତି ଛଳରେ କୁହନ୍ତି ଯେ, ଭଗବାନ ମଧ୍ୟ ଆବଶ୍ୟକତା ଅନୁଯାୟୀ ନିଜର ରୂପ ବ୍ୟବହାର ଅନେକ ସମୟରେ ଅବତାର ଗୁଡିକ ମଧ୍ୟରେ କରିଥିଲେ । ଏପରି ଯୁକ୍ତି ଅଗ୍ରାହ୍ୟ ଏଇଥିପାଇଁ ଯେ ଆମେ ଈଶ୍ୱର ନୁହେଁ, ଈଶ୍ୱରଙ୍କ ଅଂଶ ବିଶେଷ । ଭଗବାନଙ୍କ ରୂପର ପରିବର୍ତ୍ତନ ଘଟିଥିଲା ସମାଜର ହିତ ସାଧନ କରିବା ପାଇଁ । ଗୋଟିଏ ବାକ୍ୟରେ କହିବାକୁ ଗଲେ ସାଧୁ ମାନଙ୍କୁ ପରିତ୍ରାଣ କରିବା ଓ ଅଧର୍ମର ବିନାଶ ପାଇଁ ସେ ଲୀଳା ରଚନା କରିଥିଲେ। କିନ୍ତୁ ଆମେ ଆମର ଯେଉଁ ରୂପ-ଭେକ-ଆଚ୍ଛର ବ୍ୟବହାରର ପରିବର୍ତ୍ତନ କରୁଛେ ତାହା ସଂସାରର ହିତ ସାଧନ ପରିବର୍ତ୍ତେ, ନିଜର ସ୍ୱାର୍ଥ ସାଧନ ପ୍ରତିପତ୍ତି, କିମ୍ବା ପ୍ରତିଷ୍ଠା ଆଦି ସୃଷ୍ଟି କରିବା ପାଇଁ। ଆମର ପ୍ରତିଟି କର୍ମ ଦେଶ ବା ଜାତିର ଉନ୍ନତି ପାଇଁ ଉଦ୍ଧିଷ୍ଟ ନହୋଇ ନିଜ ପାଇଁ କେବଳ ଅଭିପ୍ରେତ ଏହାକୁ ଅସ୍ୱୀକାର କରିହେବ ନାହିଁ।

ମନୁଷ୍ୟ ଏକ ସାମାଜିକ ପ୍ରାଣୀ ଭାବରେ ତାର ସାମାଜିକ ଦାୟୀତ୍ୱବୋଧ ରହିଛି। ଆମେ ସାମାଜିକ ଦାୟୀତ୍ୱ ବୋଧ ନିର୍ବାହ କରିବା ଆଳରେ ଯେଉଁ ଆତ୍ମ ପ୍ରବଂଚନା ଭାବ ସୃଷ୍ଟି କରୁଛେ, ତାହା ଅନ୍ୟକୁ ଠକିବାରେ ସେତିକି ସୁଯୋଗ ସୃଷ୍ଟି କରୁଛି। ରୂପ-ରଙ୍ଗ ବଦଳାଇ ପ୍ରବଞ୍ଚନା କରିବା ଅର୍ଥ ନିଜର ଆତ୍ମା ସହ ପ୍ରତାରଣା କରିବା। ଆଉ ଏହି ଆତ୍ମ ଠକାମୀର ଶୀକାର ଯେତେବେଳେ ଆତ୍ମଦାହ ସୃଷ୍ଟି କରିବ ସେତେବେଳେ ମଣିଷର କେତେ ଯେ ଅହିତ ସାଧନ କରିବ ତାହା ଆମ ଚିନ୍ତାଧାରା ବାହାରେ। ଅନ୍ୟର ଯେତେ କ୍ଷତି ନହେବ, ନିଜର ଅନେକ କ୍ଷତି ସାଧନ କରିବ।

ସାମାଜିକ ସଂସ୍କାର ଭିତରେ ଆମ ଜୀବନ ଶୈଳୀ ସୁନିୟନ୍ତ୍ରିତ ହୋଇଥାଏ। ପରସ୍ପର ମଧ୍ୟରେ ସ୍ନେହ, ସଂପର୍କ, ବନ୍ଧୁତା ସୃଷ୍ଟି ହେଲେ ଶାନ୍ତି ପୂର୍ଣ୍ଣ ସହାବସ୍ଥାନ ସମ୍ଭବ ହୁଏ। ଗରିବ ନହୋଇ ଗରିବୀ ବେଶରେ ଭିକ୍ଷାଥାଳ ଧରିବା, ଅସାଧୁ ହୋଇ ସାଧୁ ବେଶ ଧାରଣ କରିବା, ଶୋଷକ ହୋଇ ସଫା ବସ୍ତ୍ର ପରିଧାନ କରି ଶାସନ ଡୋରି ଧରିବା ପରି ଅନୈତିକ କାର୍ଯ୍ୟ କରିବା ନିମନ୍ତେ ଆମେ ଆମ ରୂପ-ଭେକର ପରିବର୍ତ୍ତନ ପାଇଁ ଯେଉଁ ମାନସିକତା ସୃଷ୍ଟିକରୁ ତାହା ଦ୍ୱାରା ଆମର ମାନୋବଚିତ ଧର୍ମର ଉଲଙ୍ଘନ କେବଳ ହୁଏନି, ଅସାମାଜିକ ତତ୍ତ୍ୱ ସୃଷ୍ଟି କରିବାରେ ସହାୟତା କରିଥାଏ।

ରୂପ, ରଂଗର ପରିବର୍ତ୍ତନ କରି ଯିଏ ଯାହାକୁ ଯେତେ ପରିମାଣରେ ଠକି ପାରିଲା ସେ ସେତେ ଉପଯୁକ୍ତ ମଣିଷ ଭାବେ ଆଜିର ସମାଜରେ ଗ୍ରହଣୀୟ ହେଉଥିବା ବେଳେ ସବୁଠାରୁ ନିରାପଦ ଦୂରତ୍ୱରେ ରହି ନିଜର ଉପଯୁକ୍ତ ସ୍ଥିତି, ଗତିକୁ ଅକ୍ଷୁର୍ଣ୍ଣ ରଖିବାକୁ ପ୍ରୟାସ କରୁଥିବା ମଣିଷଟିର ସ୍ଥାନ ସମାଜରେ ସବୁଠାରୁ ନିମ୍ନରେ ଏହା ସର୍ବାନୁଭବଯୋଗ୍ୟ।

ଶେଷରେ ଏତିକି କୁହାଯାଇପାରେ ଯେ ଦିନରେ 'ବସନ୍ତ' ରୂପରେ ନିଜର ସୁମଧୁର ବାସ୍ନାରେ ଅନ୍ୟକୁ ପ୍ରଭାବିତ ଆକର୍ଷିତ କରିବା ପରି ମାନସିକତା, ରାତ୍ରରେ "ବାସନ୍ତୀ" ରୂପରେ ଅବତୀର୍ଣ୍ଣ ହୋଇ ଅର୍ଥ ସଂଗ୍ରହ, ସ୍ୱାର୍ଥସିଦ୍ଧି ଲାଳସା ପରିହାର କରିବା ସର୍ବାଦୌ ଗ୍ରହଣୀୟ। ସ୍ୱାର୍ଥ ସିଦ୍ଧି, ଆତ୍ମ ପ୍ରତିଷ୍ଠା ଆଦି ପାଇଁ ଆମେ ଆମ ରୂପ-ରଙ୍ଗ, ଆଚ୍ଛର-ବ୍ୟବହାରର ପରିବର୍ତ୍ତନ, ଆବଶ୍ୟକତା ଅନୁସାରେ କରିବାର ମାନସିକତା ସୃଷ୍ଟି କଲେ ଏହା ସମାଜର ଅହିତ ସାଧନ ଯେତିକି କରିବ ତାଠାରୁ ଅଧିକ ନିଜ ଶରୀର, ମନ ଉପରେ ପ୍ରଭାବିତ କରିବ ଯାହା ପ୍ରତ୍ୟେକ ଚିନ୍ତନ କରିବା ବିଧେୟ। ଅନ୍ତର୍ନିହିତ ସଦ୍‌ଗୁଣର ପରିପ୍ରକାଶ ପାଇଁ 'ଛଳନା' ନୁହେଁ ଶୁଦ୍ଧତା, 'ସ୍ୱଚ୍ଛତା' ହିଁ ଶ୍ରେଷ୍ଠ ଆଧାର ଯାହା ପ୍ରତ୍ୟେକ ସଂସ୍କାରୀ, ବିବେକୀ ଓ ଜ୍ଞାନୀମାନଙ୍କର ଆତ୍ମାକୁ ପବିତ୍ର କରିବା ସହ ସମାଜ ର ହିତ ସାଧନରେ ସହାୟକ ହୋଇଥାଏ। ନିଜର ଆଦର୍ଶବୋଧ, ପ୍ରାଜ୍ଞ, ସ୍ଥିର ନିଷ୍ପତ୍ତିକୁ ଆଧାର କରି ଜଣେ ଭଲ ମଣିଷର ପରିଚୟ ଦେବା ଯେତିକି ଭଲ, ଭଦ୍ରମୁଖା ତଳେ ପ୍ରଚ୍ଛନ୍ନ କୁତ୍ସିତ ଚିନ୍ତାଧାରାକୁ ଅବଦମିତ କରି ରଖିବାର ପ୍ରୟାସ ଯେତିକି କ୍ଷତିକାରକ ସମାଜ ପାଇଁ। ଶୁଦ୍ଧ ଚିନ୍ତନ, ସଂସ୍କାର ଆଧାରିତ ମାନସିକତା ସୃଷ୍ଟି ହେଲେ ରୂପ-ରଂଗ ପରିବର୍ତ୍ତନର ଭାବ ଦୂରେଇ ଯିବ। ମଣିଷକୁ ମାନବୋଚିତ କର୍ମ-ଧର୍ମ ସାଧନାରେ ଅନୁବ୍ରତୀ କରିବ, ଏହା ସୁନିଶ୍ଚିତ। ନିଜସ୍ୱ ପ୍ରକୃତ ରୂପ, ଚରିତ୍ରର ପରିପ୍ରକାଶ ଘଟିଲେ ମାନବିକତାର ଅଭ୍ୟୁଦୟ ଘଟିବ, ଏହା ନିଃସନ୍ଦେହ।

♥ ଦାଣ୍ଡମୁକୁନ୍ଦପୁର, ପିପିଲି, ପୁରୀ
ମୋ-୯୪୩୮୦୪୮୬୧୫

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
୦୯ ଅଗଷ୍ଟ ୨୦୨୬

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



# ଧୈର୍ଯ୍ୟ, ମାନବିକତା ଓ ଦୈବୀଶକ୍ତି



## ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ମାନବ ଜୀବନରେ କିଛି ମୂଲ୍ୟବୋଧ ଅଛି ଯାହା ତାଙ୍କୁ ସତ୍ୟର ପଥରେ ନେଇଯାଏ ଏବଂ ସମାଜରେ ତାଙ୍କୁ ଏକ ଉତ୍ତମ ବ୍ୟକ୍ତି ଭାବେ ପରିଚିତ କରାଏ। ସେହି ମୂଲ୍ୟବୋଧମାନଙ୍କ ମଧ୍ୟରେ ଧୈର୍ଯ୍ୟ ବା ସହନଶୀଳତା, ମାନବିକତା ଓ ଦୈବୀଶକ୍ତି ତିନୋଟି ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଗୁଣ। ଏହି ତିନୋଟି ଗୁଣ ମାନବଜୀବନର ଶକ୍ତିଶାଳୀ ସ୍ତମ୍ଭ ଭଳି କାମ କରେ। ଯେଉଁଠାରେ ଧୈର୍ଯ୍ୟ ମନକୁ ସ୍ଥିର କରେ, ମାନବିକତା ମନୁଷ୍ୟତ୍ୱକୁ ପ୍ରକାଶ କରେ ଓ ଦୈବୀଶକ୍ତି ଜୀବନକୁ ଉଚ୍ଚ ଆଦର୍ଶ ଦିଗରେ ନେଇଯାଏ। ଧୈର୍ଯ୍ୟର ଅର୍ଥ ହେଉଛି ସହିବାର କ୍ଷମତା, ଶାନ୍ତ ରହିବାର ଶକ୍ତି ଓ କଷ୍ଟକର ପରିସ୍ଥିତିରେ ଧୈର୍ଯ୍ୟ ଧରିବା। ଜୀବନରେ ସବୁବେଳେ ସୁଖ ନଥାଏ। କେବେ କେବେ ଦୁଃଖ, ସମସ୍ୟା, ବିଫଳତା ମଧ୍ୟ ଆସେ। ସେତେବେଳେ ଯଦି ମନୁଷ୍ୟ ଧୈର୍ଯ୍ୟ ହରାଇ ଦେଉଛି, ସେ ଭୁଲ ନିଷ୍ପତ୍ତି ନେଇଯାଇପାରେ। ଧୈର୍ଯ୍ୟ ହେଉଛି ଏକ ଏମିତି ଶକ୍ତି ଯାହା ମନୁଷ୍ୟଙ୍କୁ କଷ୍ଟର ସମୟରେ ମଜବୁତ ରଖେ। ଉଦାହରଣ ସ୍ୱରୂପ, ଜଣେ ଛାତ୍ର ଯଦି ପରୀକ୍ଷାରେ ଅସଫଳ ହେଲେ, ସେ ଯଦି ଧୈର୍ଯ୍ୟ ଧରି ପୁନଃ ପ୍ରୟାସ କରେ, ତେବେ ସେ ସଫଳତା ଲାଭ କରିପାରେ। କିନ୍ତୁ ଯଦି ସେ ନିରାଶ ହୋଇ ଧୈର୍ଯ୍ୟ ହରାଇ ଦେଉଛି, ତେବେ ସେ ଜୀବନରେ ପଛକୁ ପଡିଯାଏ। ତେଣୁ ଧୈର୍ଯ୍ୟ ମନୁଷ୍ୟଙ୍କ ପାଇଁ ଏକ ଅମୂଲ୍ୟ ଗୁଣ। ଯେକୌଣସି ବଡ଼ ସଫଳତା ପାଇବାକୁ ଧୈର୍ଯ୍ୟ ଅତ୍ୟାବଶ୍ୟକ। ଚାଷୀ ବୀଜ ରୋପଣ କରିଲେ ସେ ତୁରନ୍ତ ଫଳ ମିଳେନାହିଁ। ସେ ଧୈର୍ଯ୍ୟର ସହ ସଫଳତା ପାଇଁ ସମୟକୁ ଅପେକ୍ଷା କରେ। ତେଣୁ ଜୀବନରେ ଯେକୌଣସି ଲକ୍ଷ୍ୟ ପାଇଁ ଧୈର୍ଯ୍ୟ ହେଉଛି ମୂଳ ମନ୍ତ୍ର। ଧୈର୍ଯ୍ୟ ନ ରହିଲେ ମନୁଷ୍ୟ ଆତୁର ହୋଇ ଭୁଲ କାମ କରିପାରେ। ଧୈର୍ଯ୍ୟ ଥିବା ଲୋକ ସବୁ ପରିସ୍ଥିତିକୁ ଶାନ୍ତ ମନେ ବିଚାର କରି ସଠିକ ନିଷ୍ପତ୍ତି ନେଇଥାଏ। ମାନବିକତା ମାନେ ମନୁଷ୍ୟଙ୍କ ପ୍ରତି ଦୟା, କରୁଣା, ସହାନୁଭୂତି ଓ ସମ୍ମାନ ଦେବା। ଏହା ମନୁଷ୍ୟତ୍ୱର ପ୍ରକୃତ ପରିଚୟ। ଯେଉଁ ଲୋକ ଅନ୍ୟମାନଙ୍କ ଦୁଃଖରେ ସହଭାଗୀ ହୁଏ, ଦରିଦ୍ରଙ୍କୁ ସହାୟତା କରେ, ସେହି ଲୋକକୁ ମାନବିକତା ବୋଲି କୁହାଯାଏ। ଆଜିର ଯୁଗରେ ଅନେକ ଲୋକ ସ୍ୱାର୍ଥପର ହୋଇଯାଉଛନ୍ତି। ସେମାନେ ନିଜ ଲାଭ ଛଡ଼ା ଅନ୍ୟ କିଛି ଭାବୁନାହାନ୍ତି। କିନ୍ତୁ ମାନବିକତା ଆମକୁ ଶିଖାଏ ଯେ ଆମେ ସମସ୍ତଙ୍କୁ ଭଲପାଇବା ଓ ସମାଜର ମଙ୍ଗଳ ପାଇଁ କାମ କରିବା ଉଚିତ। ଯେଉଁ ସମାଜରେ ମାନବିକତା ଥାଏ, ସେଠାରେ ଶାନ୍ତି ଓ ସମୃଦ୍ଧି ଥାଏ। ଯେଉଁଠାରେ ଲୋକମାନେ ପରସ୍ପରକୁ ସହଯୋଗ କରନ୍ତି, ସେଠାରେ ଦୁଃଖ କମ ଥାଏ। ଉଦାହରଣ ସ୍ୱରୂପ, ଯଦି କୌଣସି ବ୍ୟକ୍ତି ରାସ୍ତାରେ ଅସୁସ୍ଥ ହୋଇ ପଡିଥାଏ ଏବଂ ଅନ୍ୟମାନେ ସେଠାରେ ତାଙ୍କୁ ସହାୟତା କରନ୍ତି, ତେବେ ସେହି କାମ ମାନବିକତାର ପରିଚୟ । ଏହିପରି ଗୁଣ ମାନବ ଜୀବନକୁ ସୁନ୍ଦର ଓ ସରସ କରେ। ଦୈବୀଶକ୍ତି ମାନେ ଦେବତାଙ୍କର ଶକ୍ତି କିମ୍ବା ଆଧ୍ୟାତ୍ମିକ ଶକ୍ତି। ଏହା ମନୁଷ୍ୟଙ୍କ ମନରେ ଥିବା ଏକ ଉଚ୍ଚ ଶକ୍ତି ଯାହା ତାଙ୍କୁ ସତ୍ୟ, ନ୍ୟାୟ ଓ ଧର୍ମର ପଥରେ ଚଲିବାକୁ ପ୍ରେରଣା ଦେଏ। ଦୈବୀଶକ୍ତି ଥିବା ଲୋକମାନେ ସତ୍ୟବାଦୀ, ନିଷ୍ଠାବାନ ଓ ସହନଶୀଳ ହୋଇଥାନ୍ତି। ସେମାନେ କେବେ ଅନ୍ୟାୟ କାମ କରନ୍ତିନାହିଁ। ସେମାନେ ସବୁବେଳେ ଭଲ କାମ କରିବାକୁ ଚେଷ୍ଟା କରନ୍ତି। ଦୈବୀଶକ୍ତି ଆମକୁ ଆଧ୍ୟାତ୍ମିକ ଜୀବନ ଦିଗରେ ନେଇଯାଏ। ଯେତେବେଳେ ଆମେ ପୂଜା, ଧ୍ୟାନ, ଭଲ କାମ କରିଥାଉ, ସେତେବେଳେ ଆମ ମନ ଶୁଦ୍ଧ ହୁଏ ଓ ଦୈବୀଶକ୍ତି ବୃଦ୍ଧି ପାଏ। ଦୈବୀଶକ୍ତି ଥିଲେ ମନୁଷ୍ୟ ମନରେ ଶାନ୍ତି ଓ ସନ୍ତୋଷ ମିଳେ ଓ ସେ ଭୟମୁକ୍ତ ଓ ସ୍ଥିର ହୁଏ। ଏହି ତିନୋଟି ଗୁଣ ପରସ୍ପର ସହ ଗଭୀର ଭାବେ ଜଡିତ। ଧୈର୍ଯ୍ୟ ଥିଲେ ମନୁଷ୍ୟ ଶାନ୍ତ ରହେ, ଯାହା ତାଙ୍କୁ ମାନବିକ କାମ କରିବାକୁ ସହାୟତା କରେ। ମାନବିକତା ଥିଲେ ସେ ଦୈବୀଶକ୍ତିକୁ ଅନୁଭବ କରେ। ଯେଉଁ ଲୋକ ଧର୍ଯ୍ୟଶୀଳ, ସେ ସହଜରେ କ୍ରୋଧ କରେନାହିଁ। ଯେଉଁ ଲୋକର ମାନବିକତା ଅଛି, ସେ ସବୁବେଳେ ଅନ୍ୟଙ୍କୁ ସହାୟତା କରେ ଏବଂ ଯେଉଁ ଲୋକ ଦୈବୀଶକ୍ତିରେ ବିଶ୍ୱାସ କରେ, ସେ ସତ୍ୟର ପଥରେ ଚାଲେ। ଆଜିର ଯୁଗରେ ଲୋକମାନେ ଅଧିକ ଚାପ, ଚିନ୍ତା ଓ ଆକ୍ରୋଶରେ ରହୁଛନ୍ତି। ଏହି ସମୟରେ ସେମାନଙ୍କୁ ଧର୍ଯ୍ୟ ନିତ୍ୟାନ୍ତ ଆବଶ୍ୟକ। ଏହା ମନକୁ ଶାନ୍ତ କରେ। ମାନବିକତା ବର୍ତ୍ତମାନ ସମାଜରେ ଅଧିକ ଆବଶ୍ୟକ କାରଣ ଏହା ଲୋକମାନଙ୍କୁ ଏକତ୍ର କରେ। ଦୈବୀଶକ୍ତି ମନୁଷ୍ୟଙ୍କୁ ନୈତିକ ଓ ଆଧ୍ୟାତ୍ମିକତା ଶକ୍ତି ଦେଇଥାଏ। ଧୈର୍ଯ୍ୟ, ମାନବିକତା ଓ ଦୈବୀଶକ୍ତି ମନୁଷ୍ୟ ଜୀବନର ତିନୋଟି ଅମୂଲ୍ୟ ଧନ। ଏହି ଗୁଣମାନଙ୍କୁ ଅପଣାଇଲେ ମନୁଷ୍ୟ ନିଜ ଜୀବନକୁ ସରସ, ସୁନ୍ଦର କରିବା ସହିତ ସମାଜକୁ ମଧ୍ୟ ଉନ୍ନତ କରିପାରେ। ଏହିପରି ଗୁଣମାନଙ୍କୁ ଆମେ ଦିନଚର୍ଯ୍ୟାରେ ଉଚ୍ଚାରଣ ଓ ଆଚରଣରେ ଆପଣାଇବା ଉଚିତ। ଧୈର୍ଯ୍ୟ ଧରିବା, ମାନବିକତା ହେବା ଓ ଦୈବୀଶକ୍ତିରେ ବିଶ୍ୱାସ ରଖିବା ଦ୍ୱାରା ଆମେ ଏକ ଶ୍ରେଷ୍ଠ ମାନବ ହୋଇପାରିବା।

❤ ଅରଙ୍ଗାବାଦ ବରୀ ଯାଜପୁର
ମୋ: ୮୨୪୯୫୦୨୭୭୬

ବ୍ୟକ୍ତି ଓ ବ୍ୟକ୍ତିତ୍ୱ

# ସଫଳ ସର୍ଜନ ସନ୍ଦୀପ ସିଂ : ସଂବେଦନ ଓ ସେବାର ସଂଗମ

## ଡ. ଗୋଲକ ବିହାରୀ ଆଚାର୍ଯ୍ୟ





### ଦେବଦୂତ ଡାକ୍ତର : ଦୟାର ଦୀପ୍ତ ଦିଶା

'ଡାକ୍ତରୀ ଦୈବୀ ଦାୟିତ୍ୱ, ଦୁଃଖଦଗ୍ଧ ଦେହ ଓ ଦୁର୍ବଳ ଦିଲକୁ ଦୟା, ଦକ୍ଷତା ଓ ଦୃଢ଼ ବିଶ୍ୱାସର ଦୀପ୍ତିରେ ଦିଗଦର୍ଶନ ଦେବାର ଦିବ୍ୟ ଧର୍ମ। ଆଲୋପାଥିର ଅମୂଲ୍ୟ ଅନୁକମ୍ପା ଅସୁସ୍ଥଙ୍କୁ ଅଭୟ ଓ ଆଶ୍ୱାସନ ଅର୍ପଣ କରେ। କିନ୍ତୁ ଯେତେବେଳେ ମାନବସେବାର ମହନୀୟ ମନୋଭାବ ମୁନାଫାର ମୋହରେ ମଳିନ ହୁଏ, ସେତେବେଳେ ସମଗ୍ର ଚିକିତ୍ସା ବ୍ୟବସ୍ଥାର ମର୍ଯ୍ୟାଦା ମଧ୍ୟ ମ୍ଲାନ ହୋଇଯାଏ। ଏପରି ପରିପ୍ରେକ୍ଷୀରେ ପରୋପକାର, ପବିତ୍ରତା ଓ ପେଶାଗତ ପ୍ରତିବଦ୍ଧତାର ପ୍ରତୀକ କିଛି ଆଦର୍ଶ ଡାକ୍ତରଙ୍କୁ ପ୍ରକାଶପଥରେ ପ୍ରତିଷ୍ଠିତ କରିବାର ଏହି ପ୍ରୟାସ ଏକ ପ୍ରଶଂସନୀୟ ପଦକ୍ଷେପ। ସେମାନଙ୍କର ପ୍ରେରଣାଦାୟକ ପଦଚିହ୍ନ ପରବର୍ତ୍ତୀ ପିଢ଼ି ପାଇଁ ପଥପ୍ରଦର୍ଶକ ପ୍ରଦୀପ ହୋଇ ରହିବ।'

ଜଣେ ଉତ୍ତମ ଚିକିତ୍ସକ ହେବା ପୂର୍ବରୁ ଜଣେ ଉତ୍ତମ ମଣିଷ ହେବା ଆବଶ୍ୟକ। ଚିକିତ୍ସା ବିଜ୍ଞାନ କେବଳ କେତେକ ବ୍ୟବସ୍ଥାପତ୍ର (ପ୍ରେସ୍କ୍ରିପସନ୍) କିମ୍ବା ଶଲ୍ୟକ୍ରିୟାର ବ୍ୟବସାୟ ନୁହେଁ, ଏହା ହେଉଛି ଆତ୍ମବିବେକର ଏକ ପବିତ୍ର ଅଙ୍ଗୀକାର। ହିପୋକ୍ରେଟସ୍‌ଙ୍କ ଯୁଗରୁ ହିଁ, ଜଣେ ସେବାବ୍ରତୀଙ୍କଠାରୁ ବିଜ୍ଞାନ ସହ ସହାନୁଭୂତି ଏବଂ ଦକ୍ଷତା ସହ ନିଷ୍ଠାର ସମ୍ମିଶ୍ରଣ ଆଶା କରାଯାଇଆସିଛି। ହିପୋକ୍ରେଟିକ ଶପଥରେ ପ୍ରତିଫଳିତ ନୈତିକ ଆଦର୍ଶ ଆମକୁ ସ୍ମରଣ କରାଇଦିଏ ଯେ, ଦୟାବିହୀନ ଜ୍ଞାନ ଅପୂର୍ଣ୍ଣ ଏବଂ ଦକ୍ଷତାବିହୀନ ଆଚରଣ ଅପର୍ଯ୍ୟାପ୍ତ। ତେଣୁ ଜଣେ ସୁଚିକିତ୍ସକ ପ୍ରଜ୍ଞା ଓ ସଂବେଦନଶୀଳତାର ସଙ୍ଗମସ୍ଥଳରେ ଠିଆହୋଇ ଶରୀରର ରୋଗ ନିରାକରଣ କରିବା ସହ ମନକୁ ପ୍ରଶାନ୍ତି ପ୍ରଦାନ କରିଥାନ୍ତି।

ସେହିପରି, ଜଣେ ଉତ୍ତମ ମଣିଷର ପରିଚୟ ତାଙ୍କର ସଫଳତାରୁ ନୁହେଁ ବରଂ ତାଙ୍କର ମନୋଭାବରୁ ମିଳିଥାଏ— ସଫଳତାରେ ନମ୍ରତା, ବିପତ୍ତିରେ ଧୈର୍ଯ୍ୟ, କର୍ମରେ ସଚ୍ଚୋଟତା ଏବଂ ବ୍ୟବହାରରେ କରୁଣା। ଯେତେବେଳେ ଏହି ମାନବୀୟ ଗୁଣରାଜି ଚିକିତ୍ସା କୌଶଳ ସହ ସଂପୃକ୍ତ ହୁଏ, ସେତେବେଳେ ସୃଷ୍ଟି ହୁଅନ୍ତି ଏପରି ଜଣେ ଚିକିତ୍ସକ, ଯିଏ କେବଳ ରୋଗର ଉପଶମ କରନ୍ତି ନାହିଁ, ବରଂ ରୋଗୀର ଆତ୍ମସମ୍ମାନ ଓ ଆଶାକୁ ପୁନରୁଜ୍ଜୀବିତ କରନ୍ତି।

### ଡାକ୍ତର ସନ୍ଦୀପ ସିଂହ: ଶଲ୍ୟ-ନିପୁଣତା ଓ ଆତ୍ମୀୟ ସେବାର ଶ୍ରେଷ୍ଠ ସମନ୍ୱୟ

ଆଧୁନିକ ଚିକିତ୍ସା ବିଜ୍ଞାନର ଦ୍ରୁତ ପରିବର୍ତ୍ତନଶୀଳ ପରିବେଶରେ, ଉଚ୍ଚ-ପ୍ରଯୁକ୍ତିବିଦ୍ୟାସମ୍ପନ୍ନ ରୋବୋଟିକ୍ ସୂକ୍ଷ୍ମତା ସହିତ ଚିରନ୍ତନ ମାନବୀୟ ସମ୍ବେଦନଶୀଳତାର ସନ୍ତୁଳନ ରକ୍ଷା କରୁଥିବା ଜଣେ ଚିକିତ୍ସକଙ୍କୁ ପାଇବା ବିରଳ। ଭୁବନେଶ୍ୱରସ୍ଥିତ 'କେୟାର ହସ୍ପିଟାଲ୍'ର ଅସ୍ଥିଶଲ୍ୟ (ଅର୍ଥୋପେଡିକ୍ସ) ବିଭାଗୀୟ ମୁଖ୍ୟ ରୋବୋଟିକ୍ ସର୍ଜରୀ ଓ ସ୍ପୋର୍ଟସ୍ ଇଞ୍ଜୁରୀର ମୁଖ୍ୟ ପରାମର୍ଶଦାତା ଡାକ୍ତର ସନ୍ଦୀପ ସିଂହ ଏହି କ୍ଷେତ୍ରରେ ଏକ ଆଦରଣୀୟ ବ୍ୟତିକ୍ରମ। ଗୋଟିଏ ଦଶନ୍ଧିରୁ ଅଧିକ ସମୟର ସମୃଦ୍ଧ ଅଭିଜ୍ଞତା ଏବଂ ପୁନେର ପ୍ରସିଦ୍ଧ ବି.ଜେ. ମେଡିକାଲ କଲେଜରୁ ଆରମ୍ଭ କରି ଲଣ୍ଡନ ଓ ଗ୍ଲାସଗୋରୁ ସମ୍ମାନଜନକ ଫେଲୋସିପ୍ ହାସଲ କରିଥିବା ଡାକ୍ତର ସିଂହ, ଏହି ସମଗ୍ର ଅଞ୍ଚଳର ରୋଗୀମାନଙ୍କ ପାଇଁ ଆଶାର ଆଲୋକବର୍ତ୍ତିକା ସାଜିଛନ୍ତି।

### ରୋବୋଟିକ୍ ଅସ୍ଥିଶଲ୍ୟ ଚିକିତ୍ସାର ସ୍ଥପତି

ଡାକ୍ତର ସିଂହଙ୍କ ବୈଷୟିକ ଦକ୍ଷତା ଅତ୍ୟନ୍ତ ପ୍ରଶଂସନୀୟ। ସମ୍ପୂର୍ଣ୍ଣ ଓ ଆଂଶିକ ଜାନୁ ପ୍ରତିରୋପଣ (**Total and Partial Knee Replacements**), ହିପ୍ ରିସର୍ଫେସିଂ (**Hip Resurfacing**) ଏବଂ ରୋବୋଟିକ୍ ଆର୍ଥ୍ରୋପ୍ଲାଷ୍ଟିରେ ସେ ବିଶେଷଜ୍ଞତା ହାସଲ କରିଛନ୍ତି। ରୋଗୀଙ୍କୁ ଶୀଘ୍ର ଆରୋଗ୍ୟ କରିବା ଏବଂ କଷ୍ଟ ଲାଘବ କରିବା ପାଇଁ ସେ ଅତ୍ୟାଧୁନିକ ଶଲ୍ୟ-କୌଶଳର ପ୍ରୟୋଗ କରନ୍ତି। 'ବୋନ୍ ଆଣ୍ଡ୍ ଜଏଣ୍ଟ ଜର୍ନାଲ'ରେ ପ୍ରକାଶିତ ତାଙ୍କର ଗବେଷଣାତ୍ମକ ନିବନ୍ଧ ଏବଂ ଦୁବାଇ ଓ ଲେଷ୍ଟର ଭଳି ଆନ୍ତର୍ଜାତୀୟ ମଞ୍ଚରେ ଉପସ୍ଥାପନା, ତାଙ୍କର ନିରନ୍ତର ସାମ୍ପ୍ରତିକ ଜ୍ଞାନ ଓ ବୃତ୍ତିଗତ ପ୍ରଗତିଶୀଳତାର ପ୍ରମାଣ ଦିଏ।

### ଶଲ୍ୟକ୍ରିୟା ବାହାରେ ଜଣେ ମାନବୀୟ ସେବାବ୍ରତୀ

ଯଦିଓ ତାଙ୍କ ଶଲ୍ୟ-ନିପୁଣତା ସର୍ବଜନବିଦିତ, ତଥାପି ଡାକ୍ତର ସିଂହଙ୍କ 'ମାନବୀୟ ସ୍ପର୍ଶ' ହିଁ ତାଙ୍କୁ ପ୍ରକୃତରେ ଅନନ୍ୟ କରିପାରିଛି। ଚିକିତ୍ସା କ୍ଷେତ୍ରରେ ବ୍ୟବସାୟିକ ଅବହେଳାର ଏହି ଯୁଗରେ, ତାଙ୍କର କାର୍ଯ୍ୟଶୈଳୀ କେତେକ ମୌଳିକ ମୂଲ୍ୟବୋଧ ଦ୍ୱାରା ପରିଚାଳିତ ।

**ମହାନୁଭବତାର ପରିପ୍ରକାଶ:** ତାଙ୍କ ଉଦାରତାରେ ଏକ ବଶୀକରଣ ଯାଦୁ ରହିଛି। ସେ କେବଳ ଅସ୍ଥିସନ୍ଧିର ଚିକିତ୍ସା କରନ୍ତି ନାହିଁ, ବରଂ ମଣିଷଟି ସହ ଆତ୍ମୀୟତା ଯୋଡ଼ିଥାନ୍ତି।

**ଶୁଣିବାର ଧୈର୍ଯ୍ୟ:** ତାଙ୍କର ସୁମଧୁର ଓ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର ଯୋଗୁଁ ରୋଗୀମାନେ ନିଜ ମନର ଗଭୀରତମ ଚିନ୍ତା ଓ ସନ୍ଦେହକୁ ନିର୍ଭୟରେ ପ୍ରକାଶ କରିପାରନ୍ତି। ଏକ ସହଜ ପରିବେଶ ସୃଷ୍ଟି କରି ସେ ଶାରୀରିକ ଯନ୍ତ୍ରଣା ସହିତ ମାନସିକ ଦୁଶ୍ଚିନ୍ତାର ମଧ୍ୟ ଉପଶମ କରନ୍ତି।

**ସାନ୍ତ୍ୱନାଦାୟୀ ବାଣୀ:** ଅନେକ ରୋଗୀ ମତ ଦିଅନ୍ତି ଯେ, ତାଙ୍କର ଆଶ୍ୱାସନାପୂର୍ଣ୍ଣ କଥାଗୁଡ଼ିକ ପ୍ରାଥମିକ ଯନ୍ତ୍ରଣାନାଶକ (**Analgesic**) ଭାବେ କାମ କରେ, ଯାହା ରୋଗୀର ବିଶ୍ୱାସ ଏବଂ ଜୀବିତ ରହିବାର ସଂକଳ୍ପକୁ ଦ୍ୱିଗୁଣିତ କରିଥାଏ।

**'ଅନ୍ତିମ ବିକଳ୍ପ'ର ଦର୍ଶନ:** ଜଣେ ଦକ୍ଷ ସର୍ଜନ ହୋଇଥିଲେ ହେଁ, ଡାକ୍ତର ସିଂହ ପ୍ରାଥମିକ ଭାବେ ପାରମ୍ପରିକ ଓ ଅଣ-ଶଲ୍ୟଜନିତ ଚିକିତ୍ସାକୁ ପ୍ରାଧାନ୍ୟ ଦିଅନ୍ତି। ଶଲ୍ୟକ୍ରିୟାର ପରାମର୍ଶ ଦେବା ପୂର୍ବରୁ ସେ ଅନ୍ୟ ସମସ୍ତ ବିନା-ଅସ୍ତ୍ରୋପଚାର ବିକଳ୍ପକୁ ଆପଣାଇ ଅସ୍ତ୍ରୋପଚାରକୁ ଏଡ଼ାଇବା ପାଇଁ ସର୍ବୋତ୍ତମ ପ୍ରୟାସ କରନ୍ତି।

### ସାର୍ବଜନୀନ ସେବା ଓ ବ୍ୟକ୍ତିଗତ ସ୍ନେହ

ଡାକ୍ତର ସିଂହ ଏପରି ଏକ ନୈତିକ ଆଦର୍ଶରେ କାର୍ଯ୍ୟ କରନ୍ତି, ଯାହା ଧନୀ-ଦରିଦ୍ର କିମ୍ବା ସାମାଜିକ ପ୍ରତିଷ୍ଠାର ପ୍ରାଚୀରକୁ ଭାଙ୍ଗିଦିଏ। ରୋଗୀ ଗ୍ରାମାଞ୍ଚଳର ହୁଅନ୍ତୁ କିମ୍ବା ସହରର କୌଣସି ଉଚ୍ଚପଦସ୍ଥ ଅଧିକାରୀ, ସମସ୍ତେ ସମାନ ଭାବେ ସଠିକ୍ ରୋଗ-ନିରୂପଣ ଏବଂ ଅବିଚଳିତ ସମ୍ମାନ ପାଇଥାନ୍ତି।

ଅତ୍ୟନ୍ତ ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ସତ୍ତ୍ୱେ, ସେ ତାଙ୍କ ତତ୍ତ୍ୱାବଧାନରେ ଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ବ୍ୟକ୍ତିଗତ ସ୍ନେହର ସହ ଦେଖିବା ପାଇଁ ଜଣାଶୁଣା। ରୋଗୀର ଯନ୍ତ୍ରଣା ଓ ଆର୍ଥିକ ଅଭାବକୁ ନିଜର ଭାବି ଅନୁଭବ କରିବାର ଏହି ବ୍ୟକ୍ତିଗତ ଶାଳୀନତା, ଏକ ସାଧାରଣ ଚିକିତ୍ସା ସେବାକୁ ସେବାର ଏକ ମହାନ ଅନୁଷ୍ଠାନରେ ପରିଣତ କରେ।

ଡାକ୍ତର ସନ୍ଦୀପ ସିଂହଙ୍କ ମୂଲ୍ୟାଙ୍କନ କରିବାକୁ ଗଲେ ଆମକୁ ନିଶ୍ଚିତ ଭାବରେ ଚାରୋଟି ସ୍ତମ୍ଭକୁ ବିଚାରକୁ ନେବାକୁ ହେବ: ଜ୍ଞାନ, ନୈତିକତା, ବ୍ୟବହାର ଏବଂ ସେବା। ତାଙ୍କର ସଠିକ୍ ରୋଗ ନିରୂପଣ ଏବଂ ଯୁକ୍ତିଯୁକ୍ତ ଚିକିତ୍ସା ପ୍ରଣାଳୀ ତାଙ୍କ ବୃତ୍ତିଗତ ଗାମ୍ଭୀର୍ଯ୍ୟକୁ ଦର୍ଶାଏ।

**ନୈତିକ ସ୍ୱଚ୍ଛତା** - ବିଶେଷ କରି ଚିକିତ୍ସାର ଆବଶ୍ୟକତା ଏବଂ ଆର୍ଥିକ ବୋଝ ସମ୍ପର୍କରେ ରୋଗୀଙ୍କୁ ସଠିକ୍ ମାର୍ଗଦର୍ଶନ କରିବା-ତାଙ୍କ ନୈତିକ ଦାୟିତ୍ୱବୋଧକୁ ପ୍ରତିଫଳିତ କରେ। ନୈତିକତା ବିନା ଜ୍ଞାନ ଯାନ୍ତ୍ରିକ ହୋଇପଡ଼େ; କିନ୍ତୁ ନୈତିକତା ସହିତ ଏହା ଅର୍ଥପୂର୍ଣ୍ଣ ହୋଇଥାଏ।

ଶେଷରେ, ବ୍ୟବହାର ହିଁ ପରିଚୟ ସୃଷ୍ଟି କରେ। ଯଦି ଜଣେ ଚିକିତ୍ସକ ସଂଯମୀ, ମନୋଯୋଗୀ ଏବଂ ସମ୍ବେଦନଶୀଳ ରହନ୍ତି, ତେବେ ତାଙ୍କର ସେବା କେବଳ ପରାମର୍ଶ ମଧ୍ୟରେ ସୀମିତ ନରହି ପ୍ରକୃତ ଆରୋଗ୍ୟ ଦିଗରେ ଗତି କରେ।

### ଶେଷକଥା

ପ୍ରତ୍ୟେକ କ୍ଷେତ୍ରରେ, ଜଣେ ଡାକ୍ତରଙ୍କ ମହାନତା କେବଳ ଉପାଧି (ଡିଗ୍ରୀ), ଲୋକପ୍ରିୟତା କିମ୍ବା ବାହ୍ୟ ସମ୍ମାନ ଦ୍ୱାରା ମପାଯାଇପାରିବ ନାହିଁ। ଏହା ନିହିତ ଥାଏ ଆରୋଗ୍ୟ ଲାଭ କରିଥିବା ରୋଗୀଙ୍କ ନୀରବ କୃତଜ୍ଞତାରେ, ପରିବାରବର୍ଗଙ୍କ ବିଶ୍ୱାସରେ ଏବଂ ସୁଦୃଢ଼ ନୈତିକ ଆଚରଣରେ। ଜଣେ ସୁଚିକିତ୍ସକ ହେଉଛନ୍ତି ସର୍ବପ୍ରଥମେ ଜଣେ ଉତ୍ତମ ମଣିଷ - ଏବଂ ଯେତେବେଳେ ଏହି ଦୁଇଟି ଗୁଣର ମିଶ୍ରଣ ଘଟେ, ସେତେବେଳେ ଚିକିତ୍ସା କେବଳ ଏକ ବୃତ୍ତି ହୋଇ ରହେନାହିଁ, ବରଂ ମାନବସେବାର ଏକ ନିଷ୍କାମ ଯଜ୍ଞରେ ପରିଣତ ହୁଏ।

❤ କେଶଦୂରାପାଳ
କେନ୍ଦୁଝର- ୭୫୮୦୨୫
(ମୋ)୯୯୩୮୧୭୫୧୦୦

# ମାଂସର ବିଳାପ

## ଛବିରାଣୀ ପତି



ମୁଁ ସେହି ଅଭାଗା ତ୍ରୀଶଙ୍କୁ ବେଲାଳସେନ, ଯିଏ ଦୁଇ ଦିନ ଦୁଇ ରାତି ଅର୍ଦ୍ଧ ଅଚେତ ଅବସ୍ଥାରେ ଛନ୍ଦି ହୋଇ ରହିଥିଲା ସେଦିନ ବାହାନଗା ରେଳ ଦୁର୍ଘଟଣାର ଅନତିଦୂର ଅପନ୍ତରା ଖଜୁରୀଗଛ ସନ୍ଧି ଭିତରେ। କେଇକ୍ଷଣରେ ଟ୍ରେନ୍ ଭିତରୁ ଖଜୁରୀ ଗଛ ପର୍ଯ୍ୟନ୍ତର ଏ ଅଭିନବ ଯାତ୍ରାକୁ ଉପଲବ୍ଧି କରି ନିଜକୁ ଆବିଷ୍କାର କରିନିଏ ସତ ! ମାତ୍ର ନିଜକୁ ଉଦ୍ଧାର କରିବା ପାଇଁ କୁହାଟଟିଏ ମାରିବାର ମଧ୍ୟ ଯୁ' ନ ଥାଏ ସେତେବେଳେ ମୋ ନିଜ ଭିତରେ । ସତେ ଯେପରି ନୀୟତିର ଗୋଟେ ମସ୍ତବଡ ବିଦ୍ରୁପମୂଳକ ଅଟହାସ୍ୟ ସେଦିନ ସଜାଡି ହୋଇ ରହିଥିଲା ମୋ ଅପେକ୍ଷାରେ । କେବଳ ଯେ ମୋ ଅପେକ୍ଷାରେ ତା ବି ନୁହେଁ, ମୋ ପରି ଏମିତି ଅନେକଙ୍କ ଅପେକ୍ଷାରେ । ମୁଁ ସେଠି ଲାଖିରହି ଟିକି-ନିକ ସବୁ କିଛି ଦେଖୁଥାଏ। ହେଲେ ସେଠୁ ମୋତେ କେହି ଜଣେ ବି ଦେଖିପାରୁ ନ'ଥାନ୍ତି । ମୁଁ ସେଠି କେତେ ଯେ କଣ ଦେଖିଛି ତାହାର ହିସାବ ରଖି ନାହିଁ । ତା' ପୁଣି ଖୁବ୍ ନିକଟରୁ ଏକ ସିଧାପ୍ରସାରଣ ଭଳି । ସେ ସବୁକିଛି ମୋ ପାଇଁ ଥିଲା ଖୁବ୍ ବିସ୍ମୟକର ଆଉ ଥିଲା ପ୍ରାୟତଃ ଅବିସ୍ମରଣୀୟ ବି । ବହୁତ କିଛି ଥିଲା ଅନୁସୋଚନ ତଥା ହୃଦୟବିଦାରକ ଯାହା ମୋତେ ସେ ସମୟରେ ତାଜୁବ କରିଦେଇଥିଲା।


ଦୁର୍ଘଟଣାର କିଛି ସମୟ ପୂର୍ବରୁ ରେଳ ଡବା ଭିତରେ ମୋ ସହିତ ଖୁବ୍ ମଜା ମସ୍ତି କରୁଥିବା ସେ ଅପରିଚିତ ଚୁଲବୁଲି ପିଲାଟି ତା ଚେତାଶୂନ୍ୟ ମା' କୋଳରେ ମାଂସ ପିଣ୍ଡୁଳା ପରି ରଖା ହୋଇଥିଲା । ଏକ ପ୍ରକାର ମୃତବତ୍ ଅବସ୍ଥାରେ । ମୋତେ କଣେଇ କଣେଇ ଚାହିଁ ମୁରୁକି ହସୁଥିବା ଏକ ଅନାମିକା ଷୋଡ଼ଶବୟସୀ ଯାହାର ଏଯାବତ୍ ପ୍ରାୟ ଅତାପତା ହିଁ ମିଳିଲା ନାହିଁ କାହିଁ କୋଉଠି ସେ ଏବେ । ବଞ୍ଚିଛି ନା ସେଇ ଦୁର୍ଘଟଣାର କରାଳ ଛାତିରେ ସେ ବି ପେଶି ହୋଇଯାଇଛି ! କେତେ କିଏ ତ ଏମିତିରେ ବି ଟ୍ରେନ ଲାଇନ୍‌ର ପେଷଣରେ ପେଶି ହୋଇ ମରି ଯାଇଥାନ୍ତି । କେତେ କିଏ ପିଲା, ମାଇପେ, ଭେଣ୍ଡା, ବୁଢ଼ା ଓଲଟି ଯାଇଥିବା ବଗି ତଳେ ଅବା ବଗି ଭିତରେ ଆର୍ତ୍ତ ଚିତ୍କାର କରୁଥାନ୍ତି ମୁମୂର୍ଷୁ ଅବସ୍ଥାରେ । କାହାର ଦୁଇଟି ବଗିର ସନ୍ଧିରେ ଅସ୍ଥି ଝୁଲୁଥାଏ ତ କିଏ ରେଳ ଧାରଣା କଡ଼ରେ ସୁକୁସୁକୁ ହୋଇ ପାଣି ପାଇଁ ବିକଳ ହେଉଥାଏ । ଚାରିଆଡେ ଖାଲି ପୁଳାପୁଳା ମାଂସ ଆଉ ଖଣ୍ଡେ ଖଣ୍ଡେ ହାତ, ଗୋଡ । ସବୁଆଡେ ଖାଲି ରକ୍ତର ସୁଅ ।

ଓଃ, ହେ ପ୍ରଭୁ ! ସବୁରି ମୁହଁରେ ସେତେବେଳେ ଖାଲି
ରକ୍ଷାକର ..... ରକ୍ଷାକର .... ରକ୍ଷାକର .....
ସେଇ ଗୋଟିଏ ଆର୍ତ୍ତ ଚିତ୍କାର ।

୨୦୨୩ ଜୁନ ତା' ୨ ସନ୍ଧ୍ୟା ୭ଟାରେ । ପାଖାପାଖି ୮ଟି ରାଜ୍ୟର ଯାତ୍ରୀମାନଙ୍କୁ ନେଇ ଆସୁଥିବା ଲୌହଦାନବ କରମଣ୍ଡଳ ଏକ୍ସପ୍ରେସ। ବାହାନଗା ନିକଟରେ କରିଥିଲା ... ଶହଶହ ନିରୀହ ମଣିଷ ମାନଙ୍କ ପଳ-ପଳ ରକ୍ତ-ମାଂସର ଭୋଜି । ଚାହୁଁ ଚାହୁଁ ଲିଭିଗଲା କେତେ କେତେ ଜୀବନ ଦୀପ । କେତେ ମରିହଜି ଗଲେ ତାର ଇୟତ୍ତା ନାହିଁ । ମୃତାହତର ସଠିକ୍ ଆକଳନ ଏଯାବତ୍ ହୋଇପାରିନି ଅବା ହବାକୁ ଦିଆଯାଇନି ସେ ତ ପରକଥା । କେତେ ଶବ ଅଗୋଚରରେ କୁଆଡେ ନିଷିଦ୍ଧ ଇଲାକାରେ ମାଟିତଳେ ପୋତାଇ ଦିଆଯାଇଥିଲା ବୋଲି ଜନଶ୍ରୁତିରୁ ସେବେ ଶୁଣିବାକୁ ମିଳୁଥିଲା। ଯାହା କହିବା ବାହୁଲ୍ୟ ଯେ କିଛି ସାମ୍ବାଦିକ ଭାଇମାନଙ୍କ ମୋ ଆହୁଡ଼ରେ ଆଲୋଚନା କରିବାର ମୁଁ ନିଜେ ଶୁଣିଛି ମୋର ସେଇ ଅର୍ଦ୍ଧ ଗଳିତ ଅବସ୍ଥାରେ । ଯୋଉମାନେ ଏପର୍ଯ୍ୟନ୍ତ ନିଖୋଜ ସେମାନେ ବା ଗଲେ କୁଆଡେ ମନରେ ଏମିତି ପ୍ରଶ୍ନ ଆସିବା ସ୍ୱାଭାବିକ କଥା ନୁହେଁ କି ? ଯୋଉ ମାନଙ୍କର କୌଣସି ଡାକ୍ତରୀମାଇନା ବି ହୋଇପାରିନି ସେମାନେ ପ୍ରକୃତରେ ମୃତ ନା ଜୀବିତ ? ଛାଡ, ଏମିତିରେ ବି କୁଢ଼ କୁଢ଼ ଶବ ତଳୁ ବି ଉଦ୍ଧାର ହୋଇଥିଲା କିଛି ନୂଆ ଜୀବନ। ଯାହା ପ୍ରିଣ୍ଟ ମିଡ଼ିଆ ଓ ଇଷ୍ଟର୍ଣ୍ଣ ମିଡ଼ିଆ କଭର କରିଥିଲେ ସେହି ଲୋମ ହର୍ଷଣକାରୀ ଦୃଶ୍ୟମାନଙ୍କୁ । ଛାତି ଥରି ଉଠୁଥିଲା ସମସ୍ତଙ୍କର। କମ୍ପି ଉଠୁଥିଲା ସ୍ଥଳଟା ମୋତେ ବଞ୍ଚେଇ ଦିଅ ବୋଲି ଆହାତ ମାନଙ୍କର କି ଆକୁଳ ନିବେଦନ । ସ୍ଥାନୀୟ ଅଂଚଳର ସହୃଦୟ ଲୋକଙ୍କ ଦ୍ୱାରା କିଏ ପାଣି ପିଇ ଚିକିତ୍ସା ପାଇଁ ସ୍ଥାନାନ୍ତରିତ ହେଉଥିଲେ ତ କିଏ ସେହି ସ୍ଥାନୀୟ ଲୋକଙ୍କ ହାତରୁ ମୁନ୍ଦେ ମୁନ୍ଦେ ପାଣି ପାଇ ସେଇଠି ହିଁ ଶେଷ ନିଃଶ୍ୱାସ ତ୍ୟାଗ କରିଦେଉଥିଲେ । କିଏ କିଏ ଅଳ୍ପକେ ବଞ୍ଚିଯାଇ ବ୍ୟାକୁଳ ହୋଇ ଖୋଜି ବୁଲୁଥିଲେ ନିଜ ଲୋକଟିକୁ ବା ନିଜ ଛୁଆଟିକୁ।

ଓଃ କି ଦୃଶ୍ୟ ଥିଲା ସେଦିନ ... !!! ସିଏ ବୋଧହୁଏ ଶତାବ୍ଦୀର ଶ୍ରେଷ୍ଠ ହୃଦୟ ବିଦାରକ ଦୁର୍ଘଟଣା ଥିଲା ବୋଲି କାହିଁ ମୋର ମନେ ହେଉଥିଲା। ବେ-ହିସାବ ମୃତାହତ, ଅପଙ୍ଗ ଆଉ ନିଖୋଜ ମଣିଷ । ରାଜ୍ୟ ସରକାର ତଥା କେନ୍ଦ୍ର ସରକାରଙ୍କ ବିପୁଳ ଅର୍ଥରାଶିର ସହାୟତା ତ ନିଶ୍ଚିତ ଆସିଲା ମାତ୍ର ସେଇ ଅନଗିନତ୍ ଅମୂଲ୍ୟ ଜୀବନ ପାଖରେ କୌଣସି ପ୍ରକାର ରାଶି ବି ସମତୁଲ ହୋଇଥାନ୍ତା କିପରି ଯେ ? ମୂଲ୍ୟବାନ ଜୀବନ ପାଖରେ ଏ ସବୁ ତ ତୁଚ୍ଛ ... ସବୁ ମୂଲ୍ୟହୀନ ... ସବୁ ନିରର୍ଥକ । ନିଜେ ନିଜର କଟା ହାତ, କଟା ଗୋଡ ଅନତି ଦୁରରେ ଛିଟିକି ପଡିଥିବାର ଦେଖି ହତବାକ ହୋଇପଡ଼ିଥିବା ସେ ନିରୀହ ଆଖିର ଭୟାନକ ଦୃଶ୍ୟ ! ମୋର କଣ ? ଯେକୌଣସି ହୃଦୟହୀନଟିର ବି ନିଶ୍ଚିତ ଭାବରେ ଧର୍ଯ୍ୟ ଛିଣ୍ଡି ପଡିଥିବ । ଆଖପାଖ ଗାଁର ସ୍ଥାନୀୟ ବାସିନ୍ଦା ପାରୁପର୍ଯ୍ୟନ୍ତ ସେ ଅନ୍ଧାର ରାତିରେ ନିଜ କ୍ଷମତା ନେଇ ଆପ୍ରାଣ ଉଦ୍ୟମ କରିଥିଲେ। ସେମାନଙ୍କ ସେହି ଦୁଃସାହସିକ ଉଦ୍ୟମ ହେତୁ ଅନେକ ଜୀବନ ବଞ୍ଚେଇବାରେ ମଧ୍ୟ ସେମାନେ ସହାୟକ ହୋଇଥିଲେ । ଯୋଉ କାର୍ଯ୍ୟ ପାଇଁ ଯେତେ ସାଧୁବାଦ୍ ଦେଲେ ମଧ୍ୟ ନିଃସନ୍ଦେହ ସେମାନଙ୍କ ପାଇଁ କମ୍ ପଡ଼ିବ। ସେ ପୁରୁଷ ଓ ମହିଳା ମାନଙ୍କର ନିଃସ୍ୱାର୍ଥ ଓ ନିଃସର୍ତ୍ତ ଦିନ ରାତି ଅକ୍ଳାନ୍ତ ପରିଶ୍ରମ ପାଇଁ ବାଲେଶ୍ୱର ବାହାନଗାବାସୀଙ୍କୁ ସାରା ଦେଶ ତଥା ବିଶ୍ୱ ପ୍ରଶଂସାରେ ପୋତି ପକାଇଥିଲା ଯାହା ପ୍ରତିଟି ଓଡ଼ିଆଙ୍କ ମନରେ ଛାପ ଛାଡି ଯାଇଛି ନିଶ୍ଚିତ । ଖାଲି ସେଇମାନେ କାହିଁକି ଏନ୍ ଡି ଆର ଏଫ, ଓଡ୍ରାଫ ଏବଂ ବିଭିନ୍ନ ସ୍ୱେଚ୍ଛସେବୀ ଅନୁଷ୍ଠାନ ମାନେ ମଧ୍ୟ ନିଜ ନିଜର ଭରପୁର ସେବାମାନ ନିଷ୍ଠା ସହକାରେ ପ୍ରତିପାଦନ କରିଥିଲେ ।

ଏସବୁ ଭିତରେ ସେଇ ବାଦାନ୍ୟ ସହଯୋଗୀ ପରୋପକାରୀମାନଙ୍କ ଭିଡ ଭିତରେ କିଛି ଲୋଭାର୍ଥି ଓ ସୁବିଧାବାଦୀ ମାନଙ୍କୁ ମଧ୍ୟ ମୁଁ ଅଣଦେଖା କରିପାରିବିନି । ଯେଉଁମାନେ କି ମୌକାର ଫାଇଦା ଉଠାଇବାକୁ ଯାଇ ମୃତାହତଙ୍କୁ ସାହାଯ୍ୟ କରିବାର ବିଭିନ୍ନ ଆଳରେ ସେମାନଙ୍କ ପାଖରେ ଥିବା ମୋବାଇଲ, ଘଣ୍ଟା, ମନିପର୍ସ, ସୁନା - ରୂପା ଭଳି ମୂଲ୍ୟବାନ ଜିନିଷକୁ ଆଗ ହାତ ସଫେଇ କରିବାକୁ ଟିକେ ହେଲେ କୁଣ୍ଠାବୋଧ କରି ନ ଥିଲେ । ସେମାନଙ୍କର ଏଇ ହୀନ ମାନସିକତା ଓ ତୁଚ୍ଛ ଅମାନୁଷିକତାର ନିନ୍ଦାନୀୟ କାର୍ଯ୍ୟ ଦେଖି ମୁଁ ସତରେ ଖୁବ୍ କ୍ଷୁବ୍ଧ ମଧ୍ୟ ହୋଇଯାଇଥିଲି । ମୁଖ୍ୟତଃ ସେଇ କାରଣରୁ ବୋଧେ ଦିନ ଦିନ ବିତିଯିବା ସତ୍ତ୍ୱେ ଅନେକ ଶବ ଚିହ୍ନଟ ହୋଇପାରିଲା ନାହିଁ । ପରିଚୟ ହୀନ ଭାବେ ସେମାନଙ୍କ ଶବକୁ ଏକାଠି କରି ପ୍ରଶାସନ ତରଫରୁ ଅବା ସ୍ୱେଚ୍ଛାସେବୀଙ୍କ ଦ୍ୱାରା କିଛି କିଛି ପୋଡ଼ି ଦିଆଗଲା । ଆଉ ଏମିତି ହୋଇଥିଲା ଯେ, ନିର୍ଦ୍ଦିଷ୍ଟ ପରିଚୟ ନ ମିଳିବାରୁ କାହା ଶବ ଆଉ କାହାକୁ



ହସ୍ତାନ୍ତର କରିଦିଅ ଯାଇଥିଲା।

କିଏ ପିତୃ ମାତୃହରା ହୋଇ ତ କିଏ କୋଳ ଶୂନ୍ୟ ଆଶଙ୍କାରେ !! କିଏ ସ୍ୱାମୀ ଶଙ୍ଖା ସିନ୍ଦୂର ହରେଇ ତ କିଏ ସ୍ତ୍ରୀକୁ ହରେଇ କାଖରେ କ୍ଷୀର ନ ଛାଡ଼ିଥିବା ଛୁଆକୁ କୋଳେଇ କେତେ ବିକଳରେ କିଏ ନିଜ ସମ୍ପର୍କୀୟାଙ୍କୁ ନ ଖୋଜୁଥିଲେ ଆହା !!

ରେଳ ଧାରଣା କଡ଼ରେ ଦେଖିବାକୁ ମିଳିଲା ଏମିତି ଅନେକ ବୀଭତ୍ସ ରୂପ । କାହାର ହୃଦପିଣ୍ଡ ଦିଶୁଥିଲା ତ କାହାର ଅନ୍ତପୂଜୁଳା ହିଁ ବାହାରି ଆସିଥିଲା । କାହାର ଆଖି ନାହିଁ ତ କାହାର ଆଖି ଡିମା ଡ଼ିମା ହେଇ ପଦାକୁ ବାହାରି ଆସିଛି। କାହାର ମୁଣ୍ଡ ଛତୁ ହେଇଯାଇଛି ତ କାହାର ବେକରୁ ମୁଣ୍ଡ ହିଁ ଅଲଗା ହୋଇ ଯାଇଛି । ନିଜର ଯାବତ ଅସହ୍ୟ ଯନ୍ତ୍ରଣା ସେତେବେଳେ ନିଜକୁ ଭାରି ବଢ଼ୁଥିବା ସତ୍ତ୍ୱେ ଆଖି ସାମ୍ନାରେ ମୋ ସହଯାତ୍ରୀ ଜେନେରାଲ ବଗିର ବନ୍ଧୁ ମାନଙ୍କର ଏ ମର୍ମନ୍ତୁଦ ଅବସ୍ଥା ମୋତେ ଆହୁରି ଭିତରୁ ଭାଙ୍ଗି ଦେଉଥିଲା ସେତେବଲକୁ । ମୁଁ ବଞ୍ଚିବାର ଆଶା ନିଜ ଭିତରେ ଟିକିଏ ବି ବାନ୍ଧି ପାରୁନଥିଲି । ମୋର ଯେ କଣ ଅଛି କଣ ନାହିଁ ମୁଁ ନିଜେ ବି କିଛି ଜାଣି ପାରୁନଥିଲି । ଏତିକି ଜାଣି ପାରୁଥିଲି ଯେ ଚେତା ବୁଡ଼ିବା ଆଉ ପୁଣି ଫେରିବା ଭିତରେ ମୋ ଆଖିରୁ ଓ ନାକରୁ ରକ୍ତ ସ୍ରାବ ସେମିତି ଚାଲିଥାଏ । ଯାହା ମୋ ଶୁଖି ଯାଉଥିବା ଓଠକୁ ସାମାନ୍ୟ ଆଦ୍ର କରିପକାଉଥାଏ। ଶୁଖି ଯାଉଥିବା ତଣ୍ଟି ପାଣି ପାଣି ବୋଲି ଆତ୍ମ ଚିତ୍କାର କରୁଥିଲା ବେଳେ ମୁଁ ଏକ ପ୍ରକାର ସ୍ଥାଣୁ ପରି ନିରୁପାୟ ପ୍ରାୟ ପାଟି ଖୋଲି କିଛି କହିପାରୁନଥାଏ । ମୋ ମୁଣ୍ଡର ଝିଲିପି ବାଳରେ କେତେ ଯେ ପକ୍ଷୀ ଆସି ବସୁଥାନ୍ତି ଆଉ କିଚିରି ମିଚିର ହୋଇ ଝାଡା ଫେରି ପୁଣି ଉଡ଼ି ଯାଉଥାନ୍ତି କହିବାର ନାହିଁ। ଜନ୍ଦା ପିମ୍ପୁଡ଼ିଙ୍କର ଧାର ଛୁଟିଥାଏ ମୋ ଶୁଖିଲା ରକ୍ତକୁ ଆଉ କ୍ଷତକୁ । ମୁଁ ସବୁ ଦେଖୁଥାଏ ନିର୍ବାକ ଭାବରେ । କିନ୍ତୁ ଯାବତ ଯନ୍ତ୍ରଣାରେ ବି ଚୁ ଚା ହେବାକୁ କ୍ଷମତା କ୍ଷମତା ନ ଥାଏ ମୋ ପାଖରେ ।

ଅନ୍ତତଃ ଶେଷରେ ମୁଁ ଉଦ୍ଧାର ହେଲି ଗୋଟେ ପ୍ରଶିକ୍ଷଣ କୁକୁର ହାତରେ । ସେଥିରେ ମୋର ଦୁଃଖ ନାହିଁ, ନାହିଁ ମଧ୍ୟ ଅନୁସୋଚନା । କାରଣ କୁକୁର ପଶୁଟିଏ ହେଲେ ମଧ୍ୟ ସେ ନିଜ ସ୍ୱାର୍ଥ କେବେ ଖୋଜି ନ ଥାଏ । ଅବଶ୍ୟ କେଇଟା ସମୟ ପାଇଁ ମୁଁ ସେଇ ଖଜୁରୀ ଗଛର ସନ୍ଧିରୁ ମୁକ୍ତ ହୋଇ କୃତ୍ରିମ ଅମ୍ଳଜାନରେ ନିଃଶ୍ୱାସ ପ୍ରଶ୍ୱାସ ନେଇ ଜୀବିତ ରହିଥିଲି । ହେଲେ ସେତେବେଳକୁ ବହୁତ୍ ବିଳମ୍ବ ହୋଇଯାଇଥିଲା ତେଣୁ ମୋ ପ୍ରାଣବାୟୁ ଉଡ଼ିଗଲା । ତା'ପରେ ମୁଁ କିଛିଦିନ ସେଇ ପାଖ ସ୍କୁଲର ଅସ୍ଥାଇ ଶବାଗାରରେ ପଡ଼ି ରହିଲି ସହ ସହ ନିରୁଦ୍ଦିଷ୍ଟଙ୍କ ଗହଣରେ । ମୋ ଜ୍ଞାତି - କୁଟୁମ୍ବ, ସ୍ତ୍ରୀ, ପିଲା ଛୁଆ ସବୁ ଆସିଥିଲେ ମୋତେ ଖୋଜିବା ପାଇଁ ହେଲେ ମୋତେ ଚିହ୍ନିନପାରି ସେମାନେ ଫେରିଗଲେ। ମୁଁ ତ ମୃତ !! ତଥାପି ହାତ ଠାରି ମନେମନେ ସେମାନଙ୍କୁ ଡାକିଲି । ଖୋଲା ହୋଇ ରହିଥିବା ଆଖିରେ ସେମାନଙ୍କୁ ଭଲକି ଦେଖେଇ ବି ହେଲି ମୁଁ ନିଜକୁ । ମୋ ଶରୀର ଆଉ ମୁହଁର ନବେ ଭାଗ ନଷ୍ଟ ହୋଇଯାଇଥିବା ଏ କଦର୍ଯ୍ୟ ଚେହେରାକୁ ଦେଖି ସେମାନଙ୍କ ଭିତରୁ କେହି ଜଣେ ହେଲେ ବି ମୋତେ ଚିହ୍ନି ପାରିଲେ ନାହିଁ। ସେମାନେ ସେଠୁ ଗଲା ପରେ ପରେ ମୁଁ ନିଜକୁ ପରିଚୟ ହୀନ ଅନାଥ ଭାବେ ଘୋଷଣା କରିନେଲି ।

ଦିନେ ଅଚାନକ ଦୁଇଜଣ ମାଆ , ପୁଅ ମୋତେ ଦେଖି ତାଙ୍କ ସମ୍ପର୍କୀୟ ବୋଲି ସହଜରେ ଚିହ୍ନଟ କରି ମୋତେ ନେଇଗଲେ ତାଙ୍କ ସାଥେ ସାଥେ । ମୁଁ ବି ମୋର ଅର୍ଦ୍ଧଦଗ୍ଧ ମୋଡା ମକଚା ମାଂସପିଣ୍ଡୁଳା ଅସ୍ଥି ମଜ୍ଜାକୁ ଓ ନିଜ ଗୁମନାମ ପରିଚୟକୁ ଛାତିରେ ଲୁଚେଇ ଚାଲିଲି ସେମାନଙ୍କ ସାଙ୍ଗରେ ବଡ ଥାଟ୍‌ରେ। ମୋ ଆତ୍ମା କିନ୍ତୁ ଘୁରି ଘୁରି ରହିଗଲା ଏହି ରେଳ ଧାରଣାର କଡ଼ରେ। ବୁଲୁଥିଲି ଅଶରୀରି ହୋଇ ସେଇ ସ୍କୁଲଘରେ, ସେଇ ଖଜୁରୀ ଗଛରେ । କେବେ ପୁଣି ଯଦି ସତରେ ସୁଯୋଗ ଆସିବ ! ! ଆସିବ କଣ ଯେ ? ଅପେକ୍ଷା ତ ସେଇ କରମଣ୍ଡଳକୁ। ମୋତେ ଯୋଉଠୁଁ ଦାୟିତ୍ୱରେ ସେ ଆଣିଥିଲା ପୁଣି ସେଇଠି ନେଇ ଛାଡ଼ିବା ଦାୟିତ୍ୱ ବି ତାର ନା !! ସେଠୁଁ ତାପରେ ଚାଲିଯିବି ମୋ ଗାଁ ଭିଟାମାଟିକୁ । ମୋର ସେ ଏନ୍ତୁଡି ଜାଗାକୁ । ଯୋଉଠି ଅତର୍କିତ ଭାବରେ ବିନା ଏତଲାରେ ଛାଡି ଆସିଥିଲି ମୋର ଅତି ଆପଣାର ବାପା, ମାଆ, ଭାଇ, ବନ୍ଧୁ, ମୋ ପିଲା ଛୁଆଙ୍କୁ । ଯେଉଁମାନେ କାନ୍ଦି କାନ୍ଦି ସେଇଦିନଠୁଁ ଭୁଲି ଯାଇଛନ୍ତି ଭୋକ, ଶୋଷ ପୁଣି ନିଦ । ଦେଖିଆସିବି .... ମୋ ଫେରିଲା ବାଟକୁ ଚାହିଁ ମୋତେ ଝୁରି ଝୁରି କଳାକାଠ ପଡ଼ିଯାଇଥିବା ମୋର ଅତି ଗେହ୍ଲେଇ ଫୁଲେଇ ଏକମାତ୍ର ସ୍ତ୍ରୀ, ମୋ ରଙ୍ଗବତୀକୁ ।

❤ ଜଗତସିଂହପୁର
ମୋ: ୯୩୩୭୯୬୦୦୬୦

## ସାମାଜିକ ସୁରକ୍ଷାରୁ ବଂଚିତ ବୃଧୁନି ସିଂ

ଉଦଳା , ୮/୮ (ନି.ପ୍ର): ଯେ ହେଉଛି ଉଦଳା ବ୍ଲକର ଭୀମତାଳି ପଂଚାୟତ ଅନ୍ତର୍ଗତ ଅଠଣଗାଁ ଗ୍ରାମର ଦୃଶ୍ୟ । ଏହି ଗ୍ରାମରେ ବସବାସ କରୁଥିବା ବକା ସିଂଙ୍କର ସହଧର୍ମିଣୀ ବୃଧୁନି ସିଂ ସାମାଜିକ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ଭତା ପାଇବାରୁ ବଂଚିତ ଥିବାର ଜଣାଇଛନ୍ତି । ଆଧାର କାର୍ଡ଼ରେ ଉଲ୍ଲେଖଥିବା ଜନ୍ମ ତାରିଖ ଅନୁସାରେ ବୃଧୁନି ସିଂଙ୍କୁ ଚଳିତ ବର୍ଷ ୬୫ ବର୍ଷ ଛୁଇଁଲା । ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ବୃଧୁନିଙ୍କର ଦେହ ବାରମ୍ବାର ଅସୁସ୍ଥ ହେବାରୁ ସେ ଆଗଭଳି କାମ କରିପାରୁନଥିବାର କହିଛନ୍ତି । ଏଥିପାଇଁ ସେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର ଜଣାଇଛନ୍ତି । ଭତା ପାଇବା ପାଇଁ ସେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟ ବାରମ୍ବାର ଗୁହାରି ଜଣାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବାର ଅଭିଯୋଗ କରିଛନ୍ତି । ବିଭାଗୀୟ କର୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ବହୁ ସ୍ୱେଚ୍ଛାସେବି ଅନୁରୋଧ ଜଣାଇଛନ୍ତି ।

# ସବୁଜ ଓ ସୁନ୍ଦର ସହର କରିବା ସଂକଳ୍ପ ନେଇ ନୟାପଲ୍ଲୀରେ ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ



ଭୁବନେଶ୍ୱର, ୦୮/୮ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ ଅଧୀନ ନୟାପଲ୍ଲୀ ଅଞ୍ଚଳର ୱାର୍ଡ ନମ୍ବର ୩୮ରେ କର୍ପୋରେଟର ଶ୍ରୀମତୀ ପଦ୍ମଜା ପ୍ରିୟଦର୍ଶିନୀ ଜେନା ଏବଂ ଯୁବ ସମାଜସେବୀ ସମରେନ୍ଦ୍ର କୁମାର ଜେନାଙ୍କ ଦ୍ୱାରା ଦେବ ରାୟ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଏକ ମେଗା ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା ଯୋଗଦେଇଥିଲେ । କର୍ପୋରେଟର ଶ୍ରୀମତୀ ପଦ୍ମଜା ପ୍ରିୟଦର୍ଶିନୀ ଜେନା ଏବଂ ସମସ୍ତଙ୍କର ଅତିପ୍ରିୟ ଯୁବ ସମାଜସେବୀ ସମରେନ୍ଦ୍ର କୁମାର ଜେନାଙ୍କ ସମେତ ନୟାପଲ୍ଲୀ ଗ୍ରାମ୍ୟ କମିଟିର ଉପସଭାପତି ଯୋଗେନ୍ଦ୍ର ହରିଚନ୍ଦନ, ସମ୍ପାଦକ ଶ୍ରୀଯୁକ୍ତ ନଟବର ସାମନ୍ତରାୟ, ମହେନ୍ଦ୍ର ବଳବନ୍ତରାୟ, ପୂର୍ବତନ କର୍ପୋରେଟର ନବକିଶୋର ବେହେରା, ବ୍ରିଟ କଲୋନୀ ସମ୍ପାଦକ ଶ୍ରୀଯୁକ୍ତ ସତ୍ୟ ସାହୁ, ଡଃ ଗଗନ ବିହାରୀ ରାଉତ, ପବିତ୍ର ମୋହନ ରାଉତରାୟ, ରଶ୍ମି ବେହେରା, ସାଗର ବଳବନ୍ତରାୟ, ଅନାଦି ସାହୁ ଆଦି ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ମାନ୍ୟବର ବିଧାୟକ ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଯୋଗଦେଇ ସମସ୍ତଙ୍କୁ ଉତ୍ସାହିତ କରିବା ସହିତ ଏହି ମେଗା ବୃକ୍ଷ ରୋପଣ କାର୍ଯ୍ୟକ୍ରମ ପ୍ରତ୍ୟେକ ମାସରେ ନିୟମିତ ଭାବରେ ହେବ ବୋଲି ଜଣାଇଥିଲେ । ଆମ ପରିବେଶକୁ ସବୁଜ ଓ ସୁନ୍ଦର କରିବାର ସଂକଳ୍ପ ନେଇ ସ୍ଥାନୀୟ କର୍ପୋରେଟର ଶ୍ରୀମତୀ ପଦ୍ମଜା ପ୍ରିୟଦର୍ଶିନୀ ଏବଂ ସମାଜସେବୀ ସମରେନ୍ଦ୍ର କୁମାର ଜେନା ଏହି 'ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ' ଆୟୋଜନ କରିଥିବାରୁ ତାଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ଦେବ ରାୟ ମହାବିଦ୍ୟାଳୟର ଅଧ୍ୟକ୍ଷା ଶ୍ରୀମତୀ ପ୍ରଭା ମଞ୍ଜରୀ ପଟ୍ଟନାୟକଙ୍କ ସହିତ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, ସହକର୍ମୀ ଓ ଶହ ଶହ ଛାତ୍ରଛାତ୍ରୀ ଯୋଗଦେଇ ବୃକ୍ଷ ରୋପଣ କରିଥିଲେ । ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ଅନେକ ମହିଳା ମଧ୍ୟ ଏହି କାର୍ଯ୍ୟକ୍ରମରେ ଉତ୍ସାହର ସହିତ ଯୋଗ ଦେଇଥିଲେ । କର୍ପୋରେଟର ଶ୍ରୀମତୀ ଜେନା ଏବଂ ସମାଜସେବୀ ସମରେନ୍ଦ୍ର ଜେନାଙ୍କ ଏଭଳି ମହତ ଉଦ୍ଦେଶ୍ୟ ପାଇଁ ୱାର୍ଡ ବାସିନ୍ଦା ଅନେକ ପ୍ରଶଂସା କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ସୀମା ପୁନଃନିର୍ଦ୍ଧାରଣକୁ ନେଇ...

କହିଛନ୍ତି ଯେ ତାମିଲନାଡୁର ସଂସଦୀୟ ପ୍ରତିନିଧିତ୍ୱ କୌଣସି ପରିସ୍ଥିତିରେ କମିବା ଉଚିତ୍ ନୁହେଁ । ଜନସଂଖ୍ୟା କିମ୍ବା ଅନ୍ୟ କୌଣସି ଆଧାରରେ ରାଜ୍ୟର ଲୋକସଭା ଆସନ କମାଇବା ପଦକ୍ଷେପକୁ କଂଗ୍ରେସ ବିରୋଧ କରିବ ବୋଲି ସେ କହିଛନ୍ତି । ତାଙ୍କ ଅନୁସାରେ, ଲୋକସଭାର ମୋଟ ୫୪୩ଟି ଆସନର ବର୍ତ୍ତମାନର ସଂଖ୍ୟା ବଜାୟ ରହିବା ଉଚିତ୍ । ଏହା ସହ ତାମିଲନାଡୁର ୩୯ଟି ଲୋକସଭା ଆସନ ମଧ୍ୟ ପୂର୍ବପରି ରହିବା ଦରକାର । ଚିଦମ୍ବରମ କହିଛନ୍ତି ଯେ ସଂସଦରେ ତାମିଲନାଡୁର ପ୍ରତିନିଧିତ୍ୱ କମିଲେ ରାଜ୍ୟର ଅଧିକାର ଦୁର୍ବଳ ହୋଇପାରେ । ତେଣୁ ସୀମା ପୁନଃନିର୍ଦ୍ଧାରଣ ପ୍ରକ୍ରିୟାରେ ରାଜ୍ୟର ହିତ ଓ ପ୍ରତିନିଧିତ୍ୱ ସୁରକ୍ଷିତ ରଖିବା ହିଁ ଦଳର ପ୍ରମୁଖ ଦାବି ବୋଲି ସେ ସ୍ପଷ୍ଟ କରିଛନ୍ତି ।

### ରେଭେନ୍ସା ପ୍ରାଧ୍ୟାପକ...

ସିଧାସଳଖ କହିଛନ୍ତି- 'ସୀମା ଭିତରେ ରୁହନ୍ତୁ ବିଧାୟକ' । ଆଭ୍ୟନ୍ତରୀଣ ସମସ୍ୟାର ସମାଧାନ ପାଇଁ ରେଭେନ୍ସା ବିଶ୍ୱବିଦ୍ୟାଳୟର ନିଜସ୍ୱ କମିଟି ରହିଛି । ଅନ୍ୟପକ୍ଷରେ କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ କହିଛନ୍ତି, ଏବେ ଭୁଲ କାହାର ତାହା ଖୋଜିବାର ବେଳ ନୁହେଁ । ବିବାଦର ସମାଧାନ ଖୁବ୍ ଶୀଘ୍ର ହେବାକୁ ଯାଉଛି । ବାହାରେ ରାଜନୀତି ତେଜୁଥିବା ବେଳେ, କ୍ୟାମ୍ପସ୍ ଭିତରେ ବି ଅଶାନ୍ତି ବଢ଼ିଛି । ଆଜି କୁଳପତିଙ୍କ କାର୍ଯ୍ୟାଳୟ ସାମ୍ନାରେ ଏକାଠି ହୋଇଥିଲେ ରେଭେନ୍ସା ବିକାଶ ଅଭିଯାନର ସଦସ୍ୟ । ବିଧାୟକଙ୍କ ବିରୋଧରେ କୁଳପତି ଆଇନଗତ ପଦକ୍ଷେପ ନେବାକୁ ସେମାନେ ପ୍ରସ୍ତାବ ରଖିଛନ୍ତି ।

### ପୁଣି ଲଘୁଚାପ, ପୁଣି ...

ଅଞ୍ଚଳରେ କୃତ୍ରିମ ବନ୍ୟାର ଦୁଃଖ ଆଣିଛି । ଏପଟେ ଏକର ଏକର ଜମିରେ ପୁଣି ବନ୍ୟା ଜଳ ଛିଡ଼ାହେବା ପରେ ଭାଙ୍ଗି ଯାଇଛି ଚାଷୀଙ୍କ ମେରୁଦଣ୍ଡ । ଏ ଦୃଶ୍ୟ କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକର ବିଛିନ୍ନାଞ୍ଚଳ କୁହାଯାଉଥିବା ସିଂହଗାଁ ପଂଚାୟତର । ଗୋଟିଏ ପଟେ ବ୍ରାହ୍ମଣୀ ନଦୀର ପାଣି ଓ ଅନ୍ୟପଟେ ଏହାର ଶାଖା କାଣୀ ନଦୀର ଫେରନ୍ତା ପାଣି ମାଡି ଯିବାରୁ ଜଳବନ୍ଦୀ ଅବସ୍ଥାରେ ଶହ ଶହ ପରିବାର । ଏପଟେ ରାଜ୍ୟରେ ପୁଣି ଦ୍ୱିତୀୟ ଥର ପାଇଁ କିଛି ଅଞ୍ଚଳରେ ଆସନ୍ନ ବନ୍ୟା ସ୍ଥିତିକୁ ନେଇ ରାଜସ୍ୱ ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟ ତମାମ ଅଳ୍ପ ଅଳ୍ପ ବର୍ଷା ପରେ ଏବେ ପରିସ୍ଥିତି ନିୟନ୍ତ୍ରଣରେ ରହିଛି । ବାଲେଶ୍ୱର, ଭଦ୍ରକ ଓ ଯାଜପୁରରେ ବନ୍ୟା ପାଣି ସଂପୂର୍ଣ୍ଣ ନିଷ୍କାସନ ହୋଇନଥିଲା । ତେଣୁ ବର୍ଷା ପରେ ସମସ୍ୟା ବଢି ଯାଇଛି । ମନ୍ତ୍ରୀ କହିଛନ୍ତି ଏବେ କେବଳ ଜଳକା, ରଷିକୂଲ୍ୟ ଓ ବଂଶଧାରାରେ ଜଳପତନ ବଢିଛି । କୌଣସି ଆସନ୍ନ ପରିସ୍ଥିତି ପାଇଁ ଓଡ୍ରାଫ, ଏନଡ଼ିଆରଏଫ, ଓ ଅଗ୍ନିଶମ ପ୍ରସ୍ତୁତ ଅଛନ୍ତି ।

### ଆମେରିକାର ଶହେ ପ୍ରତିଶତ ...


ପାସ୍ ହୋଇଥିଲେ ମଧ୍ୟ ଏହା ତୁରନ୍ତ ଭାରତ ଉପରେ ୧୦୦% ଟାରିଫ୍ ଲାଗୁ ହୋଇଗଲା ବୋଲି ଅର୍ଥ ନୁହେଁ । ବିଲ୍‌ଟି ଆଗକୁ ଆମେରିକାର ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ସର ପ୍ରକ୍ରିୟା ଦେଇ ଯିବାକୁ ପଡ଼ିବ । ଆଇନ୍ ହେବା ପରେ ମଧ୍ୟ ଟାରିଫ୍ ଲାଗୁ କରିବାର ନିଷ୍ପତ୍ତି ରାଷ୍ଟ୍ରପତିଙ୍କ ହାତରେ ରହିବ । ତେଣୁ ଏହି ବିଲ୍ ଆଗାମୀ ଦିନରେ ଭାରତ-ଆମେରିକା ବାଣିଜ୍ୟିକ ସମ୍ପର୍କ, ରୁଷଠାରୁ ଭାରତର ତେଲ ଆମଦାନୀ ଏବଂ ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ଉପରେ କେତେ ପ୍ରଭାବ ପକାଇବ, ତାହା ଉପରେ ଏବେ ସମସ୍ତଙ୍କ ନଜର ।

# ପରିବେଶବିତ୍ ଦେବେନ୍ଦ୍ର ଆଚାର୍ଯ୍ୟଙ୍କ ଦ୍ୱାରା ବନ୍ୟଜନ୍ତୁ ଶିକାର ରୋକିବା ଅଭିଯାନ




ବେତନଟୀ , ୮/୮ (ନି.ପ୍ର): ଶନିବାର ଦିନ ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ୍ ଆୟଗଡ଼ିଆ ପଞ୍ଚାୟତ ଅଧିନ ଭଗବାନପୁର ଗ୍ରାମର ଯୁବ ପରିବେଶବିତ୍ ପ୍ରକୃତି ବନ୍ଧୁ ଦେବେନ୍ଦ୍ର ଆଚାର୍ଯ୍ୟଙ୍କ ଦ୍ୱାରା ଆୟଗଡ଼ିଆ ପଞ୍ଚାୟତର ଚୁରମାରା ଗ୍ରାମରେ ବୁଦ୍ଧିଜିବୀ ମାନଙ୍କୁ ନେଇ ଅବୈଧ ବନ୍ୟଜନ୍ତୁ ଶିକାର ରୋକିବା ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଏଠାରେ ଶ୍ରୀଆଚାର୍ଯ୍ୟ ସଭାପତିତ୍ୱ ଅତିଥି ଭାବରେ ନୀଳମଣି ମହାବିଦ୍ୟାଳୟର ଅଧ୍ୟାପକ ଗୌରାଙ୍ଗ ପଣ୍ଡା , ବରିଷ୍ଠ ଜ୍ୟୋତିର୍ବିଦ ଗୋପୀନାଥ ଆଚାର୍ଯ୍ୟ, ପୂର୍ବତନ ପ୍ରଧାନ ଶିକ୍ଷକ ଅନନ୍ତ ସାହୁ , ପୂର୍ବତନ ପିଇଟି ଶିକ୍ଷକ ଜିତେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦାନ କରି ବନ୍ୟଜନ୍ତୁ ଶିକାର ଓ ବେଆଇନ ବନ୍ୟଜନ୍ତୁ ବ୍ୟବସାୟକୁ ରୋକିବା ସହ ପ୍ରକୃତି ଓ ଜୈବ ବିବିଧତାର ସୁରକ୍ଷା ପାଇଁ ଏକ ବ୍ୟାପକ ସଚେତନତା ଅଭିଯାନ ଆରମ୍ଭ କରାଯାଇଛି । ଅଭିଯାନ ମାଧ୍ୟମରେ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମ, ଶିକ୍ଷାନୁଷ୍ଠାନ ଓ ସାଧାରଣ ଲୋକଙ୍କ ମଧ୍ୟରେ ବନ୍ୟଜନ୍ତୁ ସୁରକ୍ଷାର ଗୁରୁତ୍ୱ ନେଇ ସଚେତନତା ସୃଷ୍ଟି କରାଯାଉଛି । ଅଭିଯାନରେ ବନ୍ୟଜନ୍ତୁ ଶିକାର, ଫାଶ ଲଗାଇବା, ବେଆଇନ ଭାବେ ବନ୍ୟଜନ୍ତୁଙ୍କ ଅଙ୍ଗପ୍ରତ୍ୟଙ୍ଗ କିଣାବିକା ଏବଂ ବନ୍ୟଜନ୍ତୁ ମାଂସ ବ୍ୟବସାୟ ଭଳି ଅପରାଧର କୁପରିଣାମ ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଉଛି । ସେହିପରି, କୌଣସି ବନ୍ୟଜନ୍ତୁ ଶିକାର କିମ୍ବା ବେଆଇନ କାର୍ଯ୍ୟକଳାପ ସମ୍ପର୍କରେ ସୂଚନା ମିଳିଲେ ତୁରନ୍ତ ସମ୍ପୃକ୍ତ ବନ ବିଭାଗ କିମ୍ବା ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ ଜଣାଇବା ପାଇଁ ଜନସାଧାରଣଙ୍କୁ ଆହ୍ୱାନ କରାଯାଉଛି । ବିଶେଷଜ୍ଞମାନଙ୍କ ମତରେ, କେବଳ ବନ ବିଭାଗର ପଦକ୍ଷେପ ଯଥେଷ୍ଟ ନୁହେଁ; ବନ ସୀମାବର୍ତ୍ତୀ ଅଞ୍ଚଳର ଲୋକମାନେ ଓ ଯୁବ ସମାଜ ସଚେତନ ହେଲେ ଶିକାର ରୋକିବାରେ ଅଧିକ ସଫଳତା ମିଳିପାରିବ । ଦେଶର ବିଭିନ୍ନ ସ୍ଥାନରେ ଆଧୁନିକ ନିରୀକ୍ଷଣ ବ୍ୟବସ୍ଥା ସହ ସ୍ଥାନୀୟ ସମୁଦାୟର ସହଭାଗିତାକୁ ମଧ୍ୟ ବନ୍ୟଜନ୍ତୁ ସୁରକ୍ଷାର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଭାବେ ଗ୍ରହଣ କରାଯାଉଛି । ଅଭିଯାନର ମୁଖ୍ୟ ବାର୍ତ୍ତା ହେଉଛି— "ଶିକାର ନୁହେଁ, ସୁରକ୍ଷା ହେଉ ଆମ ସଂକଳ୍ପ ।" ବନ୍ୟଜନ୍ତୁ କେବଳ ଜଙ୍ଗଲର ସମ୍ପଦ ନୁହେଁ, ସେମାନେ ପରିବେଶର ସନ୍ତୁଳନ ରକ୍ଷାର ଅବିଚ୍ଛେଦ୍ୟ ଅଂଶ । ତେଣୁ ଆଜି ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦେବା ଅର୍ଥ ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ ଓ ସବୁଜ ପୃଥିବୀକୁ ଗଢ଼ିବା ଉଦ୍ଦେଶ୍ୟ ନେଇ ଚୁରମରା ଅଞ୍ଚଳର ଗ୍ରାମବାସୀ ମାନଙ୍କୁ ସଚେତନ କରିଥିଲେ । ଶେଷରେ ଅର୍ଚ୍ଚନା ଆଚାର୍ଯ୍ୟ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ସ୍ୱର୍ଗତ ଘନଶ୍ୟାମ ବେଜଙ୍କ ୭ମ ଶ୍ରାଦ୍ଧ ବାର୍ଷିକୀ ପାଳିତ




ବାଲେଶ୍ୱର, ୮/୮ (ନି.ପ୍ର): ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ଘନଶ୍ୟାମ ବେଜଙ୍କ ୭ମ ଶ୍ରାଦ୍ଧବାର୍ଷିକୀ ଅବସରରେ ସହଦେବଖୁଣ୍ଟାସ୍ଥିତ ତାଙ୍କ ବାସଭବନରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମାଲ୍ୟାର୍ପଣ କରାଯାଇ ସ୍ୱର୍ଗତ ବେଜଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ତାଙ୍କ ସ୍ମୃତିଚାରଣ କରାଯାଇଥିଲା । ଏହା ସହିତ ମିଶନ କମ୍ପ୍ଲେକ୍ସରେ ଥିବା ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ଶୁଷ୍କ ଖାଦ୍ୟ ବଣ୍ଟନ କରାଯାଇଥିଲା । ସ୍ମୃତିସଭାରେ ଉପସ୍ଥିତ ଅତିଥି ଓ ସମାଜସେବୀମାନେ ସ୍ୱର୍ଗତ ଘନଶ୍ୟାମ ବେଜଙ୍କ ଜୀବନ ଓ ମୂଲ୍ୟବୋଧକୁ ସ୍ମରଣ କରିଥିଲେ । ପରିବାର ପକ୍ଷରୁ ତାଙ୍କ ସ୍ମୃତିକୁ ସେବା, ସହଯୋଗ ଓ ସାମାଜିକ ଦାୟିତ୍ୱ ସହିତ ଯୋଡ଼ିବାର ଏହି ପ୍ରୟାସକୁ ଉପସ୍ଥିତ ସମସ୍ତେ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ ଗୌରାଙ୍ଗ ପାଣିଗ୍ରାହୀ, କାର୍ତ୍ତିକ ଚନ୍ଦ୍ର ବାରିକ, ସରସ୍ୱତୀ ପଣ୍ଡା, ଆଇନଜୀବୀ ନିରଞ୍ଜନ ପରିଡ଼ା ଏବଂ କାଉନସିଲର୍ ଦେବାଶିଷ ସିଂହ ପ୍ରମୁଖ ବହୁ ସମାଜସେବୀ ଓ ଗଣ୍ୟମାନ୍ୟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସ୍ୱର୍ଗତ ବେଜଙ୍କ ପୁତ୍ର ପ୍ରଶାନ୍ତ କୁମାର ବେଜ ଓ ସୁଶାନ୍ତ କୁମାର ବେଜ ଏବଂ କନ୍ୟା ତୁଳସୀ ବେଜଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

# ୮୪ ତମ ଅଗଷ୍ଟ କ୍ରାନ୍ତି ସମାରୋହ ଅନୁଷ୍ଠିତ




ବାସୁଦେବପୁର, ୮/୮ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ କେର ସାହିଁବିଦେଇପୁର ଠାରେ ମାନସ ସ୍ମୃତି ପାଠାଗାର ପରିସରରେ ୮୪ ତମ ଅଗଷ୍ଟ କ୍ରାନ୍ତି ସମାରୋହ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ୍ ଦୁଃଶାସନ ରାଉତ ସଭାପତିତ୍ୱ କରିଥିଲେ । ଏହି ଉତ୍ସବରେ ସାବ ରଙ୍ଗ ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ବାଦଲ କିଶୋର ମହାପାତ୍ର, ସମାଜସେବୀ ଭାଗୀରଥି ସ୍ୱାଇଁ, କବି ଓ ସମାଜସେବୀ ଧନେଶ୍ୱର ରାଉତ, ମାନସ ସ୍ମୃତି ପାଠାଗାର ପ୍ରତିଷ୍ଠାତା ବୈଲୋଚନ ଜେନା,ଆଇନଜୀବୀ ସ୍ମୃତି ରଞ୍ଜନ ପଳିତା ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇ କ୍ରାନ୍ତି ଦିବସ, ଭାରତ ଛାଡ ଆନ୍ଦୋଳନରେ ମହାତ୍ମା ଗାନ୍ଧୀଙ୍କ ଭୂମିକା , ଭାରତୀୟ ମୁକ୍ତି ସଂଗ୍ରାମ, ଅରୁଣା ଆସଫ ଅଲି ଓ ଦେଶ ପ୍ରେମ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଉତ୍ସବରେ ଅନ୍ୟ ମାନଙ୍କ ମଧ୍ୟରେ କବି ଓ ଶିକ୍ଷକ ସଞ୍ଜୟ ଜେନା, ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ସମ୍ପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି, ସମାଜସେବୀ ବିଦ୍ୟାଧର ମୁଦୁଲି ,ସାମ୍ବାଦିକ ଉଦୟ ଜେନା, କାହ୍ନୁ ଚରଣ ବେହେରା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଶହୀଦ ତୀର୍ଥଯାତ୍ରୀ ସଂଘର ପ୍ରତିଷ୍ଠାତା ତଥା ବିଶିଷ୍ଟ ସାମ୍ୟବାଦୀ ନେତା ବୈଲୋଚନ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ପ୍ରଖ୍ୟାତ ନାରୀ ନେତ୍ରୀ ଓ ସାହିତ୍ୟିକା ବନଲତା ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସଂଗ୍ରାମ ବେହେରା ଓ ସଦସ୍ୟ ବନ୍ଧୁ ସହଯୋଗ କରିଥିଲେ ।

# ଖାଦ୍ୟ ନିରାପତ୍ତା ଓ ସ୍ୱଚ୍ଛତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ



ବାସୁଦେବପୁର, ୮/୮ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ କରଞ୍ଜିଆଡିଆ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଖାଦ୍ୟ ନିରାପତ୍ତା ଓ ସ୍ୱଚ୍ଛତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରିୟବ୍ରତ ବେହେରା ପାଚିକା ମାନଙ୍କୁ ବିଭିନ୍ନ ପ୍ରକାରର ପ୍ରଶିକ୍ଷଣ ଦେଇଥିଲେ । ପ୍ରଧାନମନ୍ତ୍ରୀ ପୋଷଣ ଯୋଜନା ଓ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ କାର୍ଯ୍ୟରତ ପାଚିକା ସହାୟିକାଙ୍କ ନିମନ୍ତେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇ ଥିଲା । ଏହି କାର୍ଯ୍ୟକ୍ରମରେ ରାଜଘର ପୋଖରୀ କ୍ଲଷ୍ଟର ସି ଆର ସି ସି ଗଙ୍ଗାଧର ବେରା , କରଞ୍ଜିଆଡିଆ ହାଇସ୍କୁଲ ପ୍ରଧାନ ଶିକ୍ଷକ ସୁଦାମ ବେହେରା ଓ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟତ୍ରୀ ଯୋଗ ଦେଇଥିଲେ । ସେହିପରି ଭାବେ ବିଦେଇପୁର ନରେନ୍ଦ୍ର ପ୍ରସାଦ ଉଚ୍ଚ ବିଦ୍ୟାଳୟ ପରିସରରେ ଖାଦ୍ୟ ନିରାପତ୍ତା ଓ ସ୍ୱଚ୍ଛତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯକ୍ରମକୁ ଉଦଘାଟନ କରିଥିଲେ ଏନ, ପି, ହାଇସ୍କୁଲର ପ୍ରଧାନ ଶିକ୍ଷକ କେଶବ ଚନ୍ଦ୍ର ମହାଳିକ । ଏହି କାର୍ଯ୍ୟକ୍ରମରେ ସି ଆର ସି ସି ଅଶୋକ କୁମାର ନାୟକ, ଶରତ କୁମାର ମିଶ୍ର ଯୋଗ ଦେଇଥିଲେ । ତିନୋଟି କ୍ଲଷ୍ଟର ବାଲି ମୁଣ୍ଡା, ବିଦେଇପୂର ଓ କୃଷ୍ଣପୁର ରୁ ସମୁଦାୟ ୧୦୨ ଜଣ ପାଚିକା ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ।

# ବନ୍ୟାଜଳର ପ୍ରଖର ସ୍ରୋତରେ ପୋଲକୁ ସଂଯୋଗ କରୁଥିବା ୱାଲ ଏବଂ ରାସ୍ତା ଧୋଇଯାଇ ଯାତାୟାତ ଠପ୍



ନୀଳଗିରି, ୮/୮ (ନି.ପ୍ର): ନୀଳଗିରି ବ୍ଲକ ସଜନାଗଡ ପଞ୍ଚାୟତର ତେଣ୍ଡାଗ୍ରାମରୁ ସିଆଳଘାଟି ଗ୍ରାମକୁ ସଂଯୋଗ କରୁଥିବା ଏକପୋଲର ୱାଲ ଏବଂ ରାସ୍ତା ଲଘୁଚାପବର୍ଷାରେ ସମ୍ପୂର୍ଣ୍ଣ ଧୋଇଯାଇଥିବା ଦେଖିବାକୁ ମିଳିଛି । ଫଳରେ ତେଣ୍ଡା ଗ୍ରାମରୁ ସିଆଳଘାଟି ଗ୍ରାମକୁ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି । ପୋଲକୁ ସଂଯୋଗ କରୁଥିବା ୱାଲ ଏବଂ ରାସ୍ତା ଗତ ୩ମାସ ତଳେ ନୀଳଗିରି ଆଇ.ଟି.ଡି.ଏ ପକ୍ଷରୁ ନିର୍ମାଣ କରାଯାଇଥିଲା । ସୂଚନା ଥାଉକି ସେଠାରେ ଏକ ପୁରୁଣା ପୋଲଟି ଭାଙ୍ଗି ଯାଇଥିବା ବେଳେ ଆଇ.ଟି.ଡି.ଏ ପକ୍ଷରୁ ଜୈନିକ ଠିକାଦାର ନୂତନପୋଲ ନିର୍ମାଣ କରୁଥିବା ବେଳେ ପୁରୁଣାପୋଲ ଠାରୁ ନୂତନପୋଲ ଅଣଓସାରିଆ କରି ନିର୍ମାଣ କରୁଥିବାବେଳେ ସ୍ଥାନୀୟ ଅଞ୍ଚଳବାସୀ ଅଣଓସାରିଆ ପୋଲରେ ପାହାଡପାଣି ପାରେଇ ପାରିବନି ବୋଲି ଅଭିଯୋଗ କରିଥିଲେ । ହେଲେ ଠିକାଦାର ଓ ଯନ୍ତ୍ରୀ ଏହି ଅଭିଯୋଗକୁ ନଶୁଣି ପୋଲ ନିର୍ମାଣ କରିଥିଲେ । ଫଳରେ ତିନିମାସ ଭିତରେ ୱାଲ ଏବଂ ରାସ୍ତା ଧୋଇଯିବା ଫଳରେ ଆଇ.ଟି.ଡି.ଏ ର ଏପରିକାର୍ଯ୍ୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟିହୋଇଛି । ୱାଲ ଏବଂ ରାସ୍ତା ଧୋଇଯାଇଥିବାରୁ ଦୁଇଟି ଗ୍ରାମର ଗ୍ରାମବାସୀ ଏବେ ବହୁ ଦୁର୍ଦ୍ଦଶାଭୋଗ କରୁଛନ୍ତି । ଏପରିକି ଏହି ରାସ୍ତାଦେଇ ସ୍କୁଲ, ସେବାଶ୍ରମ ଭଳି ଶିକ୍ଷାନୁଷ୍ଠାନ ରହିଥ ?ବା ଯୋଗୁଁ ପିଲାମାନେ ପାଠପଢ଼ାରେ ମଧ୍ୟ ହଇରାଣ ହରକତ ହେଉଛନ୍ତି । ଏହା ଜାଣିବାପରେ ନୀଳଗିରିର ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ ଶନିବାର ମଧ୍ୟାହ୍ନରେ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଥିଲେ । ପରେ ନୀଳଗିରି ଆଇ.ଟି.ଡି.ଏ ର ପି.ଏ ,ନୀଳଗିରି ଉପ-ଜିଲ୍ଲାପାଳ ଓ ବାଲେଶ୍ୱର ଜିଲ୍ଲାପାଳଙ୍କ ସହ ଆଲୋଚନାକରି ତୁରନ୍ତ ଯୁଦ୍ଧକାଳୀନ ଭିତ୍ତିରେ ମାଟି ପକାଯାଇ ଯାତାୟାତ ପାଇଁ ସୁବିଧା କରିବାକୁ ଆଲୋଚନା କରିଥିଲେ । ତେବେ ତତ୍କାଳ ଯିବା ଆସିବା କରିବାପାଇଁ ଅସ୍ଥାୟୀ ଭାବେ ବାଉଁଶପୋଲ ନିର୍ମାଣ କରିବାକୁ କିଛି ଅର୍ଥରାଶି ଗ୍ରାମବାସୀଙ୍କୁ ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ନାୟକ ପ୍ରଦାନ କରିଛନ୍ତି ।

# ମୋ ଭାରତ କେନ୍ଦ୍ର ଦ୍ୱାରା ଜିଲ୍ଲାସ୍ତରୀୟ ନିଶାମୁକ୍ତ ଅଭିଯାନ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ



ବାଲେଶ୍ୱର, ୮/୮ (ନି.ପ୍ର): ମୋ ଭାରତ ଯୁବ କେନ୍ଦ୍ର ଦ୍ୱାରା ଜିଲ୍ଲା ସ୍ତରୀୟ ନିଶା ମୁକ୍ତ ଅଭିଯାନ ପ୍ରତିଯୋଗିତା କାର୍ଯ୍ୟକ୍ରମ ଜିଲ୍ଲା ଯୁବ ଅଧିକାରୀ ଫୁଆଦ ମହମଦ ଙ୍କ ତତ୍ୱାବଧାନ ରେ ଅନୁଷ୍ଠିତ ହେଇ ଯାଇଛି, ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ମୁନସିପାଲିଟି ଚେୟାରମେନ ଶ୍ରୀମତୀ ସବିତା ସାହୁ ଯୋଗ ଦାନ କରି ଉଦବୋଧନ ଦେଇ ଥିବା ବେଳେ, ଅନ୍ୟ ତମ ଅଥିତି ଭାବେ ଚିନ୍ମୟ ମିଶନ ର ମୁଖ୍ୟ ସ୍ୱାମୀ ବ୍ରମହଚାରୀ ଅଗସ୍ତ୍ୟ ଚୈତନ୍ୟ ଯୋଗ ଦେଇ ଛାତ୍ର ଛାତ୍ରୀ କୁ ଉଦବଧନ ଦେବା ସହ ଆଧ୍ୟାତ୍ମିକ ମାର୍ଗ ର ପ୍ରେରନା ଦେଇ ଥିଲେ ଅନ୍ୟ ତମ ବକ୍ତା ଭାବେ ଫକୀର ମୋହନ କଲେଜ ଅଧକ୍ଷ ଡା :ଫିରଜ ପାଢ଼ୀ ଯୋଗ ଦାନ କରି ଛାତ୍ର ଛାତ୍ରୀ ନିଶା ମୁକ୍ତ ରୁ କିପରି ଦୂରେଇବେ ସେ ବିଷୟରେ ଆଲୋକପାତ କରିଥିଲେ ମୋ ଭାରତ ହିସାବ ରକ୍ଷକ ଅଧିକାରୀ ଅମୀରନ ରାଉତ ଯୋଗ ଦେବା ସହ ମୋ ଭାରତ କେନ୍ଦ୍ର ଯୁବ ସ୍ୱେଚ୍ଛାସେବୀ ଓ ପ୍ରୋଗ୍ରାମ କୋର୍ଡିନେଟର ବିକ୍ରମ ବାରିକ କାର୍ଯ୍ୟକ୍ରମ କୁ ସୁଚାରୁରୂପେ ତୁଲେଇ ଥିଲେ, ଏହି ନିଶା ମୁକ୍ତ ଅଭିଯାନ ରେ ଦଳଗତ ନୃତ୍ୟ, ଦଳଗତ ସଂଗୀତ, ଦଳଗତ ନୁକଡ ନାଟକ, ଚିତ୍ରାଙ୍କନ, କବିତା, ରିଲସ, ଭାଷଣ, ସ୍ଲୋଗାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଥିଲା, ଜିଲ୍ଲା ସ୍ତର ରେ ପ୍ରଥମ ସ୍ଥାନ ଅଧିକାର ରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ରାଜ୍ୟ ସ୍ତର ରେ ପ୍ରତି ଯୋଗିତା ରେ ଅଂଶ ଗ୍ରହଣ କରିବେ ବୋଲି ମୋ ଭାରତ ଯୁବ କେନ୍ଦ୍ର ତରଫରୁ ସୂଚନା ଦିଆ ଯାଇଛି,ମୋ ଭାରତ ସ୍ୱେଚ୍ଛାସେବୀ ଅଭିଜିତ ବେହେରା, ପ୍ରିୟଙ୍କା ଦାସ,ଜୟସ୍ମିତା ବେହେରା, ବିଭୁତି ଭୂଷଣ ତ୍ରିପାଠୀ,ଖକନ ବେରା, ଦୀପଶିଖା ଘଡେଇ, ଅର୍ପଣ କ୍ରିଷ୍ଣା ଦେ,ଭାଗ୍ୟଲକ୍ଷ୍ମୀ ଲାହା, ଶୁଭମ ସିଂ ସମୟଶ୍ରୀ ପାତ୍ର ଶୁଭ ଲକ୍ଷ୍ମୀ ପରିଡା, ଗାୟତ୍ରୀ ବାରିକ ପ୍ରମୁଖ ଯୋଗ ଦାନ କରିଥିଲେ ।

# ପ୍ରଶାସନ ଓ ସମାଜସେବାର ସଫଳ ମିଳନ: ଅଧିକାର ପାଇଲେ ୩ ଯୋଗ୍ୟ ହିତାଧିକାରୀ

ବାଲିଆପାଳ , ୮/୮ (ନି.ପ୍ର): ସରକାରୀ ଯୋଜନାରୁ ବଞ୍ଚିତ ଥିବା ଯୋଗ୍ୟ ହିତାଧିକାରୀଙ୍କୁ ସରକାରୀ ସୁବିଧା ଯୋଗାଇଦେବା ଦିଗରେ ବାଲିଆପାଳ ପ୍ରଶାସନ ଓ ସ୍ୱେଚ୍ଛାସେବୀଙ୍କ ମିଳିତ ପ୍ରୟାସରେ ତିନି ଜଣ ଯୋଗ୍ୟ ହିତାଧିକାରୀ ନିଜ ଅଧିକାର ପାଇଛନ୍ତି।ସାମାଜିକ ସଂଗଠନ 'ଆମ ଅଧିକାର ଫାଉଣ୍ଡେସନ' ପକ୍ଷରୁ ହୋଇଥିବା ଅଭିଯୋଗ ଓ ନିରନ୍ତର ପ୍ରୟାସ ପରେ ବାଲିଆପାଳ ବ୍ଲକ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଇଥିଲା। ଫଳସ୍ୱରୂପ ଯୋଗ୍ୟ ହିତାଧିକାରୀ ଭାବେ ଜଗତିପୁର ପଞ୍ଚାୟତ ଭିକାଗଡ଼ିଆ ଗ୍ରାମର ବାସନ୍ତୀ ପଢ଼ିଆରୀ ଙ୍କୁ ରାସନ କାର୍ଡ ପରେ ଭିନ୍ନକ୍ଷମ ପ୍ରମାଣପତ୍ର, ଭିନ୍ନକ୍ଷମ ଭତ୍ତା, ଓ ହ୍ୱିଲଚେୟାର ଭଳି ସରକାରୀ ସହାୟତା ମିଳିଛି। ଠିକ ସେହିପରି ବଣିଆଡିହା ପଞ୍ଚାୟତର ଜଳେଶ୍ୱରପୁର ଗ୍ରାମର ଭିନ୍ନକ୍ଷମ ମଣ୍ଟୁ ଦାସ ଙ୍କୁ ଏକ ହ୍ୱିଲ ଚେୟାର ଏବଂ ବାଲିକୁଟି ପଞ୍ଚାୟତ କେଶୁଡିହା ଗ୍ରାମର ସ୍ୱାମୀ ପରିତ୍ୟକ୍ତା ମହିଳା ସନ୍ଧ୍ୟା ସିଂ କୁ ରାସନ କାର୍ଡ ପ୍ରଦାନ କରାଯାଇଛି । ବାଲିଆପାଳ ବ୍ଲକର ବିଡିଓ ରାଧା ରଞ୍ଜନ ଦାସ, ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରସାଦ ମହାରଣା ଓ ଜିପିଡିଓ ପ୍ରିୟବ୍ରତ ଗିରି ପ୍ରମୁଖ ତୃଣମୂଳ ସ୍ତରକୁ ଆସି ହିତାଧିକାରୀଙ୍କୁ ନିଜେ ସହାୟତା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରଶାସନକୁ ଯୋଗାଣ ବିଭାଗର ଡିଇଓ ଗୌତମ ନାୟକ, ସାମାଜିକ ସଂଗଠନର ସଦସ୍ୟ ରାଜକିଶୋର ପାତ୍ର, ପ୍ରିୟନାଥ ମୁର୍ମୁ, ଅମର ପଟ୍ଟାୟତ, ଭବେଶ ମଣ୍ଡଳ ଓ ବିରଞ୍ଚି ନାରାୟଣ ପାତ୍ର ପ୍ରମୁଖ ସହଯୋଗ କରିଥିଲେ  ପ୍ରଶାସନ ଓ ସାମାଜିକ ସଂଗଠନର ସମନ୍ୱିତ ପ୍ରୟାସରେ ତିନି ହିତାଧିକାରୀଙ୍କ ମୁହଁରେ ହସ ଫୁଟିଥିବାରୁ ଏହାକୁ ଏକ ମାନବିକ ପଦକ୍ଷେପ ବୋଲି ସାଧାରଣରେ ପ୍ରଶଂସା କରାଯାଇଛି। ଯୋଗ୍ୟ ବ୍ୟକ୍ତିଙ୍କ ପାଖରେ ସରକାରୀ ଯୋଜନାର ସୁବିଧା ପହଞ୍ଚିବା ହିଁ ପ୍ରକୃତ ଜନସେବା ବୋଲି ଆମ ଅଧିକାର ଫାଉଣ୍ଡେସନ ପକ୍ଷରୁ କୁହାଯାଇଛି। ଏଥିପାଇଁ ବାଲିଆପାଳ ପ୍ରଶାସନ ଓ ସମସ୍ତ ସହଯୋଗୀଙ୍କୁ ସଂଗଠନ ପକ୍ଷରୁ ହୃଦୟରୁ କୃତଜ୍ଞତା ଜଣାଯାଇଛି।

# ରୂପ୍‌ସା ଝୋଟ କାରଖାନା ଖୋଲିଲା

ବସ୍ତା ୮/୮(ନିପ୍ର):ବାଲେଶ୍ୱର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ରୂପସା ସ୍ଥିତ ରୂପସା ଝୋଟ କାରଖାନା ଦୀର୍ଘ ଦିନ ବ୍ୟବଧାନ ପରେ ଖୋଲିଲା। ଗତ ମାର୍ଚ୍ଚ ପହିଲାରୁ ଏହି କାରଖାନାକୁ କର୍ତ୍ତୃପକ୍ଷ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ରଖିଥିଲେ। ୫ ମାସ ପରେ ଗତ ଜୁଲାଇ ୩୦ ରେ ଏକ ହୋଟେଲ ସମ୍ମିଳନୀ କକ୍ଷରେ କାରଖାନା କର୍ତ୍ତୃପକ୍ଷ ଓ ଝୋଟ କାରଖାନା ଶ୍ରମିକ ସଂଘ କର୍ମକର୍ତ୍ତା ମଧ୍ୟରେ କାରଖାନା ଖୋଲିବା ନେଇ ଆଲୋଚନା ହୋଇ ଥିଲା। ଉଭୟ ପକ୍ଷଙ୍କ ମଧ୍ୟରେ ଲିଖିତ ଚୁକ୍ତିନାମା ସ୍ୱାକ୍ଷରିତ ହୋଇ ଥିଲା। ଏହି ଅବସରରେ ଗତ ୪ ତାରିଖରେ କାରଖାନା ପରିସର




ରେ ଶ୍ରମିକ ସାଥୀଙ୍କର ଏକ ସାଧାରଣସଭା ଶ୍ରମିକ ସଂଘ ସଭାପତି ଶାନ୍ତନୁ କୁମାର ଦାସଙ୍କ ଉପସ୍ଥିତରେ ଅନୁଷ୍ଠିତ ହୋଇ ଶନିବାର ଖୋଲିବ ବୋଲି ଜଣାପଡି ଥିଲା। ପୂର୍ବତନ ସଂଘ ସାଧାରଣ ସମ୍ପାଦକ ଦୀପକ କୁମାର ପଣ୍ଡା ସ୍ୱାକ୍ଷରିତ ଚୁକ୍ତିନାମା ପାଠ କରିଥିଲେ। ଶେଷରେ ସଂଘ ଉପସଭା ପତି ରଘୁନାଥ ସାହୁ ଧନ୍ୟବାଦ ଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ ଏହି କାରଖାନାରେ ଉଭୟ ବାଲେଶ୍ୱର ଓ ମୟୁରଭଞ୍ଜ ଜିଲା ସମେତ ବିଭିନ୍ନ ଅଞ୍ଚଳର ୭ ଶହରୁ ଉର୍ଦ୍ଧ ଶ୍ରମିକ କାର୍ଯ୍ୟ କରି ଆସୁଛନ୍ତି। କାରଖାନା ଖୋଲିବା ଯୋଗୁଁ ଶ୍ରମିକ ମହଲରେ ଆନନ୍ଦ ପ୍ରକାଶ ପାଇଛି।

# ଜିଲ୍ଲା ଦଳିତ ମହାସଂଘ ପକ୍ଷରୁ ଭଦ୍ରକ ଏବଂ ଧାମନଗର ନିର୍ବାଚନ ମଣ୍ଡଳୀର ବନ୍ୟାବିପନ୍ନଙ୍କୁ ରିଲିଫ ସାମଗ୍ରୀ ବଣ୍ଟନ

ଭଦ୍ରକ, ୮/୮ (ନି.ପ୍ର): ଜିଲ୍ଲା ଦଳିତ ମହାସଂଘ ପକ୍ଷରୁ ଧାମନଗର ନିର୍ବାଚନ ମଣ୍ଡଳୀ ଫତେପୁର ପଂଚାୟତ ରେ ରାଧାନଗର ଦଳିତ ବସ୍ତିରେ ଥିବା ୫୦ପରିବାର ଏବଂ ଭଦ୍ରକ ନିର୍ବାଚନ ମଣ୍ଡଳୀ ଅର୍ଣ୍ଣପାଳ ପଂଚାୟତର ରାଜୁଆଳି ମଧୁବନ ସାହି, ରାଜମକୁନ୍ଦପୁର ଜେନା ସାହିର ୨୫ଟି ଦଳିତ ପରିବାରଙ୍କୁ ରିଲିଫ ବଣ୍ଟନ କରାଯାଇଛି । ଭଦ୍ରକ ଜିଲ୍ଲା ଦଳିତ ମହାସଂଘ ସଭାପତି ତଥା ରାଜ୍ୟ କଂଗ୍ରେସର ଦଳିତ ନେତା ରାଜେନ୍ଦ୍ର ପ୍ରସାଦ ଜେନାଙ୍କ ନେତୃତ୍ୱରେ ଜିଲ୍ଲା ଦଳିତ ମହାସଂଘର ଏକ ୧୫ଜଣିଆ ପ୍ରତିନିଧି ଦଳ ବନ୍ୟା ପ୍ରପୀଡ଼ିତ ରାଧାନଗର ଗ୍ରାମରେ ପହଞ୍ଚି ଘର ଘର ବୁଲି ଲୋକମାନଙ୍କୁ ଶୁଖିଲା ଖାଦ୍ୟ ପ୍ୟାକେଟ ବଣ୍ଟନ କରିଥିଲେ। ଏହି ରିଲିଫ ବଣ୍ଟନ କାର୍ଯ୍ୟକ୍ରମରେ ଧାମନଗର କଂଗ୍ରେସ ନେତା ଅଭିଷେକ ରାଉତଙ୍କ ସମେତ ବ୍ଲକର ଅନ୍ୟାନ୍ୟ ବରିଷ୍ଠ କଂଗ୍ରେସ ନେତୃ ମଣ୍ଡଳୀ ସହଯୋଗ କରିବା ସହ ଜିଲ୍ଲା ଦଳିତ ମହାସଂଘ ପକ୍ଷରୁ ଦିଆ ଯାଉଥିବା ରିଲିଫ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ବନ୍ୟା ଯୋଗୁଁ




ଧାମନଗର ବ୍ଲକରେ ହଜାର ହଜାର ଲୋକଙ୍କ ମାଟିକାନ୍ଥ ଘର ଭାଙ୍ଗି ମାଟିରେ ମିଶି ଯାଇଥିବା ବେଳେ ହଜାର ହଜାର ଲୋକଙ୍କୁ ଅଦ୍ୟାବଧି ଆବଶ୍ୟକ ଅନୁପାତରେ ସରକାର ରିଲିଫ ଯୋଗାଇ ଦେଇପାରିନାହିଁ ବୋଲି ରାଜ୍ୟ ଦଳିତ ନେତା ରାଜେନ୍ଦ୍ର ପ୍ରସାଦ ଜେନା ଅଭିଯୋଗ କରିଛନ୍ତି । ଅଦ୍ୟାବଧି ବନ୍ୟା ଘେରରେ ଥିବା ବନ୍ୟା ବିପନ୍ନଙ୍କ ପାଖରେ ନାଁ ଜିଲ୍ଲା ପ୍ରଶାସନ ପହଂଚିଛି ନାଁ ରାଜ୍ୟ ସରକାର ପହଁଚିଛି । ଏ ସରକାର ବନ୍ୟା ପରିସ୍ଥିତିକୁ ମୁକାବିଲା କରିବାରେ ସମ୍ପୂର୍ଣ ବିଫଳ ହୋଇଛି ବୋଲି ଦଳିତ ନେତା ରାଜେନ୍ଦ୍ର ପ୍ରସାଦ ଜେନା ଅଭିଯୋଗ କରିଛନ୍ତି । ଆୟୋଜିତ ଏହି ରିଲିଫ ବଣ୍ଟନ କାର୍ଯ୍ୟକ୍ରମରେ ରଞ୍ଜନ ଜେନା, ମନୋଜ ମଲ୍ଲିକ, ସୁଦୀପ୍ତା ପଟ୍ଟନାୟକ, ଇନ୍ଦୁମତୀ ମଲ୍ଲିକ, ରୀନା ରାଣୀ ଜେନା,,ରବୀନ୍ଦ୍ର ଜେନା ତପନ ଜେନା, ସଂଜୀବ ଜେନା ଏବଂ ଧାମନଗର କଂଗ୍ରେସ ନେତା ଅଭିଷେକ ରାଉତ,ବ୍ଲକ କଂଗ୍ରେସ ସଭାପତି ଅରବିନ୍ଦ ନାୟକ, ସୁଧାଂଶୁ ଶେଖର ଦାସ, ନିମାଇଁ ଜେନା କଂଗ୍ରେସ ନେତା ସୌଭାଗ୍ୟ ରଞ୍ଜନ ରାଉତଙ୍କ ସମେତ ଜିଲ୍ଲା ଦଳିତ ମହା ସଂଘ ର ସଦସ୍ୟ ମାନେ ସାମିଲ ଥିଲେ।

# ଓଡିଆ ଭାଷା ସାହିତ୍ୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ

ବାରିପଦା, ୭/୮ (ନି.ପ୍ର): ଦେଶର ୮୦ତମ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଜିଲ୍ଲା ପ୍ରଶାସନଙ୍କ ମାର୍ଗଦର୍ଶନରେ ଜିଲ୍ଲାର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ମୟୂରଭଞ୍ଜ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ହାଇସ୍କୁଲ ସ୍ତରୀୟ ଓଡିଆ ଭାଷା ସାହିତ୍ୟ କୁଇଜ୍ ପ୍ରତିଯୋଗିତା ବାରିପଦା ଏମ୍.ପି.କେ. ବାଳିକା ଉଚ୍ଚବିଦ୍ୟାଳୟ ସଭାଗୃହରେ ଆୟୋଜିତ ହୋଇଯାଇଛି। ବିପରୀତ ପାଣିପାଗ ସତ୍ତ୍ୱେ, ସହର ତଥା ଆଖପାଖ ବିଦ୍ୟାଳୟ ଯଥା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତୁଳସୀଚଉରା, ସାଇ ବିଦ୍ୟା ମନ୍ଦିର କାଠପାଳ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ରାଣୀଭୋଳ, ଏମ୍.କେ.ସି. ହାଇସ୍କୁଲ ବାରିପଦା, ସାଇ ଆଦର୍ଶ ଉଚ୍ଚ ବିଦ୍ୟାଳୟ,



ସେଣ୍ଟ୍ ଜାଭିୟରସ୍ ହାଇସ୍କୁଲ୍ ଏବଂ ହରି ବଳଦେବ ଜୀଉ ଶିଶୁ ମନ୍ଦିର ବାରିପଦା ଆଦିର ଅନୁନ୍ୟ ୩୩ ଜଣ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଓଡିଆ ଭାଷା ସାହିତ୍ୟର ଏହି କୁଇଜ୍ ପ୍ରତିଯୋଗିତାରେ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ହୋଇଛନ୍ତି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତୁଳସୀଚଉରାର ୧୦ମ ଶ୍ରେଣୀ ଛାତ୍ର ଆନନ୍ଦ ରାଜ ପାଣିଗ୍ରାହୀ ଓ ଆୟୁଷ ସାମଲ। ତୃତୀୟ ସ୍ଥାନ ଲାଭ କରିଛନ୍ତି ଦୁଇଜଣ ଛାତ୍ରଛାତ୍ରୀ ସାଇ ଆଦର୍ଶ ଉଚ୍ଚ ବିଦ୍ୟାଳୟ ୧୦ମ ଶ୍ରେଣୀର ସୌମ୍ୟଶ୍ରୀ ବାରିକ ଏବଂ ପିଏମଶ୍ରୀ ଏମ୍.କେ.ସି. ହାଇସ୍କୁଲର ୯ମ ଶ୍ରେଣୀ ଶିକ୍ଷାର୍ଥୀ ସାଇକ୍ରିଷ୍ଣା ଗୋଚ୍ଛାୟତ। ଏହି କାର୍ଯ୍ୟକ୍ରମକୁ ପରିଷଦର କର୍ମକର୍ତ୍ତା ଓ ସଭ୍ୟ/ସଭ୍ୟା ସର୍ବଶ୍ରୀ ପଦ୍ମନାଭ ସାହୁ, ଇଂ ମନୋଜ କୁମାର ଦଳବେହେରା, ଅଜିତ କୁମାର କବାଟ, ସୁଶ୍ରୀ କାବେରୀ ମିଶ୍ର, ଜୟନ୍ତ କୁମାର ଦ୍ୱାରୀ, ପଣ୍ଡିତ ଭାଗବତ ପ୍ରସାଦ ପଣ୍ଡା , ସମରେନ୍ଦ୍ର କୁମାର ବଶା, ସୁମିତା ବେହେରା ଓ ଭାସ୍ୱତୀ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ । ପରୀକ୍ଷାର ମୂଲ୍ୟାୟନ ପାଇଁ ବିଚାରକ ମଣ୍ଡଳୀ ଭାବରେ କୃତୀଶିକ୍ଷକ ନରସିଂହ ବାରିକ, କୈବଲ୍ୟ ପ୍ରସାଦ ମହାପାତ୍ର ଓ ଡଃ ଭକ୍ତ ହରି ମହାନ୍ତ ଏବଂ ଶଙ୍କର ଜେନା ପ୍ରମୁଖ ଯୋଗ ଦେଇଥିଲେ।

# ଶିକ୍ଷକ ସଂଘର ଅଭିନବ ପ୍ରୟାସ: ତାଳ, ନଡ଼ିଆ, ଗୁଆ ଓ ଖଜୁରି ଗଛ ରୋପଣ ପାଇଁ ସଚେତନତା କାର୍ଯ୍ୟକ୍ରମ

ଉଦଳା , ୮/୮ (ନି.ପ୍ର): ଉଦଳାସ୍ଥିତ ପ୍ରାଥମିକ ଶିକ୍ଷକ ସଂଘର କାର୍ଯ୍ୟାଳୟ ପରିସରରେ ଆଜି ଅଗଷ୍ଟ ୮ ତାରିଖ ଶନିବାର ଦିନ ବ୍ୟାପକ ଅଂଚଳରେ ତାଳ, ନଡ଼ିଆ, ଗୁଆ ଓ ଖଜୁରି ଗଛ ରୋପଣ ପାଇଁ ପ୍ରସ୍ତୁତି ପର୍ବ ସହିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ପ୍ରାଥମିକ ଶିକ୍ଷକ ସଂଘର ଜିଲ୍ଲା ସଭାପତି ଆରତ କୁମାର ପରିଡ଼ାଙ୍କ ନେତୃତ୍ୱରେ ଆୟୋଜିତ ଆଜିର ଏହି କାର୍ଯ୍ୟକ୍ରମରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ଉପନଗରପାଳ ଲିଲି ଭୋଳ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରି ଆୟୋଜକ ମାନଙ୍କର ଉଦ୍ୟମକୁ ଭୁୟସୀ ପ୍ରଶଂସା କରିଥିଲେ । ସ୍ଥାନୀୟ ରେଂଜର ସୁଶାନ୍ତ କୁମାର ବାଗ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ତାଳ, ନଡ଼ିଆ, ଗୁଆ ଓ ଖଜୁରି ଗଛ ବଂଚି ରହିବା ପାଇଁ ଏଠାକାର ଜଳବାୟୁ ଓ ମାଟି ବେଶ ଅନୁକୂଳ ରହିଛି । ତାଛଡ଼ା ଏହି ଗଛ ଗୁଡ଼ିକୁ ବଂଚାଇ ରଖିବା ପାଇଁ ସେଭଳି ଯତ୍ନର ଆବଶ୍ୟକତା ପଡ଼ିନଥାଏ ବୋଲି ବ୍ୟକ୍ତ କରିଥିଲେ । ଉଦଳା ରୋଟାରି କ୍ଲବର ସଭାପତି ଅଜୟ ବେହେରା ଓ ସଚେତନ ନାଗରିକ ମହାମଂଚର ଅଶୋକ ମହାନ୍ତି ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ପରିବେଶ ପ୍ରତି ଏହି ଗଛ ଗୁଡ଼ିକର ଆବଶ୍ୟକତା କେତେ ଅଧିକ ସେ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ପରେ ସଂଘ କାର୍ଯ୍ୟାଳୟ କାର୍ଯ୍ୟାଳୟ ପରିସରରେ କେତୋଟି ଗୁଆ ଗଛ ରୋପଣ କରାଯାଇଥିଲା । ପ୍ରାରମ୍ଭରେ ଲଳିତ ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସତ୍ୟେନ୍ଦୁ ଜେନା କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ । ଏହାକୁ ସଫଳ କରିବା ପାଇଁ ମାଳତୀ ବେହେରା, କୃଷ୍ଣଚନ୍ଦ୍ର ମହାନ୍ତ, ପାର୍ବତୀ ମୁର୍ମୁ, କୁଳମଣି ବେହେରା, ବ୍ରଜକିଶୋର ବିନ୍ଧାଣି, ଇନ୍ଦିରା ପ୍ରିୟଦର୍ଶନୀ ସାମଲ , ସ୍ୱାତି ବେଜ, ପ୍ରଫୁଲ ସେଠୀ, ସୁଦର୍ଶନ ନାୟକ, ଅଜୟ ପତି ପ୍ରମୁଖ ସହଯୋଗ କରିଥିଲେ ।

# ବାଲିଅନ୍ତା ସୌମ୍ୟ ହତ୍ୟା ମାମଲା: ଜାମିନରେ ମୁକୁଳିଲେ ୫

ଭୁବନେଶ୍ୱର, ୮/୮ (ନି.ପ୍ର): ବାଲିଅନ୍ତା ବହୁଚର୍ଚ୍ଚିତ ଜିଆରପି କନଷ୍ଟେବଲ ସୌମ୍ୟରଂଜନ ସ୍ୱାଇଁ ହତ୍ୟାକାଣ୍ଡ ମାମଲାରେ ଗିରଫ ହୋଇଥିବା ୨୦ ଜଣଙ୍କ ମଧ୍ୟରୁ ୫ ଜଣ ଆଜି ଜାମିନରେ ଝାରପଡ଼ା ଜେଲରୁ ମୁକୁଳିଛନ୍ତି । କ୍ରାଇମ୍ ବ୍ରାଞ୍ଚ ଦାଖଲ କରିଥିବା ଚାର୍ଜସିଟ୍‌ରେ ୨୦ ଜଣଙ୍କ ମଧ୍ୟରୁ ୧୧ ଜଣଙ୍କ ବିରୋଧରେ ପ୍ରମାଣ ଦାଖଲ କରିଥିବା ବେଳେ ଅବଶିଷ୍ଟ ୯ ଜଣଙ୍କ ବିରୋଧରେ ପ୍ରମାଣ ନ ମିଳିବାରୁ ଚାର୍ଜସିଟରେ ସେମାନଙ୍କ ନାଁ ଦାଖଲ କରିନଥିଲା । ସେହି ୯ ଜଣଙ୍କ ମଧ୍ୟରୁ ୫ ଜଣଙ୍କୁ କୋର୍ଟ ଜାମିନ ପ୍ରଦାନ କରିବା ପରେ ସେମାନେ ଜେଲରୁ ମୁକୁଳିଛନ୍ତି ।

# ବାଧୁଛି ରାସନ ପୀଡ଼ା: ଘଣ୍ଟା ଘଣ୍ଟା ଅପେକ୍ଷା

## ■ନୂଆ ମାର୍ଗଦର୍ଶିକା, ସର୍ଭର ଧିମା ଯୋଗୁ ଯନ୍ତ୍ରଣା
## ■ଜଣେ ହିତାଧିକାରୀଙ୍କୁ ବାୟୋମେଟ୍ରିକ ଲାଗି ୨୦ ମିନିଟ
## ■କେଉଁଠି ଆଖି ମିଶୁଛି ତ କେଉଁଠି ଟିପ ମିଶୁନି

ବାଲିଆପାଳ, ୮/୮ (ନି.ପ୍ର): ରାଜ୍ୟରେ ରେ ଗରିବ ଲୋକଙ୍କ ଲାଗି ମାଗଣାରେ ରାସନ ଚାଉଳ ମିଳୁଛି । ଜଣେ ହିତାଧୀକାରୀଙ୍କୁ ମୁଣ୍ଡ ପିଛା ୫ କେଜି ଚାଉଳ ଦିଆଯାଉଛି । ଏବେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ଆଉ ୫ କେଜି ମିଳୁଛି । ଏହାରି ଭିତରେ ପୁରୁଣା ଖାତା ବଦଳିଛି, ନୂଆ ଗେରୁଆ ଖାତା ମିଳିଛି ଢ଼ ତେବେ ଡିଲରଙ୍କୁ ମିଳିଛି ନୂଆ ମେସିନ ଓ ନିୟମରେ ବି ପରିବର୍ତ୍ତନ ହୋଇଛି । ନୂଆ ମାର୍ଗଦର୍ଶିକା ଯୋଗୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି ହିତାଧିକାରୀଙ୍କୁ ଲୋକଙ୍କୁ ଏବେ ମାଗଣା ଚାଉଳଠୁ ବଳିଯାଉଛି ଅପେକ୍ଷାର ପୀଡ଼ା। ବାଲିଆପାଳ ବ୍ଲକ ରେ ସମୁଦାୟ ୧୦ ହଜାର ରୁ ଅଧିକ ରାସନ କାର୍ଡ ହିତାଧିକାରୀ ଅଛନ୍ତି



ବିଧାନସଭାରେ ତଥ୍ୟ ରଖିଥିଲେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରାଜ୍ୟ ସରକାର ଏବେ ରାସନକାର୍ଡ ପରିବର୍ତ୍ତନ କରିଛନ୍ତି । ପୁରୁଣା ସବୁଜ ରାସନକାର୍ଡ ବଦଳରେ ଗେରୁଆକାର୍ଡ. ହିତାଧିରୀଙ୍କୁ ଦିଆଯାଇଛି । ଏହା ସହିତ ହିତାଧିକାରୀଙ୍କୁ ମୁଣ୍ଡପିଛା ୫ କେଜି ଚାଉଳ ମିଳୁଥିବା ବେଳେ ଅତିରିକ୍ତ ୫ କେଜି ଦିଆଯାଉଛି । ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଅତିରିକ୍ତ ୫ କେଜି ଚାଉଳ ବଣ୍ଟନ ହେଉଛି । ବର୍ତ୍ତମାନ ସରକାରଙ୍କ ପକ୍ଷରୁ ନୂଆ ମେସିନ୍ ଡିଲରମାନଙ୍କୁ ଦିଆଯାଇଥିବା ବେଳେ ମାର୍ଗଦର୍ଶିକା ବି ବଦଳିଛି ।ପୂର୍ବରୁ ଗୋଟିଏ ଥର ଆଖି ବା ଟିପ ବାୟୋମେଟ୍ରିକ ଭାବେ ଦିଆଯାଉଥିବା ବେଳେ ଏବେ କିନ୍ତୁ ଦୁଇ ଥର ଆଖି ଦିଆଯାଉଛି । ଦୁଇଥର ଆଖି ଦେବା ସମୟରେ ବାୟୋମେଟ୍ରିକ୍ ଗ୍ରହଣ କରୁନଥିବାବେଳେ ୩ରୁ ୪ଥର ଆଖି ବାୟୋମେଟ୍ରିକ କରାଯିବା ଯୋଗୁ ସମୟ ପ୍ରାୟ ୨୦ ମିନିଟ୍ ଲାଗୁଛି । ସେହିପରି ଗୋଟିଏ ଥର ଚାଉଳ ଓଜନ ହେଉଥିବା ବେଳେ ଏଥର କିନ୍ତୁ ୨ରୁ ୪ ଥର ପର୍ଯ୍ୟନ୍ତ ଚାଉଳ ଓଜନ କରାଯିବାକୁ ନିର୍ଦ୍ଦେଶ ରହିଛି। ଚାଉଳ ଓଜନ ଯନ୍ତ୍ର ବାୟୋମେଟ୍ରିକ ସହିତ ଯୋଡା ଯାଇଥିବାରୁ ସେଥିରୁ ବିଲ ମଧ୍ୟ ବାହାରୁଛି ଢ଼ ଏହି ସମସ୍ତ ପ୍ରକ୍ରିୟା ସରିବାକୁ ପ୍ରାୟ ୩୦ ମିନିଟ୍ ସମୟ ଲାଗୁଛି । ଫଳରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା ଯନ୍ତ୍ରଣା ଭୋଗୁଛନ୍ତି ହିତାଧିକାରୀ ଢ଼ଯେଉଁଠି ଦିନକରେ ଗୋଟିଏ ୱାର୍ଡକୁ ଚାଉଳ ବଣ୍ଟନ କରାଯାଉଥିଲା, ଏବେ କିନ୍ତୁ ଦୈନିକ ୨୦ରୁ ୨୫ ଜଣ ହିତାଧିକାରୀଙ୍କୁ ଚାଉଳ ଦିଆଯାଉଛି । ବିଡମ୍ବନାର ବିଷୟ ଯେ ପ୍ରତ୍ୟେକ ଦିନ ସର୍ଭର ଧିମା ହେବା କାରଣରୁ ହିତାଧିକାରୀଙ୍କ ବାୟୋମେଟ୍ରିକ ହୋଇପାରୁନି । ଫଳରେ ବାରମ୍ବାର ଡିଲର ପାଖକୁ ଆସି ଫେରୁଛନ୍ତି ହିତାଧିକାରୀ ଓ ଏଭଳି ସମସ୍ୟା ସମ୍ପର୍କରେ ଖାଦ୍ୟ ଯୋଗାଣ ଅଧିକାରୀ ବିଷ୍ଣୁପ୍ରସାଦ ମହାରଣା ଅବଗତ ଥିଲେ ମଧ୍ୟ କୌଣସି ସମାଧାନ ବାଟ କାଢୁ ନାହାନ୍ତି । ଯଦି ଏଭଳି ସମସ୍ୟା ଲାଗି ରହେ ତେବେ ରାସନ ଚାଉଳ ବଣ୍ଟନରେ ବହୁ ବିଳମ୍ବ ହେବା ସହ ଅନିୟମିତତା ଦେଖାଦେବ ବୋଲି ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।

# ସାଲନ୍ଦୀ କେନାଲରେ ଗୋଡ ଖସିଯିବାରୁ ନାବାଳକର ମୃତ୍ୟୁ

ନୀଳଗିରି, ୮/୮ (ନି.ପ୍ର): କେନାଲରେ ପଡି ଜଣେ ନାବାଳକର ମୃତ୍ୟୁ ।ନୀଳଗିରି ଏନ.ଏ.ସି. ଅଧୀନସ୍ଥ ବରିସାହି ୫ୱାର୍ଡରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ବରିସାହି ନିକଟଦେଇ ଯାଇଥିବା ସଲନ୍ଦୀ କେନାଲ ନିକଟକୁ ଭାଇ ସହିତ ବୁଲିବାକୁ ଯାଇଥିବା ଜଟା ଧାଉଁଡିଆଙ୍କ ୮ବର୍ଷର ନାବାଳକ ଶିଶୁପୁତ୍ର ତପନ ଧାଉଁଡିଆ ଗୋଡହାତ ଧୋଇବାକୁ କେନାଲକୁ ଯାଇଥିବା ବେଳେ ଗୋଡଖସିଯିବା ଫଳରେ କେନାଲରେ ଭାସି ଯାଇଥିଲେ। ସଙ୍ଗେସଙ୍ଗେ ନିକଟରେ ଥିବା ଭାଇ ଡାକପକାଇବା ଯୋଗୁଁ ନିକଟସ୍ଥ ଗ୍ରାମବାସୀ ଓ ସ୍ଥାନୀୟ ଯୁବକମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ପରେ ଅଗ୍ନିଶମବାହିନୀକୁ ଖବର ଦିଆଯାଇଥିଲା। ଅଗ୍ନିଶମ ବାହିନୀର କର୍ମଚାରୀ ଏବଂ ସ୍ଥାନୀୟ ଲୋକଙ୍କ ମିଳିତ ଉଦ୍ୟମପରେ ପ୍ରାୟ ୨ଘଣ୍ଟା ପରେ ନାବାଳକକୁ ଉଦ୍ଧାର କରାଯାଇଥିଲା। ତୁରନ୍ତ ନୀଳଗିରି ଶିଶୁଟିକୁ ନୀଳଗିରି ଡାକ୍ତରଖାନାକୁ ନିଆଯାଇଥିଲେ ହେଁ ଡାକ୍ତର ସେଠାରେ ତାକୁ ମୃତ ଘୋଷଣା କରିଥିଲେ । ପରିବାରରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଥିଲା।ସୂଚନା ଅନୁଯାୟୀ ଉକ୍ତ ମୁକୁଳା କେନାଲରେ ପୂର୍ବରୁ ମଧ୍ୟ ଜୀବନ ଯାଇଥିବା ଜଣାଯାଇଛି।




# ଝାଡ଼ାବାନ୍ତିରେ ଆକ୍ରାନ୍ତ ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିଲେ ସିପିଏମର ପ୍ରତିନିଧି ଦଳ

ଜଳେଶ୍ୱର, ୮/୮ (ନି.ପ୍ର): ଜଳେଶ୍ୱର ବ୍ଲକର ବର୍ତ୍ତନା ପଞ୍ଚାୟତ ଅନ୍ତର୍ଗତ ଖରିଦା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଉକ୍ତ ଗ୍ରାମର ବିଜୟ ମହାନ୍ତିଙ୍କ ନୂତନ ଗୃହ ପ୍ରବେଶରେ ଆୟୋଜିତ ଭୋଜି ଖାଇ ଶତାଧିକ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ପ୍ରାଥମିକ ଅବସ୍ଥାରେ ୬୫ ଜଣ ଜି କେ ଭଟ୍ଟର ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିବା ବେଳେ ଆକ୍ରାନ୍ତ ରୋଗୀ ବୃହା ଚାଲିଛି। ଏହି ସଂଖ୍ୟା କେତେରେ ପହଞ୍ଚିବ ତାହା ଆକଳନ କରିବା ମୁସ୍କିଲ ହୋଇପଡିଛି। ଏଥିରୁ ପନ୍ଦର ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବାଲେଶ୍ୱର ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଉଦବେଗର ବିଷୟ ଏହି ରୋଗୀ ମାନଙ୍କ ଭିତରେ କୋଡ଼ିଏରୁ ଅଧିକ ପିଲା ଯେଉଁମାନଙ୍କର ବୟସ ଦଶ ବାର ବର୍ଷ। ଅବଶ୍ୟ ଜଳେଶ୍ୱର ଡାକ୍ତରଖାନା କର୍ତ୍ତୃପକ୍ଷ ଏହି ଘଟଣାର ଗମ୍ଭୀରତାକୁ ଅନୁଭବ କରି ଅନ୍ୟ



ଡାକ୍ତରଖାନାର ଡାକ୍ତରଙ୍କ ସାହାଯ୍ୟ ନେଇଛନ୍ତି। ଏକ ଚିକିତ୍ସକ ଦଳ ଉକ୍ତ ଗ୍ରାମକୁ ଯାଇ ପ୍ରାଥମିକ ଚିକିତ୍ସା କରିଛନ୍ତି। ହାତୀଗଡ ଡାକ୍ତରଖାନାର ଡାକ୍ତର ଭୀଷ୍ମ ପରିଡ଼ା ଏବଂ ଜଳେଶ୍ୱର ହସ୍ପିଟାଲ ସୁପାରିନଟେନଡେଣ୍ଟ ଡାକ୍ତର ଦିଲ୍ଲୀପ ପାତ୍ରଙ୍କ ସମେତ ଅନ୍ୟ ଡାକ୍ତର ଓ ନର୍ସମାନେ ରୋଗୀଙ୍କ ଚିକିତ୍ସା କରୁଥିବା ବେଳେ ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ର ଏକ ପ୍ରତିନିଧି ଦଳ ଡାକ୍ତରଙ୍କ ସହିତ ଆଲୋଚନା କରିବା ସହିତ ରୋଗୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବୁଝିଛନ୍ତି।ଏହି ପ୍ରତିନିଧି ଦଳରେ ଥିବା ଦଳର ବରିଷ୍ଠ ନେତା ଦିଲ୍ଲୀପ କୁମାର ଗିରି, ଦିପ୍ତିମାନ ଆଚାର୍ଯ୍ୟ, ରବିନ୍ଦ୍ର ବାରିକ, ଇନ୍ଦ୍ରଜିତ ପାଳ ରୋଗୀମାନେ ଯେମିତି ସମସ୍ତ ପ୍ରକାର ଉନ୍ନତ ଚିକିତ୍ସା ପାଇବେ ସେ ଦିଗରେ ଉଚିତ ପଦକ୍ଷେପ ନେବାକୁ ଡାକ୍ତରମାନଙ୍କୁ ଅନୁରୋଧ କରିଛନ୍ତି।

❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida